

ମୋଦୀଙ୍କ ଅଭିନନ୍ଦନ ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 223 | ଭାଗ ୩୨ | ସଂଖ୍ୟା ୨୨୩ | Bhubaneswar | Thursday 7 November 2024 | Page 8 Rs. 4.00 | ଭୁବନେଶ୍ୱର | ଗୁରୁବାର ୭ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଗଙ୍ଗା ସଫେଇ ଅଭିଯାନ | ୨୫ ହଜାର କିମି ଜଳଯାତ୍ରାରେ ଓଡ଼ିଆ ଝିଅ



ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ଦେଶର ସୁରକ୍ଷା ସହିତ ଗଙ୍ଗା ସଫେଇ ସଚେତନତା ଅଭିଯାନରେ ବାହାରିଛନ୍ତି ଓଡ଼ିଆ ଝିଅ ତଥା ବିଏସ୍ଏଫ୍ ଯବାନ ଦୀପ୍ତିମୟୀ ତରାଇ। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଓରା ଗାଁର ଦୀପ୍ତିମୟୀ ଗଙ୍ଗା ସଫେଇ ସଚେତନତା ଅଭିଯାନରେ ସାମିଲ ହୋଇ ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ଅଭିମୁଖେ ପ୍ରାୟ ୨୫ ହଜାର କିଲୋମିଟର ଜଳ ଯାତ୍ରାରେ ବାହାରିଛନ୍ତି। ଡିସେମ୍ବର ୨୪ରେ ଜଳଯାତ୍ରା ଶେଷ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଗଙ୍ଗାର ଉତ୍ପତ୍ତି ସ୍ଥଳ ଗଙ୍ଗୋତ୍ରୀରୁ ବାହାରି ଗଙ୍ଗା ସାଗର ଯାଏଁ ଜଳପଥରେ ଯାତ୍ରା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଦୀପ୍ତିମୟୀ ଓ ତାଙ୍କ ଟିମ୍। ଏହି ଅଭିଯାନରେ ସାମିଲ ହୋଇଛନ୍ତି ବିଏସ୍ଏଫ୍ ମହିଳା ୟୁନିଟ୍‌ର ୨୦ ଯବାନ। ନଭେମ୍ବର ୨ରୁ ଜଳଯାତ୍ରା ଆରମ୍ଭ ହୋଇଛି। ଗଙ୍ଗୋତ୍ରୀରୁ ଓଡ଼ିଶା ଲୋକମାନଙ୍କୁ ନିଜ ଅଭିଯାନ ସଂପର୍କରେ ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି ଦୀପ୍ତିମୟୀ। ଉକ୍ତ ଦୁଃସାହସିକ ପଦକ୍ଷେପ ଲାଗି ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଦାନା କ୍ଷୟକ୍ଷତି
### ୭ ଦିନ ଭିତରେ ଟଙ୍କା ବାଣ୍ଟିବେ ଜିଲ୍ଲାପାଳ



ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ବାତ୍ୟା ଦାନାରେ ଯେଉଁମାନଙ୍କର କ୍ଷୟକ୍ଷତି ହୋଇଛି ସେମାନଙ୍କୁ ଆଗାମୀ ୭ ଦିନ ଭିତରେ ନିଜ ନିଜ ଜିଲ୍ଲାପାଳଙ୍କ ଠାରୁ ସହାୟତା ରାଶି ପାଇବେ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ସଂଧ୍ୟା ସୁଦ୍ଧା ବିଭିନ୍ନ ଜିଲ୍ଲାକୁ ଅନଲାଇନରେ ଟଙ୍କା ପଠାଯାଇଛି। ସେ କହିଛନ୍ତି, ଦାନା ପ୍ରଭାବରେ ୬୧୬ କୋଟି ୧୯ ଲକ୍ଷ ୩୦ ହାଜର ଟଙ୍କା କ୍ଷତି ହୋଇଛି। ୧୪ ଜିଲ୍ଲାର ୧୬୬ବ୍ଲକ ଭିତରୁ ୧୩୧ ଓ ୧୧ ହଜାର ୬୩୭ ଗାଁ ପ୍ରଭାବିତ ହୋଇଛି । ୪୧ ଲକ୍ଷ ୪ ହଜାର ଲୋକ ଓ ୩୬୨୯୩୫.୩୭ ହେକ୍ଟର ଜମି ପ୍ରଭାବିତ ହୋଇଛି। ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିଲେ କ୍ଷତି ପୂରଣ ଇନପୁଟ ସବସିଡି ଭିତରକୁ ଆସିବ। ୮୭୮୫୫.୪୭ ହେକ୍ଟର ଜମିରେ ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଛି। ୬୪୧୭ ଘର ଆଂଶିକ ବା ସଂପୂର୍ଣ୍ଣ ପ୍ରଭାବିତ ହୋଇଛି। କୃଷି, ଶକ୍ତି, ପଞ୍ଚାୟତିରାଜ, ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ , ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ ବିଭାଗର ୫୧୨ କୋଟି ୨୬ଲକ୍ଷ୧୬ ହଜାର ଟଙ୍କା କ୍ଷତି ଘଟିଛି। ବାତ୍ୟା ସମୟରେ ରିଲିଫ, ଖାଦ୍ୟ ଯୋଗାଣ, ମେଡିକାଲ ସେବା ପାଇଁ ଖର୍ଚ୍ଚ ହୋଇଛି ୨୩ କୋଟି ୭୩ ଲକ୍ଷ ୭୬ହଜାର ଟଙ୍କା।

# ପ୍ରାଥମିକ ଶିକ୍ଷା ପାଇଁ ନୂଆ ଯୋଜନା




- ଖୁବ୍ ଶୀଘ୍ର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ଖୁବ୍ ଶୀଘ୍ର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ କରିଥିବା ସମୀକ୍ଷାରୁ ଜଣାଯାଇଛି।

ବୈଠକରୁ ଜଣାଯାଇଛି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସମୁଦାୟ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟ ଗୁଡିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ। ଏହା ଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ➪ପୃଷ୍ଠା-୬

# ଟ୍ରମ୍ପ ରିଟର୍ଣ୍ଣସ୍



- ଆମେରିକାରେ ସୁବର୍ଣ୍ଣ ଯୁଗ ଆସିବ
- ନିର୍ଣ୍ଣାୟକ ହେଲେ ସୁଇଙ୍ଗ୍ ଷ୍ଟେଟ୍

ୱାଶିଂଟନ, ୬।୧୧: ଦୁନିଆର ସର୍ବାଧିକ ଶକ୍ତିଶାଳୀ ଦେଶ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଜେ ଟ୍ରମ୍ପ (୭୮) ପ୍ରତିଦ୍ୱନ୍ଦ୍ୱୀ ତଥା ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀ ତଥା ଉପରାଷ୍ଟ୍ରପତି କମଳା ହାରିସ (୬୦)ଙ୍କୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛନ୍ତି। ୨୦୨୫ ଜାନୁଆରୀ ୨୦ରେ ଟ୍ରମ୍ପ ୪୭ ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ହ୍ୱାଇଟ୍ ହାଉସ୍ ଲଢ଼େଇରେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ ଟ୍ରମ୍ପ ମ୍ୟାଜିକ ନମ୍ବର ୨୭୦ ପାର କରି ୨୭୭ ଇଲେକ୍ଟୋରାଲ ଭୋଟ୍ ପାଇବା ସହିତ ୪ ବର୍ଷ ପରେ କମ୍‌ବ୍ୟାକ୍ କରିଛନ୍ତି। ହାରିସଙ୍କୁ ୨୨୬ ଭୋଟ୍ ମିଳିଛି। ୨୦୨୦ ଅପେକ୍ଷା ଟ୍ରମ୍ପଙ୍କୁ ୪% ବା ୫୯.୩ % ଭୋଟ୍ ମିଳିଥିବା ବେଳେ ହାରିସ୍‌ଙ୍କୁ ୪୦.୮% ଭୋଟ୍ ମିଳିଛି। ବିଜୟ ପରେ ପତ୍ନୀ ମେଲାନିଆ, ପରିବାର, ସମର୍ଥକ, ମାର୍କିନ ନାଗରିକ ଓ ଏଲନ ମସ୍କଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଫ୍ଲୋରିଡ଼ାର ୱେଷ୍ଟ ପାମ୍ ➪ପୃଷ୍ଠା-୬

## ଭାରତ ପାଇଁ ନୂଆ ସମ୍ଭାବନା

ନୂଆଦିଲ୍ଲୀ, ୬।୧୧: ଆମେରିକାର ୪୭ ତମ ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ପାଇଁ ଡୋନାଲ୍ଡ ଜେ ଟ୍ରମ୍ପ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେଶ୍ ଉତ୍‌ଫୁଲିତ ହୋଇ ପଡ଼ିଛନ୍ତି। ଟ୍ରମ୍ପଙ୍କ କମ୍‌ବ୍ୟାକ୍ ପରେ ଭାରତ ପାଇଁ କ'ଣ ଫାଇଦା ହେବ ତାହାକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି।

ଅଭିନନ୍ଦନ ଜଣାଇବା ଅବସରରେ ଟ୍ରମ୍ପଙ୍କୁ ବନ୍ଧୁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବା ସହିତ ତାଙ୍କ ସହିତ ଉଠାଇଥିବା କିଛି ଫଟୋ ପୋଷ୍ଟ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ମୋଦି ତାଙ୍କ ସପକ୍ଷରେ ମତଦେଇଥିଲେ। ପ୍ରଚାର ସମୟରେ ଟ୍ରମ୍ପ ମଧ୍ୟ ଭାରତୀୟ ପୋଷାକ ପରିଧାନ କରି ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରିଥିଲେ।

ନିର୍ବାଚନ ପୂର୍ବରୁ ଟ୍ରମ୍ପ ଭାରତ ଏବଂ ୟୁଏସଏର ସମ୍ପର୍କ ନେଇ ଦୃଢ଼ ବୟାନ ଦେଇଥିଲେ । ସେ ଆମେରିକାର ରାଷ୍ଟ୍ରପତି ହେଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ ହେବ । ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଅର୍ଥାଭାବରୁ କୌଣସି ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ଅଧାରୁ ବନ୍ଦ ହେବ ନାହିଁ । କେନ୍ଦ୍ର ସରକାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଆରମ୍ଭ କରିଥିବା ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନାକୁ ବୁଧବାର କେନ୍ଦ୍ରୀୟ କ୍ୟାବିନେଟ୍ ମଞ୍ଜୁରି ଦେଇଛି। ବର୍ଷକୁ ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାର ଲାଭ ମିଳିବ।
- ରାଜସ୍ଥାନର ସାୱାଇ ମାଧୋପୁର ଜିଲ୍ଲାରେ ଅବସ୍ଥିତ ରଣଥମ୍ବୋର ଟାଇଗର ରିଜର୍ଭରୁ ୨୫ଟି ବାଘ ନିଖୋଜ ଅଛନ୍ତି। ଏହାର ତଦନ୍ତ ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି।
- ଯମୁନା କୂଳରେ ଛଟ୍ ପୂଜା ପାଇଁ ଅନୁମତି ଲୋଡ଼ି ଦିଲ୍ଲୀ ହାଇକୋର୍ଟରେ ଦାଏର ଜନସ୍ୱାର୍ଥ ମାମଲା ଖାରଜ। ଗତବର୍ଷ ମଧ୍ୟ ଯମୁନା ନଦୀ କୂଳରେ ଛଟ ପୂଜାକୁ ଅନୁମତି ଦେଇ ନ ଥିଲେ ହାଇକୋର୍ଟ ।
- ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ୪୦ ବିଦ୍ରୋହୀଙ୍କୁ ବହିଷ୍କାର କଲା ବିଜେପି।
- ହିମାଚଳ ପ୍ରଦେଶରେ କଂଗ୍ରେସ ସଂଗଠନକୁ ଭାଙ୍ଗିଲା ଏଆଇସିସି।
- ବିଜେପି ଓ ଆରଏସ୍ଏସ୍ ଯେତେବେଳେ ଏହି ସମ୍ବିଧାନ ଉପରେ ଆକ୍ରମଣ କରନ୍ତି ସେମାନେ କେବଳ ଏହି ବହି ଉପରେ ନୁହେଁ ଦେଶର ସ୍ୱର ଉପରେ ଆକ୍ରମଣ କରନ୍ତି। ସମ୍ବିଧାନ ନ ଥିଲେ ନିର୍ବାଚନ ଆୟୋଗ ନ ଥାନ୍ତା ବୋଲି ମହାରାଷ୍ଟ୍ରର ନାଗପୁରରେ ଆୟୋଜିତ ନିର୍ବାଚନ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମତଦେଇଛନ୍ତି।
- ଆର୍ଟ ଅଫ ଲିଭିଂର ମୁଖ୍ୟ ତଥା ଆଧ୍ୟାତ୍ମିକ ଗୁରୁ ଏବଂ ମାନବତାବାଦୀ ଶ୍ରୀ ଶ୍ରୀ ରବି ଶଙ୍କରଙ୍କୁ ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅନରାରି ଅଫିସର ଅଫ ଦି ଅର୍ଡ଼ର ଅଫ ଫିଜି'ରେ ସମ୍ମାନିତ କଲା ଫିଜି।

# ପାଉଁଶ କାରବାରରେ ବାବୁଙ୍କ ପକେଟ ଗରମ

### ବୁଝାମଣା ଭିତ୍ତିରେ ବେପାର
### ପାଉଁଶ ପରିବହନକାରୀଙ୍କୁ ଅଗ୍ରୀମ ୫୦ଲକ୍ଷ

ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ଶକ୍ତି ଉତ୍ପାଦନ କରି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ଯେତିକି ଲାଭବାନ ହେଉଛି ତାହାଠାରୁ ଅଧିକ ଲାଭରେ ରହୁଛନ୍ତି ପାଉଁଶ କାରବାର କରୁଥିବା ବାବୁମାନେ। ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶ ଏବେ ବିନା ଟେଣ୍ଡରରେ ବୁଝାମଣା ଭିତ୍ତିରେ ପରିବହନ ହେଉଥିବାବେଳେ ପରିବହନକାରୀ ସଂସ୍ଥାଙ୍କୁ ଅଗ୍ରୀମ ୫୦ଲକ୍ଷ ଟଙ୍କା। ପଇଠ ହେବାପରେ ଏଭଳି ଆଶଙ୍କା ବଢ଼ିବାରେ ଲାଗିଛି।

ମିଳିଥିବା ସୂଚନା ଅନୁଯାୟୀ, ଓପିଜିସିରୁ ଦୈନିକ ପ୍ରାୟ ୧୦ହଜାର ଟନ୍ ପାଉଁଶ ବାହାରୁଥିବାବେଳେ ଏହାକୁ ବିନିଯୋଗ କରିବା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଗତବର୍ଷ ଶେଷ ଭାଗରେ ପାଉଁଶ ପୋଖରୀ ଭାଙ୍ଗିଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାକୁ ନେଇ ଥିବା ସନ୍ଦେହ ଦୂର ହୋଇନାହିଁ। ତେଣୁ ବାହାରୁଥିବା ପାଉଁଶକୁ ହଟାଇବା ପାଇଁ କର୍ତ୍ତୃପକ୍ଷ ଲାଗି ପଡ଼ିଛନ୍ତି।

ଏହି ମଉକାରେ ପୂର୍ବଭଳି ଟେଣ୍ଡର କରିବା ବଦଳରେ ବୁଝାମଣା ଭିତ୍ତିରେ ପାଉଁଶ ପରିବହନ ପାଇଁ ବାବୁମାନେ ଲାଗି ପଡ଼ିଛନ୍ତି। ନିକଟରେ ଝାରସୁଗୁଡାର ଗୋଟିଏ ଘରୋଇ ସଂସ୍ଥା ପାଉଁଶ ପରିବହନ ପାଇଁ ରାଜି ହେବାପରେ ତାହା ସହିତ ୧୦କୋଟି ଟଙ୍କା ବିନିମୟରେ ପାଉଁଶ ପରିବହନ ପାଇଁ କଥା ହୋଇଥିଲା। ତେବେ ଏହି ସଂସ୍ଥା ପାଉଁଶ ପରିବହନ ଆରମ୍ଭ କରୁ କରୁ ଗତକାଲି ତାହାକୁ ୫୦ଲକ୍ଷ ଟଙ୍କା ଅଗ୍ରୀମ ଦିଆଯାଇଥିବା ସୂଚନା ମିଳିଛି। ଏତେ ପରିମାଣର ଅର୍ଥ କାହିଁକି ଓ କିଭଳି ଅଗ୍ରୀମ ଦିଆଗଲା ତାହାକୁ ନେଇ କର୍ମଚାରୀମାନେ ଆଶ୍ଚର୍ଯ୍ୟପ୍ରକଟ କରୁଛନ୍ତି। ତେବେ ପାଉଁଶ ପରିବହନ ପାଇଁ ଜିପିଏସ୍ ଟ୍ରାକର ଲାଗିଥିବାରୁ ୫୦ଲକ୍ଷ ଟଙ୍କା ଅଗ୍ରୀମ ନେଇଥିବା କେତେ ପାଉଁଶ ପରିବହନ କରିଛି ତାହା ଜଣାପଡ଼ିଯିବ ବୋଲି କର୍ମଚାରୀମାନେ ମତ ଦେଉଛନ୍ତି।

ତେବେ ନାମ ଗୋପନ ସର୍ତ୍ତରେ କିଛି କର୍ମଚାରୀଙ୍କ କହିବାକଥା ହେଲା ପ୍ରାୟ ବର୍ଷେ ହେଲା ଓପିଜିସର ପରିଚାଳନା ନିର୍ଦ୍ଦେଶକ ପଦବୀଟି ଠିକାରେ ଚାଲିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ନିୟମିତ ପରିଚାଳନା ନିର୍ଦ୍ଦେଶକ ଆସିବାପରେ ସ୍ଥିତିରେ କିଛିଟା ସୁଧାର ହୋଇପାରେ। ତେବେ ନିକଟରେ ନୂଆ ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ସାକ୍ଷାତକାର ହୋଇଥିବାବେଳେ ଏହାର ଫଳାଫଳ ଏବେ ଝୁଲନ୍ତା ଅବସ୍ଥାରେ ରହିଛି। ତେବେ ଏଥର ଓପିଜିସିରେ ଜଣେ ଦକ୍ଷ ଓ ଯୁବ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ ପାଇବାର ସମ୍ଭାବନା ଥିବାବେଳେ ଏହା ପୂର୍ବରୁ ପାଉଁଶ ପରିବହନରୁ କିଭଳି ପକେଟ ଗରମ କରିହେବ ସେଥିପାଇଁ କିଛି ବାବୁ ଲାଗି ପଡ଼ିଥିବା ନେଇ ଆଲୋଚନା ହେଉଛି।

# କେବଳ ଅଭିନନ୍ଦନ ପାଇଁ ଡିଜିପିଙ୍କ ଟୁଇଟର୍




ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ହାପି ହୋଲି... ହାପି ଦିବାଳି। ରସୋଗଲା ଦିବସର ଅଭିନନ୍ଦନ। ଇଦ୍ ମୁବାରକ୍ ଆଉ ମେରୀ ଖ୍ରୀଷ୍ଟମାସ୍ ...। ଟୁଇଟର ଆକାଉଣ୍ଟ ଖୋଲିବା ଦିନ ଠାରୁ ଖାଲି ଅଭିନନ୍ଦନ ଛଡା ଆଉ କିଛି ଅପ୍‌ଲୋଡ୍ ହେଉନାହିଁ। ଆମେ କହୁଛି ରାଜ୍ୟ ପୁଲିସ୍ ମୁଖିଆ (ଡିଜିପିଙ୍କ ଟୁଇଟର ଆକାଉଣ୍ଟ କଥା। ବର୍ଷ ବର୍ଷ ଥରି ଉକ୍ତ ସୋସିଆଲ୍ ମିଡିଆରେ ଖାଲି ଏମିତି ଅଭିନନ୍ଦନ ଛଡା ଅନ୍ୟ କିଛି ପୋଷ୍ଟ ହେଉନାହିଁ।

ବର୍ତ୍ତମାନ ଯୁଗରେ ସୋସିଆଲ ମିଆକୁ ସରକାର ଅଧିକ ଫୋକସ୍ ଦେଉଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ଅକାଉଣ୍ଟ ମଧ୍ୟରୁ ଟୁଇଟରକୁ ସମସ୍ତେ ଅଗ୍ରାଧିକାର ଦେଉଛନ୍ତି। ସରକାରୀ ଘୋଷଣା ବି ଏବେ ଟୁଇଟର ଆକାଉଣ୍ଟରେ ହେଉଛି। ହେଲେ ଓଡ଼ିଶା ପୁଲିସ୍ ଏଥିରେ ପଛ ପଡ଼ିଛି। ଡିଜିପି ଓଡ଼ିଶା ନାମରେ ଖୋଲା ହୋଇଥିବା ଟୁଇଟର୍ ଆକାଉଣ୍ଟରେ ଦେଖିଲେ ଲାଗିଛୁ ଯେମିତି ପର୍ବପର୍ବାଣି ପାଇଁ ଏହାକୁ ଖୋଲା ଯାଇଛି। ଗତ ଜାନୁଆରୀ ଠାରୁ ଏପର୍ଯ୍ୟନ୍ତ ସବୁ ପର୍ବପର୍ବାଣିରେ ଶୁଭେଚ୍ଛା ଅପ୍‌ଲୋଡ୍ ହୋଇଛି। ଡିଜିପି ଓିଶା ଟୁଇଟର୍ ଆକାଉଣ୍ଟକୁ ୨ ଲକ୍ଷ ୮୬ ହଜାରୁ ଅଧିକ ଲୋକ ଫଲୋ କରିଛନ୍ତି। ଫଲୋରମାନେ ଆଶା ରଖିଛନ୍ତି, ବିଭିନ୍ନ ସଚେତନା ବାର୍ତ୍ତାରୁ ଆରମ୍ଭ କରି ରାଜ୍ୟରେ ଘଟୁଥିବା ଅପରାଧ ବିଷୟରେ ଅବଗତ ହେବା। ହେଲେ ବର୍ଷ ବର୍ଷ ଉକ୍ତ ଆକାଉଣ୍ଟ ସେମିତି କିଛି ଅପ୍‌ଲୋଡ ହେଉନାହିଁ ଉକ୍ତ ଆକାଉଣ୍ଟକୁ। ଚଳାଇବା ପାଇଁ କର୍ମଚାରୀ ନିଯୁକ୍ତ ଅଛନ୍ତି। ଯେଉମାନେ ➪ପୃଷ୍ଠା-୬

### କ୍ରାଇମବ୍ରାଞ୍ଚ କଥା ନ କହିବା ଭଲ

# ଗ୍ରାଉଣ୍ଡ ଜିରୋରେ ଆରଡିସି

- ଆରମ୍ଭ ହେଲା ଆମ୍ବ ଟାକୁଆ ମୃତ୍ୟୁ ଘଟଣାର ତଦନ୍ତ
- ମାଣ୍ଡିପଙ୍କା ଗାଁ ଲୋକଙ୍କୁ ଭେଟିଲେ ରୂପା ରୋଶନ



ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ମାଣ୍ଡିପଙ୍କା ଗ୍ରାମର ଦୁଇ ଜଣଙ୍କ ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ଓ ଚିକିତ୍ସା ବ୍ୟବସ୍ଥା ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ରୂପା ରୋଶନ ସାହୁ ତଦନ୍ତ ଆରମ୍ଭ କରିଛନ୍ତି। ସେ ଆଜି ମଣ୍ଡିପଙ୍କା ଗ୍ରାମ ଗସ୍ତ କରି କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ପରିବାର ସଦସ୍ୟ, ୱାର୍ଡ ମେମ୍ବର, ସମ୍ପ୍ରଦାୟ ଓ ନାଗରିକ ସଂଗଠନର ସଦସ୍ୟଙ୍କ ସହ ଆଲୋଚନା କରି ଘଟଣାର ଗଭୀର ତଦନ୍ତ କରିଛନ୍ତି।

ଆରଡିସି ବହୁମୁଖୀ ସେବା ସମବାୟ ସମିତି (ଲ୍ୟାମ୍ପ୍ସ)ରେ ଥିବା ➪ପୃଷ୍ଠା-୬

# ପୋଷ୍ଟରରୁ ସନ୍ୟାସୀ ଓ କ୍ରୀତଦାସ ଉଭାନ

- ସନ୍ୟାସୀଙ୍କ ନିର୍ଦ୍ଦେଶରେ ହଟିଛି ଫଟୋ
- ଫଟୋ ନଥିବାରୁ କ୍ରୀତାଦାସ ଅପମାନିତ
- ତଳସ୍ତରରେ ଘାଇ ଭାଙ୍ଗିବା ଭଳି ଅବସ୍ଥା




ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): କର୍ମୀ ଗୋଟାଇବା ପାଇଁ ଦୁଇ ପର୍ଯ୍ୟାୟରେ ରାଜ୍ୟବ୍ୟାପି ପଦଯାତ୍ରା ଚଳାଇଥିବା ବିଜେଡି ଏଥର କିନ୍ତୁ ତାହାର ପୋଷ୍ଟରରୁ ସନ୍ୟାସୀ ଓ କ୍ରୀତଦାସକୁ ହଟାଇ ଦେଇଛି। ଏ ଦୁଇଜଣଙ୍କ ଫଟୋ ଦେଖିଲେ କର୍ମୀ ଆସିବା ବଦଳରେ ପଳାଇବେ ବୋଲି ଖୋଦ୍ ବିଜେଡିର ନେତାମାନେ କହୁଛନ୍ତି । ତେବେ ଲୋକଙ୍କ ମନୋଭାବ ଦେଖି ସନ୍ୟାସୀଙ୍କ ନିର୍ଦ୍ଦେଶରେ ଫଟୋ ହଟାଯାଇଥିବାବେଳେ କ୍ରୀତାଦାସଙ୍କ ପାଇଁ ଏହା ବଡ ଅପମାନ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି ।

ନିର୍ବାଚନ ହାରିବାପରେ ବିଜେଡି ଏବେ କର୍ମୀ ଗୋଟାଇବାପାଇଁ ରାଜ୍ୟବ୍ୟାପି ପଦଯାତ୍ରା ଚଳାଇଛି । ତେବେ ପଦଯାତ୍ରା ସମୟରେ ବିଜେଡି ଯେଉଁସବୁ ପୋଷ୍ଟର ବ୍ୟାନର ମାରିଛି ସେଥିରେ ଦଳର ପରଦା ପଛର ନିର୍ଦ୍ଦେଶକ ସନ୍ୟାସୀ କିମ୍ବା ନିଜକୁ ଦଳର ଚାଣକ୍ୟ କହୁଥିବା କ୍ରିତଦାସ କାହାରି ହେଲେ ଫଟୋ ନାହିଁ। ଗତବର୍ଷ ପଦଯାତ୍ରାରେ କେବଳ ଏହି ଦୁଇଜଣଙ୍କ ଫଟୋ ସ୍ଥାନ ପାଇଥିଲା । ଅନ୍ୟମାନଙ୍କୁ ଅତ୍ୟନ୍ତ ନଗଣ୍ୟ କରି ଦେଖାଯାଇଥିଲା । ନିର୍ବାଚନ ପରେ ଏ ଦୁଇଜଣଙ୍କ ବିରୁଦ୍ଧରେ ଯେଉଁ ଆକ୍ରୋଷ ରହିଛି ତାହାକୁ ଲକ୍ଷ୍ୟକରି ଏମାନଙ୍କ ଫଟୋ ରଖାଯାଇ ନାହିଁ । ଖୋଦ୍ ବିଜେଡି କର୍ମୀମାନେ କହୁଛନ୍ତି ଯେ ଏ ଦୁଇଜଣଙ୍କ ଫଟୋ ଦେଖିଲେ କର୍ମୀମାନେ ପଳାଇବେ । କାରଣ ଗତ ନିର୍ବାଚନ ସମୟରେ ଏମାନଙ୍କ ଫଟୋଥିବା ପୋଷ୍ଟରକୁ ଯେଉଁମାନେ ଗୋଦାମଘରେ ପକାଇ ରଖିଥିଲେ ସେହିମାନେ ହିଁ ଜିତିଛନ୍ତି।

ତେବେ ବିଜେଡିର ଗୋଟିଏ ଗୋଷ୍ଠି କହୁଛନ୍ତି ପରଦା ପଛରେ ରହି ନିର୍ଦ୍ଦେଶନା ଦେଉଥିବା ସନ୍ୟାସୀ ବୁଝିଗଲେଣି ଯେ ବିଜେଡି କର୍ମୀମାନେ ନବୀନଙ୍କ ଛଡା ଆଉ କାହାକୁ ଗ୍ରହଣ କରିବାକୁ ନାରାଜ । ଯେତେ ନାଟକ କଲେ ବି ସେମାନେ ତଳେ ଫୋପାଡିଦେବେ । ଏହାର ପ୍ରମାଣ ମଧ୍ୟ ସେମାନେ ଗତ ନିର୍ବାଚନରେ ଦେଇଛନ୍ତି । ଏଥି ସହିତ ନିର୍ବାଚନ ହାରିବାପରେ ଦଳୀୟ କାର୍ଯ୍ୟାଳୟ ଭିତରେ କ୍ରୀତାଦାସଙ୍କୁ ମଧ୍ୟ ହଲାପଟା କରିଛନ୍ତି । ତେଣୁ କଥା ଆଗକୁ ଅଧିକ ଖରାପ ହେବା ଆଗରୁ ସନ୍ୟାସୀଙ୍କ ନିର୍ଦ୍ଦେଶକରେ ଏଭଳି ଫଟୋ ଉଭାନ ଯୋଜନା ହୋଇଛି ।

ଗୋଟିଏ ପଟେ ବିଜେଡିର କର୍ମୀ ଗୋଟା ପାଇଁ ପଦଯାତ୍ରା ଚାଲିଥିବାବେଳେ ଅନ୍ୟପଟେ କିନ୍ତୁ ତଳ ସ୍ତରର କର୍ମୀମାନେ ଘାଇ ଭାଙ୍ଗିଲା ଭଳି ଦଳ ଛାଡି ପଳାଉଛନ୍ତି। ଦଳ ଛାଡୁଥିବା କର୍ମୀମାନେ ସିଧାସଳଖ ବିଜେପିରେ ଯୋଗ ଦେଉଛନ୍ତି । ଏଥିପାଇଁ ବିଜେଡିର ଗୋଟିଏ ➪ପୃଷ୍ଠା-୬

# ମୋ ବସ୍ ପାଇଁ ସ୍ପିଡ୍ ଲିମିଟ୍ ୪୦



- ଲାଗିବ ସ୍ପିଡ୍ ଗଭର୍ଣ୍ଣର
- କର୍ମଚାରୀଙ୍କୁ କରାଯିବ ଯାଞ୍ଚ

ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ଏଣିକି ୪୦ କିଲୋମିଟରରୁ ଅଧିକ ବେଗରେ ଗଡ଼ିବନି ମୋ' ବସ୍। ବିଭିନ୍ନ ସ୍ଥାନରେ ମୋ ବସ୍ ଦୁର୍ଘଟଣା ଘଟାଇବା ନେଇ ଜନଅସନ୍ତୋଷ ବଢ଼ିବାରୁ ରାଜ୍ୟ ସରକାର ସଜାଗ ହୋଇଛନ୍ତି। ବିଶେଷକରି ଚନ୍ଦ୍ରଶେଖରପୁରଠାରେ ନିକଟରେ ମୋ ବସ ଦୁର୍ଘଟଣାରେ ଯୁବତୀଙ୍କ ହାତ କଟିବା ପରେ ସରକାର ତତ୍ପର ହୋଇଛନ୍ତି। ବସ୍‌ଗୁଡ଼ିକର ବେଗ ନିୟନ୍ତ୍ରଣ ଲାଗି ସେଥିରେ ସ୍ପିଡ୍ ଗଭର୍ଣ୍ଣର ଲଗାଯିବ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି, ସହର ଭିତରେ ବୁଲୁଥିବା ମୋ' ବସ୍‌ର ସ୍ପିଡ୍ ଲିମିଟ୍ ୪୦ରୁ ଅଧିକ ରହିବ ନାହିଁ। ଯେଉଁ ବସ୍‌ଗୁଡ଼ିକ ବାହାରକୁ ଯାଉଛି, ତାହାର ସ୍ପିଡ୍ ୫୦ ରହିବ। ଏହି ନିର୍ଦ୍ଦେଶ ଯଥାଶୀଘ୍ର ଲାଗୁ କରିବା ପାଇଁ କୁହାଯାଇଛି। ସେ କହିଛନ୍ତି, ନିୟମିତ ବ୍ୟବଧାନରେ ବସ୍ ଗୁଡ଼ିକୁ ଯାଞ୍ଚ କରାଯିବ। ବସ୍ ଚାଳକଙ୍କ ଲାଇସେନ୍ସ ଚେକିଂ ହେବ। ଯିଏ ଲାଇସେନ୍ସ ଆଣିଥିବେ, ସେମାନେ ଗାଡ଼ିରେ ଚଢ଼ିବ। ଏହାଛଡ଼ା ବସ୍ ଚଢ଼ିବା ପୂର୍ବରୁ କର୍ମଚାରୀମାନେ ମଦ ପିଇଛନ୍ତି ➪ପୃଷ୍ଠା-୬

# ଲିଙ୍କ୍ ନ ଥିବାରୁ ବେଙ୍କାର ଉପ ଡାକଘର ଅଚଳ




**କଟକ, ୬।୧୧ (ସଂଚାର ବ୍ୟୁରୋ):** କଟକ ସଦର ୪୨ମୌଜା ବେଙ୍କାର ଉପ ଡାକଘର ଅଧୀନରେ ପାଞ୍ଚ ଗୋଟି ଶାଖା ଡାକଘର କାର୍ଯ୍ୟ କରିଥାଏ । ୪୨ମୌଜାରେ ଥିବା ୬ଗୋଟି ଗ୍ରାମ ପଞ୍ଚାୟତର ଅଧିବାସୀ ବିଶେଷ ଭାବେ ବେଙ୍କାର ଉପ ଡାକଘର ଉପରେ ନିର୍ଭର କରିଥାନ୍ତି । ଗତ ଦୁଇ ଦିନ ହେବ ଡାକଘରେ ଲିଙ୍କ ନଥିବାରୁ ଡାକଘର ଉପରେ ନିର୍ଭର କରୁଥିବା ଅଙ୍ଗନବାଡ଼ୀ ଦିନସାରା ଅପେକ୍ଷା କରି ଫେରୁଛନ୍ତି । ଲିଙ୍କ ନଥିବାରୁ ସଞ୍ଚୟ ଜମା ଓ ଉଠାଣ, ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟ୍ରି ଚିଠି ପତ୍ର, ମନି ଅର୍ଡର ଓ ପାର୍ସଲ, ଦରମା ଏବଂ ପେନସନ ପେମେଣ୍ଟ ଇତ୍ୟାଦି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । କଟକ ସିଟି ଡିଭିଜନର ବିଭାଗୀୟ ଅଧିକାରୀ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଉପରୋକ୍ତ ଲିଙ୍କ୍ ଫେଲ୍ ବିଷୟକୁ ଗୁରୁତ୍ୱର ସହ ବିଚାରକୁ ନେଇ ଏହାର ହିଁ ପ୍ରତିକାର କଲେ ୪୨ମୌଜା ଅଧିବାସୀ ବିଶେଷ ଉପକୃତ ହେବେ ବୋଲି ୪୨ମୌଜା ବିକାଶ ପରିଷଦର ଉପଦେଷ୍ଟା ତଥା ୪୨ମୌଜା ଯାଦବ ମହାସଭା ସଭାପତି ଦୁଲେଇ ବେହେରା ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣା
# ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ, ୬।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ବିଡ଼ିଓ ଶୁଭାଂଶୁ ସାହୁଙ୍କୁ ଗତକାଲି ତାଙ୍କ ପ୍ରକୋଷ୍ଠ ମଧ୍ୟରେ ଜନୈକ ଯୁବକ ଦୁର୍ବ୍ୟବହାର କରିବା ସହିତ ଗଣ୍ଡଗୋଳ କରିବା ଘଟଣା ଆଜି ଭିନ୍ନ ମୋଡ଼ ନେଇଛି । ଏହାର ପ୍ରତିବାଦରେ ଆଜି ବ୍ଲକର କର୍ମଚାରୀମାନେ ବ୍ଲକ ପରିସରରେ ଏକତ୍ରିତ ହୋଇ ଧାରଣା ଦେବା ସହିତ କଲମଛାଡ଼ ଆନ୍ଦୋଳନ କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମଲ୍ଲୀ, ବ୍ଲକ ସହକାରୀ ଯନ୍ତ୍ରୀ ରୋକାଲିନ ମହାଲିକ, ସହକାରୀ ଯନ୍ତ୍ରୀ ଜଳଧର ବେହେରା, କୃତ୍ତିଶେଷ ବ୍ରହ୍ମା, ଡ଼ପସ୍ୱିନୀ ମହାପାତ୍ର,କଳିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର, ମୁକ୍ତା ସାହୁ, ବନ୍ଦିତା ବେହେରା, ମୋନାଲିସା ପ୍ରଧାନ ସି ଡି ପି ଓ ଲକ୍ଷ୍ମୀମଣି ସିଂ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପ୍ରଧାନ, ଜି ପି ଟି ଏ ପିତାମ୍ବର ଜେନା, ବ୍ଲକ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସସ୍ମିତା ରାଉତ ସୁଶ୍ରୀ ସଂଗୀତା ଭୂୟାଁ, ସୁମିତ୍ରା ବିଶ୍ୱାଳ,ମୁଖ୍ୟକାର୍ଯ୍ୟନିର୍ବାହୀ ମାନସ ନନ୍ଦ ବରିଷ୍ଠ କିରାଣୀ ପ୍ରିୟ ରଞ୍ଜନ ସାମଲ ମହେଶ୍ୱର ପଣ୍ଡା, ରାମ ଚନ୍ଦ୍ର ମାଝୀ ରଶ୍ମି ରଞ୍ଜନ ପରିଡା, ସି ପି ପ୍ରିୟ ରଞ୍ଜନ ସ୍ୱାଇଁ, ପ୍ରଭାତ ମଲିକ, ଅବୁର୍ଯ୍ୟାମୀ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଂଚାୟତର ପି ଇ ଓ ଓ ଏ ଡି ଇ ଓ ମାନେ ସାମିଲ ହୋଇ ଥିଲେ । ବିଡ଼ିଓଙ୍କୁ ଦୁର୍ବ୍ୟବହାର ଓ ବ୍ଲକରେ ଗଣ୍ଡଗୋଳ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରିଥିଲେ । ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଫଳରେ ବ୍ଲକ କାର୍ଯ୍ୟ ଅଚଳ ହୋଇପଡ଼ିଛି । ଏଠାରେ ସୂଚନା ଯୋଗ୍ୟ ଯେ ଗତକାଲି ଦିବା ୧୧. ୧୦ ମିନିଟ ସମୟରେ ବଡ଼ପଡା ପଂଚାୟତ ମୂଳଗାଇ ଗ୍ରାମର ଜ୍ୟୋତିପ୍ରକାଶ ପ୍ରଧାନ ବିଡ଼ିଓ ଶୁଭାଂଶୁ ସାହୁଙ୍କ ଅଫିସ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରି ବିଡ଼ିଓଙ୍କୁ ଦୁର୍ବ୍ୟବହାର କରିବା ସହିତ ତାଙ୍କ ଟେବୁଲ ବାଡେଇ ଥିଲେ ଓ ଚେୟାର ଉଠାଇ ବିଡ଼ିଓ ଙ୍କୁ ବାଡେଇବାକୁ ଉଦ୍ୟମ କରିଥିଲେ ବୋଲି ଗତକାଲି ବିଡ଼ିଓ ଶୁଭାଂଶୁ ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଥାନା କେଶ ନଂ ୩୨୭/୨୪ରେ ଏକ ମୋକଦମା ରୁଜୁ କରି ଏହି ଘଟଣାର ତଦନ୍ତ ଚଳାଇଛି ।

# ରାଜନଗର ବିଡିଓ ଦାୟିତ୍ୱ ନେଲେ ପଟ୍ଟାମୁଣ୍ଡାଇ ପୌରପାଳିକା ନିର୍ବାହୀ ଅଧିକାରୀ

**ରାଜନଗର, ୬।୧୧ (ସଂଚାର ବ୍ୟୁରୋ):** ରାଜନଗର ବିଡିଓ ଭାବେ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜନଗର ବିଡିଓ ନିଶାନ ମିଶ୍ରଙ୍କର ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକକୁ ବଦଳି ହୋଇଥିଲା। ଚଳିତମାସ ୧ ତାରିଖ ଦିନ ତାଙ୍କୁ ରିଲିଭ କରିଦିଆଯିବା ପରେ ରାଜନଗରରେ ବିଡିଓ ପଦ ଖାଲି ପଡ଼ିଥିଲା।



ସହକାରୀ ନିର୍ବାହୀଯନ୍ତ୍ରୀ ଶାରଦା ପ୍ରସନ୍ନ ନାୟକ ବିଡିଓ ଦାୟିତ୍ୱରେ ରହିଥିଲେ। ପ୍ରଶାସନିକ ଆବଶ୍ୟକତା ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ପୌରପାଳିକାର ନିର୍ବାହୀଅଧିକାରୀ ଶ୍ରୀ ଗିରିଙ୍କୁ ବିଡିଓ ଦାୟିତ୍ୱ ଦେଇଥିଲେ। ଆଜି ଶ୍ରୀ ଗିରି ରାଜନଗର ବ୍ଲକରେ ପହଁଚି ଦାୟିତ୍ୱ ଗ୍ରହଣ କରିବା ସହ କାର୍ଯ୍ୟ ଆରମ୍ଭ କରିଛନ୍ତି।

# ପେଣ୍ଠରେ ବିଜେପିର ସଭ୍ୟ ସଂଗ୍ରହ ଓ ମିଶ୍ରଣ ପର୍ବ




**ରାଜନଗର, ୬।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ଠାରେ ବିଜେପି ପକ୍ଷରୁ ସଭ୍ୟ ସଂଗ୍ରହ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ବିଜୟ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବନେତା ଦିଲ୍ଲୀପ ରଞ୍ଜନ ପାଳ, ଜିଲ୍ଲା ଉପସଭାପତି ସଦାଶିବ ଜେନା, ଯୁବନେତା କ୍ରୀଷ୍ଣା ବେହେରା, ୩୦ନଂ ଜୋନ ସଭାପତି ପ୍ରମୋଦ ଦାସ, ପଞ୍ଚାୟତ ସଭାପତି ଚିତ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ଦଳର ସଂଗଠନକୁ ମଜବୁତ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦଳର ସଭ୍ୟ ସଂଗ୍ରହ କରାଯିବା ସହ ବିଜେଡି ଓ କଂଗ୍ରେସ ଛାଡି କୈଳାସ ରାଉତ, ବାଙ୍କୁ ପଢ଼ିହାରୀ, ଅକ୍ଷୟ ନାୟକ, ରାକେଶ ପାତ୍ର, ଦଳଧର ପଢ଼ିହାରୀ, ପ୍ରଶାନ୍ତ ମହାନ୍ତି, ସୁବାଷ ମହାନ୍ତି, କଳ୍ପତରୁ ମହାନ୍ତି, ବୀରବର ସେଠୀ, ଅଲେଖ ସେଠୀ, ପରିକ୍ଷୀତ ସେଠୀ, ପ୍ରଣୟ କୁମାର ସେଠୀ, ନିତ୍ୟାନନ୍ଦ ସେଠୀ, ଅରୁଣ ସେଠୀ, ନିରଞ୍ଜନ ସେଠୀ, ପୁଷ୍ପଲତା ସେଠୀ, ନରହରି ସେଠୀ, ପୁରସ୍ତମ ସେଠୀ, ସୁନାକର ବଳରାମ ସାହୁ, ନିରଞ୍ଜନ ପଢ଼ିହାରୀ, ବିଚିତ୍ର ପଢ଼ିହାରୀ, ସୁଶାନ୍ତ ମହାନ୍ତି, ନିହାର ରଞ୍ଜନ ସେଠୀ, ବିଚିତ୍ର ଜେନା ପ୍ରମୁଖ ବିଜେପିରେ ଯୋଗଦେବା ସହ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି।

## ବିଧବା ନିରୂପମାଙ୍କ ପାଇଁ ଆବାସ ସାତ ସପନ
# ୩ ପିଲାଙ୍କ ସହ କୁଡ଼ିଆରେ ବିତୁଛି ଜୀବନ



**କେନ୍ଦ୍ରାପଡ଼ା, ୬।୧୧ (ସଂଚାର ବ୍ୟୁରୋ) :** କାହାରି ଚାଳ ଛପର କିମ୍ବା ଭଙ୍ଗା କୁଡିଆ ରହିବନି। ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଗୃହ ଯୋଗାଇ ଦେବାକୁ ସରକାର ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ହେଲେ ତାହା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ହେଉଥିବା ଅଭିଯୋଗ ହଉଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକରେ ।

ମହାକାଳପଡ଼ା ବ୍ଲକ ନାକତଳେ ଥିବା ମହାକାଳପଡ଼ା ପଞ୍ଚାୟତର କେୟାରବାଙ୍କ ଗ୍ରାମର ନିରଞ୍ଜନ ପରମାଣିକଙ୍କ ୪୫ ବର୍ଷୀୟା ପତ୍ନୀ ନିରୂପମା ପରମାଣିକ ।ବେଶ୍ ହସଖୁସିରେ ଚଳୁଥିଲା ନିରୁପମାଙ୍କ ତେଲ ଲୁଣର ସଂସାର। ସ୍ୱାମୀ ନିରଞ୍ଜନ ପରମାଣିକ ସାଇକେଲରେ ବୁଲି ବୁଲି ଚପଲ ବିକ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ୫ ପ୍ରାଣୀ ଚଳୁଥିଲେ। ହେଲେ ହଠାତ ସବୁକିଛି ଓଲଟ ପାଲଟ ହୋଇଗଲା। ଏକ ବର୍ଷ ତଳୁ କର୍କଟ ରୋଗରେ ପୀଡିତ ହୋଇ ନିରଞ୍ଜନଙ୍କ ଦେହାନ୍ତ ହୋଇଯିବା ଦ୍ୱାରା ଅସହାୟ ହୋଇପଡିଛନ୍ତି ନିରୁପମା। ଘର କରିବାକୁ ସକ୍ଷମ ନଥିବା ନିରୁପମା ପିଲାମାନଙ୍କ ସହିତ ସେଇ ମାଟି କୁଡିଆରେ ଜୀବନ କାଟୁଛନ୍ତି। ନା ଲୋକପ୍ରତିନିଧି ନା ସରକାରର ବ୍ୟବସ୍ଥା। ସବୁ ଯେମିତି ନିରୁପମାଙ୍କ ପାଇଁ ସ୍ଥାଣୁ ଓ ଅପାରଗ ପାଲଟି ଯାଇଛନ୍ତି। ଯାହାକୁ ନେଇ ଅଭିଯୋଗ ଆଣିଛନ୍ତି ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ର ସଦସ୍ୟମାନେ। ନାନା ସମୟରେ ଅସାଧୁ ଉପାୟରେ ଥିଲା ବାଲା ସରକାରୀ ଯୋଜନାର ସୁବିଧା ନେଇଥିବା ଦେଖିବାକୁ ମିଳିଛି ହେଲେ ଅସହାୟ ଗରିବ ମାନଙ୍କ ପାଇଁ ସବୁ ଯେମିତି ସାତ ସପନ ପାଲଟିଛି। ସ୍ଥାନୀୟ ଯୁବକମାନଙ୍କ ସୂଚନା ଅନୁସାରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ଏକ ପ୍ରତିନିଧି ଦଳ ନିରୁପମା ଙ୍କ ବାସଭବନକୁ ଯାଇ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ମାଉସୀଙ୍କୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ପକ୍କାଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି କରିଛନ୍ତି ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ।

# ୧୧ କେଭି ସଂସ୍ପର୍ଶରେ ଆସି ରଙ୍ଗମିସ୍ତ୍ରୀ ମୃତ

**ବାଲେଶ୍ୱର, ୬।୧୧ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଚାନ୍ଦିପୁର ଥାନା ଅନ୍ତର୍ଗତ ପାନ୍ଥ ନିବାସ ଛକ ଠାରେ ଏକ ହୋଟେଲ କାନ୍ଥ ରେ ରଙ୍ଗ ଲଗାଉଥିବା ରଙ୍ଗ ମିସ୍ତ୍ରୀ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି।ମୃତ ରଙ୍ଗ ମିସ୍ତ୍ରୀ ହେଲେ ସଦର ଥାନା ପଞ୍ଚିବାଗ ସ୍ଥିତ କୟାକୋଦାଳ ଗାଁର କାର୍ତ୍ତିକ ଜେନା(୫୫)।ସୂଚନା ମୁତାବକ ରଙ୍ଗ ମିସ୍ତ୍ରୀ କାର୍ତ୍ତିକ ଜେନା ଆଜି ଚାନ୍ଦିପୁର ପାନ୍ଥ ନିବାସ ଛକ ସ୍ଥିତ ଗୋଲ୍ଡେନ ହୋଟେଲ କାନ୍ଥ ରେ ଭାରା ବାନ୍ଧି ରଙ୍ଗ ଲଗାଉ ଥିଲେ।ଏହି ହୋଟେଲ ପାଖ ଦେଇ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି କାର୍ତ୍ତିକ ଗୁରୁତର ହୋଇଥିଲେ।ସ୍ଥାନୀୟ ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନେଇଥିଲେ।ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଚାନ୍ଦିପୁର ଥାନାରେ ୨୧/୨୦୨୪ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଡାହିବାଡ଼ି ହାଟ ପରିଦର୍ଶନ କଲେ ବିଧାୟକ ସନାତନ ବିଜୁଳି ଓ ପିଏଆଇଟିଡିଏ

**ବୈଶିଙ୍ଗା, ୬।୧୧ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ପଞ୍ଚାୟତ ଅଧୀନ ମହୁରୀ ଗ୍ରାମ ଉପକଣ୍ଠ ବହୁ ପୁରାତନ ଡାହିବାଡି ହାଟର ବିକାଶ ନିମନ୍ତେ ଅଣ୍ଟା ଭିଡିଛନ୍ତି ବିଧାୟକ ସନାତନ ବିଜୁଳି। ସେ ଏହାର ଉନ୍ନତିକରଣ ପାଇଁ ସଂକଳ୍ପବଦ୍ଧ । ଉକ୍ତ ହାଟ ଶହେ ବର୍ଷରୁ ଅଧିକ ହୋଇଥିବା ବେଳେ ଏହାର ଉନ୍ନତିକରଣ ବାହାନାରେ ଅନେକ ବିଧାୟକ, ସାଂସଦ, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଠୁ ଆରମ୍ଭ କରି ସରପଞ୍ଚଙ୍କ ପର୍ଯ୍ୟନ୍ତ ମିଛ ପ୍ରତିଶୃତି ଦେବା ସହ କୁମ୍ଭୀର କାନ୍ଦଣା କାନ୍ଦିଥିଲେ ସୁଦ୍ଧା ଆଖି ଦୃଶିଆ କୌଣସି କାର୍ଯ୍ୟ କରିନଥିଲେ। ଭାଗିଦାରୀରେ ଚାଲିଥିବା ପଞ୍ଚାୟତ ଏବଂ ଆରଏମସି ତରଫରୁ କେବଳ ପ୍ରତ୍ୟେକ ବର୍ଷ କିଛି ମୋରମ ପକାଇ ଉନ୍ନତିକରଣର ଡେଙ୍ଗୁରା ପିଟୁଥିଲେ। ବର୍ତ୍ତମାନର ବିଧାୟକ ଶ୍ରୀ ବିଜୁଳି ହାଟ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଆଲୋକିକରଣକୁ ଗୁରୁତ୍ୱ ଦେଇଥିଲେ ।

ପୂର୍ବ ପ୍ରତିଶୃତି ମୁତାବକ ବୁଧବାର ଅପରାହ୍ନ ସମୟରେ ବିଧାୟକ ଶ୍ରୀ ବିଜୁଳିଙ୍କ ନେତୃତ୍ୱରେ ଜିଲ୍ଲା ଆଦିବାସୀ ହରିଜନ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ତନ୍ମୟ ରଞ୍ଜନ ବେହେରା ଏହି ସାପ୍ତାହିକ



ହାଟର ସାମଗ୍ରିକ ବିକାଶ ନିମନ୍ତେ ଅନୁଧ୍ୟାନ କରି ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ଖୁବଶୀଘ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନେଇ ସୂଚନା ଦେଇଛନ୍ତି। ଏହି ହାଟ ସପ୍ତାହରେ ବୁଧବାର ଓ ଶନିବାର ଦୁଇଦିନ ବସୁଥିବା ବେଳେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟୀ ନିଜ ନିଜର ଜିନିଷପତ୍ର କିଣାବିକା ପାଇଁ ଏହା ଉପରେ ନିର୍ଭର କରିଥାନ୍ତି। ସହସ୍ରାଧିକ ଗ୍ରାହକ ସପ୍ତାହର ଏହି ଦୁଇଦିନ ସୁଲଭମୂଲ୍ୟରେ ଦୈନଦିନ ଆବଶ୍ୟକୀୟ ଉପକରଣ କିଣିବାପାଇଁ ଏଠାରେ ଭିଡ଼ ଜମାଇଥାଆନ୍ତି। ମାତ୍ର ହାଟର ଅବସ୍ଥା ଦିନକୁ ଦିନ ଅବହେଳିତ ହୋଇ ପଡୁଥିଲା। ଅସରାଏ ବର୍ଷା ହୋଇଗଲା ପରେ ହାଟ ଭିତରକୁ ପ୍ରବେଶ କରିବା ଅସମ୍ଭବ ହୋଇପଡୁଥିଲା। ତେବେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ନିୟନ୍ତ୍ରିତ ବଜାର କମିଟି ହାଟରୁ ଦୈନିକ ବ୍ୟବସାୟୀଙ୍କ ଠାରୁ ମାହାସୁଲ ଆଦାୟ କରି ମାଲେମାଲ୍ ହେଉଥିବା ବେଳେ ଏହାର ଉନ୍ନତିକରଣ ପାଇଁ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଇଥାନ୍ତି।

ଅନ୍ୟ ମାନଙ୍କ ମଧ୍ୟରେ ଆଇଟିଡିଏ ର ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ଲକ୍ଷଣ ସାହୁ , ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରଣବ କୁମାର ଧଳ , ବୈଶିଙ୍ଗା। ରାଜସ୍ୱ ନିରୀକ୍ଷକ ଅହଲ୍ୟା ବେହେରା ,ମହୁରୀ ଗ୍ରାମ କମିଟି ସଭାପତି ସୁରେନ୍ଦ୍ର ରାଉତ, ଭାଜପାର ବରିଷ୍ଠ କର୍ମକର୍ତ୍ତା ରତିକାନ୍ତ ମହାନ୍ତ , ଲକ୍ଷ୍ମୀଧର ଦଣ୍ଡପାଟ , ଖଗେଶ୍ୱର ରାଉଳ , ଶାନ୍ତନୁ ପଣ୍ଡା , ଶାନ୍ତନୁ ଦଳେଇ , ବିବେକାନନ୍ଦ ପଣ୍ଡା, ଉତ୍ସର୍ଗ ବେହେରା ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ। ଡାହି ବାଡି ହାଟର ଉନ୍ନତିକରଣ ହେବା ନେଇ ଅଞ୍ଚଳବାସୀ ଙ୍କ ଆଶା କେବେ ପୂରଣ ହେଉଛି ଦେଖିବାକୁ ବାକି ରହିଲା ।

## ୯ ତାରିଖ ସନ୍ଧ୍ୟା ୫.୩୦ରେ ଦୂରଦର୍ଶନରେ ପ୍ରସାରଣ
# 'ତୁଳସୀକ୍ଷେତ୍ରେ ମା' ଗଜଲକ୍ଷ୍ମୀ'

**କେନ୍ଦ୍ରାପଡା, ୬।୧୧ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର କେନ୍ଦ୍ରାପଡା ଜିଲ୍ଲାରେ ମା ଗଜଲକ୍ଷ୍ମୀ ଉପାସନା ଏବେ ବାର୍ଷିକ ଗଣପର୍ବରେ ରୂପାନ୍ତରିତ ହୋଇସାରିଛି। କୁମାରପୂର୍ଣ୍ଣିମାରୁ ଆରମ୍ଭ ହୋଇ ଏହି ଗଣପର୍ବ ସାତଦିନ ବ୍ୟାପି ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମଧ୍ୟ ଏହି ପାରମ୍ପରିକ ଗଣପର୍ବ ବେଶ ଧୁମଧାମରେ ପାଳନ କରାଯାଇଛି । ଚଳିତବର୍ଷ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏବଂ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ଅଧଘଣ୍ଟିଆ ଟେଲିଭିଜନ ଡକୁମେଣ୍ଟାରୀ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମର ନାମ ରଖାଯାଇଛି "ତୁଳସୀକ୍ଷେତ୍ରେ ମା ଗଜଲକ୍ଷ୍ମୀ"।

ଏହି କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡାରେ ମା' ଗଜଲକ୍ଷ୍ମୀଙ୍କ ଉପାସନାର ଉଦେଶ୍ୟ, ଆଭିମୁଖ୍ୟ ତଥା ଉପାସନାର ପ୍ରାଚୀନତା ଉପରେ ଆଲୋକପାତ କରାଯାଇଛି । କାର୍ଯ୍ୟକ୍ରମରେ ମା'ଙ୍କର ଘଟସ୍ଥାପନା, ଆବାହନ,ମଣ୍ଡପ ପୂଜା, ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ, ମନୋରଂଜନ କାର୍ଯ୍ୟକ୍ରମ, ବିସର୍ଜନ, ପାଇକ ଆଖଡା ଓ ନିରାଡମ୍ବର ପାରମ୍ପରିକ ଭଷାଣୀ ଶୋଭାଯାତ୍ରା ସହ ଗଣପର୍ବର ମୌଳିକତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହି ବାର୍ଷିକ ଗଣପର୍ବ ଦେଖିବା ପାଇଁ କେନ୍ଦ୍ରାପଡା ଜିଲା ଓ ରାଜ୍ୟବାହାରୁ ଦର୍ଶକ ମାନଙ୍କ ଆଗମନ ହୋଇଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ରାଜ୍ୟର ପ୍ରମୁଖ ଆଧ୍ୟାତ୍ମିକ ଗଣପର୍ବରେ ପରିବର୍ତୀତ ହୋଇଛି ।

ମା' ଗଜଲକ୍ଷ୍ମୀଙ୍କ ଭକ୍ତଙ୍କ ଭାବାବେଗ ତଥା ଜିଲାବାସୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖାଯାଇ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏବଂ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ମିଳିତ ସହଯୋଗରେ ପ୍ରସ୍ତୁତ ଏହି ଅଧଘଂଟିଆ ଟେଲିଭିଜନ ଡକୁମେଂଟାରୀ କାର୍ଯ୍ୟକ୍ରମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭରୁ ଶେଷ ଯାଏଁ ଅର୍ଥାତ ସମସ୍ତ ପୂଜାମଣ୍ଡପର ଆକର୍ଷଣୀୟ ସାଜସଜା, ମୃଣ୍ମୟୀମୂର୍ତୀ ଆରାଧନା ତଥା ଅନ୍ୟାନ୍ୟ ଆନନୁସଂଗିକ କାର୍ଯ୍ୟକ୍ରମ ସ୍ଥାନ ପାଇଛି । ନଭେମ୍ବର ମାସ ୯ ତାରିଖ ତଥା ଆସନ୍ତା ଶନିବାର ଦିନ ଏହି କାର୍ଯ୍ୟକ୍ରମଟି ଜାତୀୟ ପ୍ରସାରଣ ସଂସ୍ଥା ଦୂରଦର୍ଶନ କେନ୍ଦ୍ର,ଭୁବନେଶ୍ୱର ତରଫରୁ ଡି.ଡି. ଓଡିଆ ଚ୍ୟାନେଲରେ ଦର୍ଶକ ମାନଙ୍କ ପାଇଁ ପ୍ରସାରଣ କରାଯିବ ବୋଲି ଦୂରଦର୍ଶନ କେନ୍ଦ୍ର,ଭୁବନେଶ୍ୱରର ପ୍ରାୟୋଜିତ ପ୍ରସାରଣ ନିର୍ବାହୀ ସୁମନ ଝା ସୂଚନା ଦେଇଛନ୍ତି ।

# ପ୍ରଭାକରପୁର ବଜାରରେ ୧୦୧ତମ କାଳୀପୂଜା

**କେନ୍ଦ୍ରାପଡ଼ା, ୬।୧୧ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ପ୍ରଭାକରପୁର ବଜାର କମିଟି ତରଫରୁ ୧୦୧ ତମ ବାର୍ଷିକ କାଳୀପୂଜା ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ବହୁ ପୁରାତନ ଏହି ପାରମ୍ପରିକ ପୂଜା ଉତ୍ସବ ଦୀର୍ଘ ସାତ ଦିନ ଧରି ପାରମ୍ପରିକ ରୀତି ନୀତି ଅନୁଯାଇ ମା ଶ୍ୟାମକାଳୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟକ ସନ୍ଧ୍ୟାରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ଭଜନ ପରିବେଷଣ ,ସର୍କସ ଓ ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ନିଆରା ଢଙ୍ଗରେ ଦର୍ଶକଙ୍କ ଆକର୍ଷଣ ହୋଇଥିଲା । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାକାଳପଡ଼ା ବ୍ଲକ ଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ତଥା ରାଜ୍ୟର ଅନେକ ବୁଦ୍ଧିଜୀବୀ, ସମାଜସେବୀ, ରାଜନେତା ଓ ସାମ୍ବାଦିକ ପ୍ରମୁଖ ବ୍ୟକ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ମା ଙ୍କୁ ଦର୍ଶନ କରିବା ସହ ବଜାର କମିଟି ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିବର୍ଷ ଭଳି ଆଗକୁ ମଧ୍ୟ ଏହିଭଳି ପୂଜା ଉତ୍ସବ ଶୃଙ୍ଖଳିତ ଭାବେ ସମ୍ପାଦନ ପାଇଁ ସ୍ଥାନୀୟ ଜନସାଧାରଣ ଙ୍କ ସହଯୋଗ ଥିବାରୁ କମିଟି ପକ୍ଷରୁ ଶ୍ରୀ ଉତ୍ତମ ରାଉତ, ପ୍ରସନ୍ନ ରାଉତ,ହରେକୃଷ୍ଣ ପାତ୍ର, ଅମରେନ୍ଦ୍ର ରାଉତ,ପ୍ରୀତିରଞ୍ଜନ ତରାଇ,ମଦନ ଦାସ,କାର୍ତ୍ତିକ ସେଠି,ମହମ୍ମଦ ସାଜିଦ,ଅଧର ମଣ୍ଡଳ ,ପ୍ରବୀର ରାଉତ,ନପୁ ମଣ୍ଡଳ ଓ ଅନ୍ୟମାନେ ସ୍ଥାନୀୟ ଜନସାଧାରଣ ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।






# ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ଆମରଣ ଅନଶନ

**ବାଲେଶ୍ୱର, ୬।୧୧ (ସଂଚାର ବ୍ୟୁରୋ) :** ବୁଧବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ଓ ଦୌରା ଜଜଙ୍କ ଅଦାଲତ ଫାଟକ ସମ୍ମୁଖରେ ଆଇନଜୀବୀ ତଥା ସମାଜସେବୀ ଜ୍ୟୋତ୍ସ୍ନା ମହାନ୍ତି ଦାବି ପୂରଣ ନେଇ ଆମରଣ ଅନଶନରେ ବସିଥିଲେ। ସୂଚନା ମୁତାବକ ଅଦାଲତ ପ୍ରବେଶ ଦ୍ୱାରରେ ଥିବା ନାଳ ପାଣି ଓ ଅଳିଆ ଆବର୍ଜନା ଭରି ରହିଥିବା ବେଳେ ଏହାକୁ ବାଲେଶ୍ୱର ମ୍ୟୁନିସିପାଲିଟି ନିୟମିତ ସଫା କରୁନାହାନ୍ତି। ଏ ନେଇ ପୂର୍ବରୁ ମଧ୍ୟ ଧାରଣା, ଆମରଣ ଅନଶନରେ ଶ୍ରୀମତୀ ମହାନ୍ତି ବସିଥିଲେ। ଜିଲ୍ଲା ଜଜଙ୍କ ଆଦେଶରେ ମ୍ୟୁନିସିପାଲିଟି ଆଖି ଦୃଶିଆ ସଫା କରି ଯାଇଥିବା ବେଳେ ପୁଣି ଅଦାଲତ ଫାଟକ ସମ୍ମୁଖ ନାଳ ଆଗଭଳି ଅପରିଷ୍କାର ହୋଇ ପଡ଼ିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି ବୋଲି ଶ୍ରିମତି ମହାନ୍ତି ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ପଦକ୍ଷେପ ଦାବି କରି ଆଜି ଆଇନଜୀବୀ, ସମାଜସେବୀ ଜ୍ୟୋତ୍ସ୍ନା ମହାନ୍ତି ଆମରଣ ଅନଶନରେ ବସିଛନ୍ତି।

# ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ କେନ୍ଦ୍ରାପଡ଼ା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୬।୧୧ (ସଂଚାର ବ୍ୟୁରୋ) :** ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ କେନ୍ଦ୍ରାପଡ଼ା ମହୋତ୍ସବ ଆସନ୍ତା ୨୦ ଡିସେମ୍ବର ରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଉଯାଇଛି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ବିକାଶ ମେଳା ଯେପରି ସମସ୍ତଙ୍କ ସହଯୋଗ ଓ ଆନ୍ତରିକତା ଯୋଗୁଁ ସଫଳ ହେଲା ସେହିଭଳି ସମସ୍ତ ସରକାରୀ ବିଭାଗୀୟ ଅଧିକାରୀମାନେ ଆସନ୍ତା ପଲ୍ଲିଶ୍ରୀ ମେଳାକୁ ନିଜ ନିଜର ଷ୍ଟଲ କରି ଏହାକୁ ସଫଳ କରିବେ। ପଲ୍ଲିଶ୍ରୀ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱଉତ୍ପାଦିତ ସାମଗ୍ରୀ ଗୁଡିକୁ ବିକ୍ରୀ ବଟା କରାଯିବ ଓ ସେମାନଙ୍କ ଆର୍ଥିକ ମାନଦଣ୍ଡ କିପରି ସୁଦୃଢ ହେବ ସେଥିପାଇଁ ରାଜ୍ୟ ସରକାରଙ୍କ ଏହା ଏକ ପ୍ରୟାସ ବୋଲି ଜିଲ୍ଲପାଳ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଓ ଜିଲ୍ଲା ବାହାରୁ ଏସ୍ଏଚଜି ଗ୍ରୁପର ମହିଳାମାନେ ସେମାନଙ୍କ ଦ୍ରବ୍ୟ ବିକ୍ରୀ କରିବାକୁ ସୁଯୋଗ ପାଇବେ।



ଏଥିରେ ଓରମାସ, କୃଷି, ମତ୍ସ୍ୟ, ଉଦ୍ୟାନ କୃଷି, ପଶୁ ଚିକିତ୍ସା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ବିଭାଗର ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶନ ହେବ। ଶ୍ରେଷ୍ଠ ବିବେଚିତ ଷ୍ଟଲଗୁଡିକୁ ପୁରସ୍କାର ପ୍ରଦାନ କରାଯିବ। ଜିଲ୍ଲା ଓ ଜିଲ୍ଲା ବାହାରୁ ସଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରି ବେଷଣ କରିବେ। ଉକ୍ତ ପ୍ରସ୍ତୁତି ବୈଠକରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା ବେସାମାରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଡେପୁଟି ଡାଇରେକ୍ଟ ର ପ୍ଲାନିଂ ଆରତୀ ନାୟକ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ, କେନ୍ଦ୍ରାପଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କେତନ ସାହୁ, ଓରମାସ ଡେପୁଟି ସିଇଓ ନିରୋଦ ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ପାଲା କଳାକୁ ବଞ୍ଚାଇ ରଖିବା ଉଦ୍ୟମ କରୁଛନ୍ତି ମଲ୍ଲୀପଦର ଗ୍ରାମବାସୀ

**ଖୋର୍ଦ୍ଧା, ୬।୧୧ (ସଂଚାର ବ୍ୟୁରୋ):** କଳା, ସଂସ୍କୃତି ଏବଂ ସାହିତ୍ୟ ପାଇଁ ଆମ ରାଜ୍ୟ ଓଡିଶା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆମ ରାଜ୍ୟରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ପର୍ବପର୍ବାଣି, ନୀତିନିୟମ ସମସ୍ତଙ୍କୁ ଚକିତ ଆଶ୍ଚର୍ଯ୍ୟ କରିଥାଏ । ସେହିପରି ଦୈନନ୍ଦିନ ଜୀବନରେ ଆମ ଜୀବନ ଶୈଳୀକୁ ପରିବର୍ତନ କରିବା ସହ ସମାଜକୁ ଆଦର୍ଶ ବାର୍ତା ଦେବାରେ ପାଲା ସଂସ୍କୃତିର ସ୍ୱତନ୍ତ୍ର ଭୂମିକା ରହିଛି । ତେବେ ଏହି ପାଲା ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଦୀର୍ଘ ୨୫ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ମଲ୍ଲିପଦର ଗ୍ରାମରେ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ପ୍ରାଙ୍ଗଣରେ ଖୁବ ଆଡମ୍ବର ସହକାରେ ବାଦୀପାଲା ମହୋତ୍ସବ ଗ୍ରାମବାସୀଙ୍କ ସହଯୋଗରେ ପାଳିତ ହୋଇଆସୁଅଛି । ଚଳିତ ବର୍ଷ ଏହାର ରୌପ୍ୟ ଜୟନ୍ତୀ ପାଳନ କରାଯାଉଥିବା ବେଳେ ଏହି ମହୋତ୍ସବ ଉଦଯାପିତ ହୋଇଯାଇଛି ।

ଉଦଯାପନୀ ସନ୍ଧ୍ୟାରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ,ପାଲା କମିଟିର ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସଭାପତି ପ୍ରଭାତ କୁମାର ପଣ୍ଡା, କଣ୍ଟାବାଡ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା ଉପସ୍ଥିତ ରହି ଦୀର୍ଘ ଚାରି ଦିନ ବ୍ୟାପି ପାଲା ପରିବେଷଣ କରୁଥିବା ଜଗତସିଂହପୁର ଅଞ୍ଚଳର ଗାୟକ ସୌରଭ ରବି ନାରାୟଣ ପତି ଏବଂ ପୁରୀର ଗାୟକ ତତ୍ୱ ବିଭୂଷଣ ଲମ୍ବୋଦର ବେହେରାଙ୍କୁ ଉପଢୌକନ, ମାନପତ୍ର, ଫଳକ, ସିରପ୍ଥା ପ୍ରଦାନ କରିଥିଲେ। ସେହିପରି ଲୋକନାଥ ପଣ୍ଡା ସ୍ମୃତି ସଂମ୍ମାନ ଅମୀୟ ଭୂଷଣ ପଣ୍ଡାଙ୍କ ଦ୍ୱାରା ଦୁଇ ଗୟାକଙ୍କୁ ରୌପ୍ୟ ପଦକ ସହ ଟଙ୍କା ମାଳ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଗାୟକ ମିହିର କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ । ପ୍ରତିଦିନ ଏହି କାର୍ଯ୍ୟକ୍ରମକୁ ଶହ ଶହ ସଂଖ୍ୟାରେ ଆଖପାଖ ଅଞ୍ଚଳର ପାଲା ପ୍ରେମୀ ମାନେ ଉପସ୍ଥିତ ରହି ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମକୁ କୁଞ୍ଜ ବିହାରୀ ମହାପାତ୍ର, ଦୀପ୍ତି ରଞ୍ଜନ ଦାଶଙ୍କ ସହ ମଲ୍ଲିପଦର ଓ ବାସୁଦେବପୁର ଗ୍ରାମବାସୀ ସହଯୋଗ କରିଥିଲେ। ସେପଟେ ପାଲା କଳାକୁ ବଞ୍ଚାଇ ରଖିବା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ପାଲା କଳାକାର ।

# ଶ୍ରୀ ବଳଦେବଜୀଉ ମନ୍ଦିର ଦେବୋତ୍ତର ଉପାୟୁକ୍ତଙ୍କ ତଦନ୍ତ ଓ କ୍ୟାମ୍ପକୋର୍ଟ

**କେନ୍ଦ୍ରାପଡ଼ା, ୬।୧୧ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଅବ୍ୟବସ୍ଥା ସଂପର୍କରେ ଦେବୋତର ଉପାୟୁକ୍ତ ଦିଲିପ କୁମାର ଶତପଥୀ ଆଜି ତଦନ୍ତ କରିବା ସହ ସ୍ଥାନୀୟ ଯାତ୍ରୀ ନିବାସରେ କ୍ୟାମ୍ପକୋର୍ଟ କରି ସାକ୍ଷ୍ୟ ଗ୍ରହଣ କରିବା ଓ ସେବାୟତ ମାନଙ୍କ ବୟାନ ରେକର୍ଡ କରିଥିବା ଜଣାପଡିଛି।




ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରାପଡା ବିକାଶ ପରିଷଦ ପକ୍ଷରୁ ଦେବୋତର ଆୟୁକ୍ତଙ୍କ ନିକଟରେ ମନ୍ଦିର ପରିସର ସଂପର୍କରେ ଲିଖିତ ଅଭିଯୋଗ କରା ଯାଇଥିଲା । ଆୟୁକ୍ତଙ୍କ ନିର୍ଦ୍ଦେଶ ମତେ ଶ୍ରୀ ଶତପଥି ଆଜି ପୂର୍ବାହ୍ନରେ ମନ୍ଦିରରେ ପହଁଚି ଝୁଲଣ ଘର, ସ୍ନାନ ମଣ୍ଡପ ଓ ଭଣ୍ଡାର ଘର ନିକଟରେ ରଖା ଯାଇଥିବା ବହୁ ସଂଖ୍ୟକ ସିନ୍ଧୁକ, ଆଲମୀରା ଓ ଜାଳକାଠ ସଂପର୍କରେ ତଦନ୍ତ କରିଥିଲେ। ସିନ୍ଧୁକ ରଖିଥିବା ସେବାୟତ ମାନଙ୍କୁ ଡକାଇ ତାଗିଦ କରିବା ସହ ଭକ୍ତ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଜାଳକାଠ ସ୍ଥାନାନ୍ତର କରିବା ଓ ସିନ୍ଧୁକକୁ ଅନ୍ୟତ୍ର ରଖିବା ସଂପର୍କରେ ସେବାୟତ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ମନ୍ଦିର ପରିସର ବୁଲି ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ଡିପ ବୋରୱେଲ ବସାଇବା, ପରିସର କୁ ପରିଷ୍କାର ପରିଚ୍ଛନ୍ନ ରଖିବା ସଂପର୍କରେ ତଦାରଖ କରିଥିଲେ । ୨୦୦୦ ଲିଟରିଆ ୧୨ଟି ଟାଙ୍କି ଥିଲେ ମଧ୍ୟ ଏହା ଯାତ୍ରୀ ମାନଙ୍କ ବ୍ୟବହାର ପାଇଁ ଅଣ୍ଟୁ ନଥିବାରୁ ବହୁ ସମୟରେ ଜଳାଭାବ ଦେଖା ଯାଉଛି । ୩୫ ଲକ୍ଷ ଟଙ୍କା ବ୍ୟୟରେ ଡିପ ବୋରୱେଲ ବସାଇବା ସମ୍ବନ୍ଧରେ ପିଏଚଡି ଆକଳନ କରିଥିଲେ ମଧ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା ଥିବା ଜଣାପଡିଛି । ତେବେ ଆଜିର ଏହି ତଦନ୍ତ ସମୟରେ ଉପାୟୁକ୍ତ ଶ୍ରୀ ଶତପଥୀଙ୍କ ସମେତ ଉପ ଜିଲ୍ଲପାଳ ତଥା ମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ପ୍ରଧାନ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଦେବୋତର ନିରୀକ୍ଷକ ଶକ୍ତି ପ୍ରସାଦ ନାୟକ, ସେବକ ଟ୍ରଷ୍ଟି ବଳରାମ ସୁଆର, ସୁପର ଭାଇଜର ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ସହ ସହାୟତା କରିଥିଲେ ।

# ଶକ୍ତି ବିଭାଗର ସମୀକ୍ଷା ବୈଠକ

## ରାଜ୍ୟବାସୀଙ୍କୁ ସ୍ଥାୟୀ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସରକାରଙ୍କ ଲକ୍ଷ୍ୟ



**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶକ୍ତି ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓପିଟିସିଏଲ୍, ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ୍, ଟିପିଓଡବ୍ଲ୍ୟୁଓଡିଏଲ୍ (୪ଟି ବିଦ୍ୟୁତ ବିତରକ କମ୍ପାନୀ)ର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା ହୋଇଥିଲା । ଏହି ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ଟାଟାପାୱାର, ଓପିଟିସିଏଲ୍ର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟାବଳୀ ବିଷୟରେ ଆଲୋଚନା ହୋଇଥିଲା। ସର୍ବପ୍ରଥମେ ବାତ୍ୟା 'ଦାନା' ପରବର୍ତ୍ତୀ ସମୟରେ ତ୍ୱରିତ ବେଗରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କାର୍ଯ୍ୟ କରିଥିବାରୁ ମନ୍ତ୍ରୀ ଶ୍ରୀ ସିଂହଦେଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସଂପ୍ରତି ରାଜ୍ୟରେ ଚାଲୁ ରହିଥିବା ୩୩/୧୧ କେଭି ବିଦ୍ୟୁତ ଗ୍ରୀଡ୍ ଓ ସବ୍‌ଷ୍ଟେସନ୍ କାର୍ଯ୍ୟ ୨୦୨୫ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଏବଂ ପୁରୁଣା ଟ୍ରାନ୍ସଫର୍ମର ଓ ଗ୍ରୀଡ୍‌ଗୁଡ଼ିକର ଅପଗ୍ରେଡ୍ ଓ ପୁନରୁଦ୍ଧାର କରିବାକୁ ମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥାନ ଚିହ୍ନଟ କରି ହାତୀ କରିଡ଼ର ଏବଂ ଏହା ପାଶ୍ୱର୍ବର୍ତ୍ତୀ ବିଦ୍ୟୁତ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ଶତ ପ୍ରତିଶତ ଘରକୁ ବିଦ୍ୟୁତ ଯୋଗାଣ ଇତ୍ୟାଦି ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ଦିଗରେ ଟାଟାପାୱାର ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହା ଦ୍ୱାରା ପ୍ରାୟ ୨.୫ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ଆସନ୍ତା ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ବାକିଥିବା କାର୍ଯ୍ୟକୁ ସଂପୂର୍ଣ୍ଣ କରାଯିବ ବୋଲି ଟାଟାପାୱାରର ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ସେହିପରି ଅତ୍ୟଧିକ ଲୋଡ଼ ପଡୁଥିବା ଅଞ୍ଚଳରେ ନୂଆ ଗ୍ରୀଡ୍ ସ୍ଥାପନ ନେଇ ସ୍ଥାନ ଚିହ୍ନଟ ହୋଇସାରିଛି ଏବଂ କାର୍ଯ୍ୟରେ ଅଗ୍ରଗତି ଘଟିଛି। ଆଗାମୀ ଦିନରେ ଏହିସବୁ ସ୍ଥାନରେ ଓପିଟିସିଏଲ୍ ପକ୍ଷରୁ ନୂତନ ଗ୍ରୀଡ୍ ସ୍ଥାପନ ହେବ କିମ୍ବା ପାଶ୍ୱର୍ବର୍ତ୍ତୀ କମ୍ ଲୋଡ୍ ଥିବା ସବ୍‌ଷ୍ଟେସନ୍ ସହ ସଂଯୁକ୍ତ କରାଯାଇ କ୍ଷମତା ବଢ଼ାଯିବ। ଓଡ଼ିଶାରେ ବିଦ୍ୟୁତ ଶକ୍ତି ଯୋଗାଣର ଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ଏବଂ ରାଜ୍ୟବାସୀଙ୍କୁ ସ୍ଥାୟୀ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇଦେବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ଦ୍ୱାରା ରାଜ୍ୟର ବିକାଶ ଏବଂ ଅଭିବୃଦ୍ଧି ସାଧିତ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଥିଲେ ।

# ଓଡ଼ିଶାରେ ଜୈବିକ କୃଷି ନେଇ ଆଲୋଚନା

## ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଇନ୍‌ସେକ୍ଟିକା କମ୍ପାନୀର ଅଧ୍ୟକ୍ଷ



**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଇସ୍ରାଏଲ୍‌ର ଇନ୍‌ସେକ୍ଟିକା କମ୍ପାନୀର ଅଧ୍ୟକ୍ଷ ବେଞ୍ଜାମିନ୍ ରୁବିନ୍ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଆଲୋଚନା ସମୟରେ ମି. ରୁବିନ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସମ୍ମୁଖରେ ନିଜ କମ୍ପାନୀ ବିଷୟରେ ଏକ ଉପସ୍ଥାପନା ରଖିଥିଲେ । ଏହି ସାକ୍ଷାତକାର ସମୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ ବଶିଷ୍ଠ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ଏବଂ ଇନ୍‌ସେନ୍‌ଟିକାର ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସାଂପ୍ରତିକ ସମୟରେ ଜୈବିକ କୃଷିର ଗୁରୁତ୍ୱ ଓ ଆବଶ୍ୟକତା ବୃଦ୍ଧି ପାଇଛି । ବ୍ଲାକ୍ ସୋଲ୍‌ଜର ଫ୍ଲାଏ ଆମ ଦୈନନ୍ଦିନ ଜୀବନରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ବିଘଟନ କରିଥାଏ । ଏହି କ୍ରମରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କମ୍ପାନୀ ବ୍ଲାକ୍ ସୋଲଜର ଫ୍ଲାଏର ଲାଭାରୁ ଜୈବିକ ପ୍ରଣାଳୀରେ ମାଛ, କୁକୁଡ଼ାମାନଙ୍କ ନିମନ୍ତେ ଖାଦ୍ୟ ଏବଂ ବାୟୋଫର୍ଟିଲାଇଜର୍ ପ୍ରସ୍ତୁତ କରିଥାଏ । ଓଡ଼ିଶାରେ ଜୈବିକ କୃଷି ଉପରେ ଗୁରୁତ୍ୱ ଦିଆଯାଉଥିବା ପରିପ୍ରେକ୍ଷୀରେ କମ୍ପାନୀର ଅଧ୍ୟକ୍ଷ ମି. ରୁବିନ୍ ଏହି ଜୈବିକ ପ୍ରକ୍ରିୟାରେ ପ୍ରସ୍ତୁତ ବାୟୋଫର୍ଟିଲାଇଜରକୁ ଓଡ଼ିଶାରେ ବିକ୍ରୟ ପାଇଁ ପ୍ରସ୍ତାବ ଦେଇଥିଲେ । କମ୍ପାନୀ ବାବଦରେ ବିସ୍ତୃତ ବିଶ୍ଳେଷଣ ଏବଂ ଲାଇସେନ୍ସ ଆଦି ଯାଞ୍ଚ ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଥିଲେ ।



ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ସଂଜୀବ ପଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶା କ୍ୟାଡରର ୭ ଜଣ ପ୍ରୋବେସନାରୀ ଆଇପିଏସ ଅଧିକାରୀଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

# ଭାରତ, କାଜାକ୍‌ସ୍ଥାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ଭାରତରେ ଟାଇଟାନିୟମ୍ ସ୍ଲାଗ୍ ଉତ୍ପାଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ । ଏଠାରୁ ଉତ୍ପାଦନ ସାମଗ୍ରୀ ବିଦେଶରେ ବହୁରାଷ୍ଟ୍ରକୁ ରପ୍ତାନୀ କରାଯିବା ସହ ବିମାନ ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ବ୍ୟାପକତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏଥି ନିମନ୍ତେ ଇଣ୍ଡ-କାଜାକ୍ ଜଏଣ୍ଟ ଭେଞ୍ଚର୍ କମ୍ପାନୀ ଏବଂ କାମେନୋଗୋରସ୍କୋ ଟାଇଟାନିୟମ୍ ଏବଂ ମାଗ୍ନେସିୟମ୍ ପ୍ଲାଣ୍ଟ ଜେଏସ୍‌ସି କାଜାକ୍‌ସ୍ଥାନ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସୂଚନାଯୋଗ୍ୟ ଯେ ଦେଶରେ ପ୍ରସ୍ତୁତ ଟାଇଟାନିୟମ୍ କ୍ଷେତ୍ରରେ କଞ୍ଚାମାଲ ଯୋଗାଣ ନିମନ୍ତେ ଓଡ଼ିଶାର ବଡ଼ ଭୂମିକା ରହିଛି । ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ରାଜ୍ୟରୁ ବିରଳ ମୃତ୍ତିକା କଞ୍ଚାମାଲ ଯୋଗାଣ ବ୍ୟାପକ ହେବ। ଏହା ଦ୍ୱାରା ଓଡ଼ିଶାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରେସିଡେଣ୍ଟ ୟୁକେଟିଏମ୍‌ପିଜେଏସ୍‌ସି ଶ୍ରୀମତୀ ଆସେମ୍ ମାମୁଟୋଭା ଏବଂ ଆଇଆର୍‌ଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ଚେୟାର୍‌ମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଦୀପେନ୍ଦ୍ର ସିଂହ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଡକଫର ଏ.କେ. ମହାନ୍ତି, ଶ୍ରୀମତୀ ଆସେମ୍ ମାମୁଟୋଭା, ପ୍ରେସିଡେଣ୍ଟ, ୟୁକେଟିଏମ୍‌ପି ଜେଏସ୍‌ସି, କାଜାକ୍‌ସ୍ଥାନର ରିପବ୍ଲିକ୍ ଅଫ୍ କାଜାକ୍‌ସ୍ଥାନରୁ ଭାରତର ରାଷ୍ଟ୍ରଦୂତ ଶ୍ରୀ ନୁର୍‌ଲାନ୍ ଜାଲଗାଏଭ୍, ଆଇଆର୍‌ଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡକଫର ଦୀପେନ୍ଦ୍ର ସିଂ ଉପସ୍ଥିତ ଥିଲେ ।

# ଖାଦ୍ୟ ସୁରକ୍ଷା ଆଇନକୁ ପାଳନ କରୁନି ବିଜେପି

## ପ୍ରଶାସନିକ ଅବହେଳା ନେଇଛି ଜୀବନ,ଦୋଷୀ କେମିତି କରିବ ତଦନ୍ତ:ଶ୍ରୀକାନ୍ତ



**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ମୋହନ ମାଝିଙ୍କ ନେତୃତ୍ୱାଧିନ ବିଜେପି ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନକୁ ଉଲ୍ଲଂଘନ କରିଛନ୍ତି। ଏହି ଉଲ୍ଲଂଘନ ରାଜ୍ୟର ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକର ମାଣ୍ଡିପଙ୍କା ଗାଁର ଦୁଇ ମହିଳାଙ୍କ ଜୀବନ ନେଇଛନ୍ତି। ସେହିପରି ଅନ୍ୟ ଛଅ ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଆରଡିସି ସ୍ତରୀୟ ତଦନ୍ତ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ନୈତିକ ଦାୟିତ୍ୱ ଯେଉଁ ଅଧିକାରୀମାନେ ନେବା କଥା, ସେହିମାନଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ହାସ୍ୟାସ୍ପଦ ବୋଲି କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି। ରାଜଧାନୀ ସ୍ଥିତ ନିଜସ୍ୱ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଡକାଇ ଶ୍ରୀ ଜେନା ଏହି କହିଛନ୍ତି। ସାମଗ୍ରିକ ଘଟଣାରେ ଏକାଧିକ ଦିଗ ଉପରେ ଶ୍ରୀ ଜେନା ଆଲୋକପାତ କରିବା ସହ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜ ପ୍ରେସ୍ ବାର୍ତ୍ତାରେ ସେ କହିଛନ୍ତି ଯେ, ଏହି ସମଗ୍ର ଘଟଣାରେ ଆରଡିସି ଜଣେ ଅଂଶୀଦାର। ସେହିପରି ଜିଲ୍ଲାପାଳ ଘଟଣା ଘଟିବାର ପ୍ରାୟ ୪ରୁ ୫ ଦିନ ଯାଏଁ ସେହି ଅଞ୍ଚଳ ଗସ୍ତ କଲେ ନାହିଁ। ତେଣୁ ଆରଡିସି ତଦନ୍ତ ଦେବା କେତେ ନ୍ୟାୟ ସଙ୍ଗତ। ଅପରପକ୍ଷରେ ସମଗ୍ର ଘଟଣାରେ ହାଇକୋର୍ଟର ଜଣେ ନିୟମିତ ବିଚାରପତିଙ୍କ ଅଧିନ ଏକ ନ୍ୟାୟିକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଶ୍ରୀକାନ୍ତ ଦାବି କରିଛନ୍ତି। ଗତକାଲି ତରବରିଆ ଭାବେ ତିନି ମାସର ଆଗୁଆ ଚାଉଳବଣ୍ଟନ ପାଇଁ ନିର୍ଦ୍ଦେଶ ଦେବା ନିଷ୍ପତ୍ତି ପଛରେ କୌଣସି ନୂତନତା ନାହିଁ। ଖାଦ୍ୟ ସୁରକ୍ଷା ଆଇନରେ ଏହା ପୂର୍ବ ନିର୍ଦ୍ଧାରିତ ହୋଇ ରହିଛି। ସେହି ଅଞ୍ଚଳରେ ଏକ ମାସ ଚାଉଳ ବଣ୍ଟନରେ ବିଳମ୍ବ ହୋଇଥିବାରୁ ସେମାନେ ଆମ୍ବ ଟାକୁଆ ଖାଇବାକୁ ବାଧ୍ୟ ହୋଇଥିଲେ। ତେଣୁ ଏହି ଘୋଷଣା ଏକ ଧୂଆଁବାଣ। ଅର୍ନ୍ତୋଦୟ ଅନ୍ନ ଯୋଜନାରେ ପ୍ରତି ପରିବାରକୁ ମାସିକ ୩୫ କିଲୋ ଗ୍ରାମ ଚାଉଳ ମିଳିବା କଥା। ତେଣୁ ଅକ୍ଟୋବର ମାସର କାହିଁକି ପୂର୍ବରୁ କିମ୍ବା ସେହି ମାସରେ ବିଜେପି ସରକାର ପ୍ରଦାନ କରି ନ ଥିଲେ। ଅକ୍ଟୋବର ମାସର ରାସନ କାହିଁକି ନଭେମ୍ବରରେ ପ୍ରଦାନ କରାଗଲା ବୋଲି ଜେନା ପ୍ରଶ୍ନ କରିଛନ୍ତି। ଏହା ଏକ ପ୍ରଶାସନିକ ଅପରାଧ। ଯାହା ପରବର୍ତ୍ତୀ ସମୟରେ ଦୁଇ ଜୀବନକୁ ଉଜାଡି ଦେଇଛି। ତେଣୁ ଏହି ଅବହେଳା ପାଇଁ ଦାୟୀ ସମସ୍ତ ଅଂଶୀଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ଉଚିତ। ଯଦି ପ୍ରଶାସନ ଅକ୍ଟୋବର ମାସରେ ଚାଉଳ ପ୍ରଦାନ କରିଦେଇଥାଆନ୍ତେ, ତେବେ ଏତେ ବଡ଼ ଅଘଟଣ ଘଟି ନ ଥାନ୍ତା ବୋଲି ଶ୍ରୀ ଜେନା କହିଛନ୍ତି। ତେଣୁ ଜଣ ପିଛା ୧୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉ ବୋଲି ଶ୍ରୀ ଜେନା ଦାବି କରିଛନ୍ତି।

## ଘଣ୍ଟାଏ ବସିଲେ ଦେବାକୁ ପଡୁଛି ୧୨ଟଙ୍କା, ଯାତ୍ରୀ ଅସନ୍ତୁଷ୍ଟ

ଷ୍ଟେସନରେ ଟ୍ରେନକୁ ଅପେକ୍ଷା ପାଇଁ ଲାଗୁଛି ଚାର୍ଜ । ଘଣ୍ଟାଏ ବସିଲେ ଦେବାକୁ ପଡୁଛି ୧୦ରୁ ୧୨ଟଙ୍କା। ଆଉ ଛୋଟ ପିଲାଙ୍କ ପାଇଁ ଏହା ଘଣ୍ଟାକୁ ୫ ଟଙ୍କା। ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଏଭଳି ନିୟମ କରାଯାଇଛି । ଫଳରେ ଯାତ୍ରୀ ମହଲରେ ଦେଖାଦେଇଛି ଅସନ୍ତୋଷ । ଖୋର୍ଦ୍ଧା ରୋଡ ଷ୍ଟେସନ ବହୁ ପୁରାତନ ଷ୍ଟେସନ ଭାବରେ ବେଶ ଜଣାଶୁଣା । ଭାରତର ପ୍ରାୟ ସମସ୍ତ ସ୍ଥାନକୁ ଏହି ଷ୍ଟେସନ ଦେଇ ଯାତାୟାତ କରିହୁଏ। ଯାତାୟାତ ସମୟରେ ଯାତ୍ରୀମାନେ ଟ୍ରେନକୁ ଷ୍ଟେସନରେ ଅପେକ୍ଷା କରିଥାନ୍ତି। କିନ୍ତୁ ଖୋର୍ଦ୍ଧା ଷ୍ଟେସନରେ ଟ୍ରେନକୁ ଷ୍ଟେସନରେ ଅପେକ୍ଷା କରିବାକୁ ଅତିରିକ୍ତ ମୂଲ୍ୟ ଦେବାକୁ ପଡୁଛି । ବଡ଼ ଲୋକଙ୍କ ପାଇଁ ଏହି ନିର୍ଦ୍ଧାରିତ ମୂଲ୍ୟ ଘଣ୍ଟା ପ୍ରତି ୧୦ରୁ ୧୨ଟଙ୍କା ରହିଥିବା ବେଳେ ଛୋଟ ପିଲାଙ୍କ ପାଇଁ ଏହି ମୂଲ୍ୟ ୫ ଟଙ୍କା ରହିଛି । ଯାହା ପାଇଁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଟ୍ରେନ ବିଳମ୍ବରେ ରେଳ ବିଭାଗ ଦାୟୀ ରହୁଛି । ତେବେ ଯାତ୍ରୀଙ୍କୁ କାହିଁକି ଏହାର ଅତିରିକ୍ତ ମୂଲ୍ୟ ଦେବାକୁ ପଡିବ ତାହା ସବୁଠୁ ବଡ଼ ପ୍ରଶ୍ନ । ସେପଟେ ଏନେଇ ରେଳ ୱିଭାଗର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଆଜି ଭୁବନେଶ୍ୱରରେ ସ୍ୱତନ୍ତ୍ର ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ ଶିବିର

**ନୂଆଦିଲ୍ଲୀ୬।୧୧:** ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ (ଡିଓପିପିଡବ୍ଲୁ) ପକ୍ଷରୁ ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି ବା ଚେହେରା ପ୍ରମାଣିକରଣ ପ୍ରଯୁକ୍ତି ମାଧ୍ୟମରେ ପେନସନଭୋଗୀଙ୍କ ନିମନ୍ତେ ଜୀବନ ପ୍ରମାଣପତ୍ର ଦାଖଲକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଚଳିତ ମାସ ଏହି ବିଭାଗ ଦେଶବ୍ୟାପୀ ଡିଜିଟାଲ ଲାଇଫ ସାର୍ଟିଫିକେଟ୍ (ଡିଏଲସି) ଅଭିଯାନ ୩.୦ ଆୟୋଜନ କରୁଛି। ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଜୀବନପ୍ରମାଣପତ୍ର ଦାଖଲ ଶିବିର ଆୟୋଜନ କରାଯାଉଥିବା ବେଳେ ପେନସନଭୋଗୀମାନେ ଆଣ୍ଡ୍ରଏଡ ସ୍ମାର୍ଟଫୋନରେ ଆଧାର ଭିତ୍ତିକ ପ୍ରମାଣୀକରଣ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ବିଭାଗର ଜଣେ ବରିଷ୍ଠ ଅଧିକାରୀ ବିଭିନ୍ନ ସ୍ଥାନ ପରିଦର୍ଶନ କରି ପେନସନଭୋଗୀଙ୍କୁ ସେମାନଙ୍କ ଜୀବନ ପ୍ରମାଣପତ୍ର ଦାଖଲ କରିବା ପାଇଁ ବିଭିନ୍ନ ଡିଜିଟାଲ ମାଧ୍ୟମରେ ସାହାଯ୍ୟ କରିବେ। ଏହି ଶିବିରଗୁଡ଼ିକରେ ଆବଶ୍ୟକସ୍ଥଳେ, ପେନସନଭୋଗୀମାନଙ୍କୁ ସେମାନଙ୍କର ଆଧାର ରେକର୍ଡ ଅପଡେଟ୍ କରିବା ଏବଂ ଯେକୌଣସି ବୈଷୟିକ ସମସ୍ୟାର ସମାଧାନ କରିବାରେ ୟୁଆଇଡିଏଆଇ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ।

# ଫିଲ୍ମ ବଜାର ପ୍ରଦର୍ଶନୀ କକ୍ଷରେ ୨୦୮ଟି ଫିଲ୍ମ ହେବ ପ୍ରଦର୍ଶନ




**ନୂଆଦିଲ୍ଲୀ୬।୧୧:** ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ) ଚଳିତ ନଭେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଏକ ଭବ୍ୟ ସାଂସ୍କୃତିକ ପରିବେଶ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି। ଏଥିସହିତ ଫିଲ୍ମ ବଜାରର ଅଷ୍ଟାଦଶ ସଂସ୍କରଣ ମଧ୍ୟ ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହା ଚଳଚ୍ଚିତ୍ର ନିର୍ମାତା ଓ ଏହି ଉଦ୍ୟୋଗର ପେସାଦାରମାନଙ୍କୁ ପରସ୍ପର ସହ ଯୋଡ଼ି ହେବା, ସହଭାଗିତା ସ୍ଥାପନ କରିବା ଏବଂ ନିଜ କାମ ପ୍ରଦର୍ଶନ କରିବା ଲାଗି ଏକ ଜୀବନ୍ତ ପରିବେଶ ଯୋଗାଇ ଦେବ। ଚଳିତ ବର୍ଷ ପୁନର୍ବାର ମାରିଅଟ୍ ରିସର୍ଟରେ ଭ୍ୟୁଇଂ ରୁମ୍ ବା ଚଳଚ୍ଚିତ୍ର ପ୍ରଦର୍ଶନ କକ୍ଷ ଆୟୋଜିତ ହେବାକୁ ଯାଉଛି ଏବଂ ଏଥିରେ ଭାରତ ଓ ଦକ୍ଷିଣ ଏସିଆର ଶ୍ରେଷ୍ଠ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ବିତରଣ ଏବଂ ପାଣ୍ଠି ସହଯୋଗ ଚାହୁଁଥିବା ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ରୂପେ ଡିଜାଇନ କରାଯାଇଥିବା ଭ୍ୟୁଇଂ ରୁମ୍ ରେ ସମ୍ପୂର୍ଣ୍ଣ ହୋଇଥିବା କିମ୍ବା ପୋଷ୍ଟ୍ ପ୍ରଡକ୍ସନ୍ ସ୍ତରରେ ଥିବା ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଏହା ସେମାନଙ୍କୁ ବିଶ୍ୱ ଚଳଚ୍ଚିତ୍ର ପ୍ରୋଗ୍ରାମର୍, ବିତରକ, ସେଲ୍ସ ଏଜେଣ୍ଟ ଏବଂ ନିବେଶକଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ସୁଯୋଗ ଦେବ। ନଭେମ୍ବର ୨୧ରୁ ୨୪ ପର୍ଯ୍ୟନ୍ତ ଭ୍ୟୁଇଂ ରୁମ୍ ଅଂଶୀଦାରଙ୍କ ପାଇଁ ଉପଲବ୍ଧ ହେବ।

# ଭାରତୀୟ ଟିମ୍ ସହ କଥାହେଲେ ସୂର୍ଯ୍ୟବଂଶୀ



ଏସୀୟ ମହିଳା ହକି ଚାମ୍ପିୟନସିପ୍

ଭୁବନେଶ୍ୱର,୬।୧୧ (ସଂଚାର ବ୍ୟୁରୋ): ନଭେମ୍ବର ୧୧ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିର ଠାରେ ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ଭାରତ ସମେତ ଚୀନ୍, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ ଏବଂ ଥାଇଲାଣ୍ଡ ଦେଶର ମହିଳା ହକିଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ବୁଧବାର ଭାରତୀୟ ମହିଳା ହକି ଟିମ୍ କ୍ରୀଡ଼ାବିତମାମାନଙ୍କୁ ଶୁଭକାମନା ଜଣାଇବା ସହ ପ୍ରସ୍ତୁତି ସମ୍ବନ୍ଧରେ ବୁଝିଛନ୍ତି। ଭାରତୀୟ ମହିଳା ରାଷ୍ଟ୍ରୀୟ ହକି ଟିମ୍ ତରଫରୁ କ୍ୟାପଟେନ୍ ସଲୀମା ଟେଟେ, ଭାଇସ୍ କ୍ୟାପଟେନ୍ ନଭନୀତ କୌର, କୋଚ୍ ହରେନ୍ଦ୍ର ସିଂ, ଓଡ଼ିଶାର ହକି କ୍ରୀଡାବିତ୍ ସୁନେଲିତା ଟପ୍ପୋ ଏବଂ ଟିମ୍ ର ଅନ୍ୟାନ୍ୟ କ୍ରୀଡାବିତ୍ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ, ଆପଣମାନେ ଦେଶର ଗର୍ବ ଓ ଗୌରବ। ଯୁବ କ୍ରୀଡାବିତଙ୍କ ପାଇଁ ପ୍ରେରଣାର ଉତ୍ସ। ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆଗାମୀ ଏସିଆନ୍ ମହିଳା ହକି ଚାମ୍ପିୟନସିପ୍ ରେ ଆପଣମାନେ ନିଶ୍ଚିତ ରୂପେ ଆମ ଦେଶ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ। କ୍ୟାପଟେନ୍ ସଲୀମା ଟେଟେଙ୍କୁ ଶ୍ରୀ ସୂରଜ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଓଡ଼ିଶାର କ୍ରୀଡାବିତ୍ ସୁନେଲିତା ଟପ୍ପୋ ଓଡ଼ିଶାର ଗର୍ବ ବୋଲି ମତପ୍ରକାଶ କରିବା ସହ ସୁନ୍ଦରଗଡ଼ର ଯୁବ କ୍ରୀଡାବିତ୍‌ଙ୍କ ପାଇଁ ସୁନେଲିତା ପ୍ରେରଣାର ଉତ୍ସ ବୋଲି କହିଥିଲେ। ଏସିଆନ୍ ମହିଳା ହକି ଚାମ୍ପିୟନସିପ୍‌ର ପ୍ରସ୍ତୁତି ସମ୍ବନ୍ଧରେ କୋଚ୍ ହରେନ୍ଦ୍ର ସିଂଙ୍କ ସହ ଆଲୋଚନା ସେ କରିଥିଲେ। ଓଡିଶା ସରକାରଙ୍କ ହକି ତଥା ହକି କ୍ରୀଡାବିତଙ୍କ ବିକାଶ ପାଇଁ ରହିଥିବା ପ୍ରତିବଦ୍ଧତାକୁ ମହିଳା ହକି ଟିମ୍‌ର ସଦସ୍ୟମାନେ ପ୍ରଶଂସା କରିଥିଲେ। ଆଲୋଚନାରେ କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ହକି ଇଣ୍ଡିଆ ପ୍ରେସିଡେଣ୍ଟ ଦିଲୀପ ତିର୍କୀ, କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଆଦି ଉପସ୍ଥିତ ଥିଲେ।


# ଦାଦନ ଶ୍ରମିକ ସମସ୍ୟାର ସମାଧାନ ପାଇଁ ମିଳିମିଶି କାମ କର



**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** କାମ ଅନ୍ୱେଷଣରେ ଆଉ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ କନଭରଜେନ୍ସ ମୋଡରେ ବା ସମ୍ମିଳିତ ହୋଇ ସେମାନଙ୍କର ଜୀବିକାନିର୍ବାହ ଯୋଜନାକୁ ଗାଁରେ କାର୍ଯ୍ୟକାରୀ କରିବେ । ଲୋକଙ୍କୁ ବର୍ଷକୁ ୨୦୦ରୁ ୩୦୦ଦିନ କାମ ଯୋଗାଇବେ । ଏହାସହିତ କେଉଁ ବ୍ଲକରୁ କେଉଁମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯିବ । ରାଜ୍ୟର ବିଜେପି ସରକାର ଦାଦନଜନିତ ବିସ୍ଥାପନ ସମସ୍ୟାର ସମାଧାନ ପାଇଁ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ବୈଠକ ଗତ ଅକ୍ଟୋବର ୨୮ତାରିଖରେ ଅନୁଷ୍ଠିତ ହୋଇ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଟାସ୍କଫୋର୍ସ ବୈଠକ ପରେ ଆଜି ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ବିଭାଗର ସଚିବମାନଙ୍କ ଉପସ୍ଥିତିରେ ରାଜ୍ୟରେ ଦାଦନ ସମସ୍ୟା ଓ ସେମାନଙ୍କୁ ଜୀବିକାନିର୍ବାହ ପାଇଁ ବିକଳ୍ପ ପନ୍ଥା ଯୋଗାଇବା ଉପରେ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ସରକାରଙ୍କ ବିଭିନ୍ନ ବିଭାଗ ଯଥା ପଂଚାୟତିରାଜ, କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସେଚନ, ଜଙ୍ଗଲ ବିଭାଗ ଆଦିର ସହଯୋଗରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଜୀବିକାନିର୍ବାହ କାର୍ଯ୍ୟକ୍ରମ ବା ଯୋଜନାକୁ ସମ୍ମିଳିତ ଭାବେ ଗାଁରେ ଯୋଗାଇ ଦିଆଯିବ। ଦାଦନ ଶ୍ରମିକ ଭାବେ ଯାଉଥିବା ସମସ୍ତ ଗାଁରେ ଏହାକୁ କାର୍ଯ୍ୟକାରୀ କରାଯାଇ ଯେପରି ସେମାନଙ୍କୁ ସବୁଦିନିଆ କାମ ମିଳିବ ଓ ସେମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ହେବ ତା'ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦାଦନ ନଯିବା ପାଇଁ ସେମାନଙ୍କୁ ଅନ୍ତତଃ ବର୍ଷକୁ ୨୦୦ରୁ ୩୦୦ଦିନ କାମ ଯୋଗାଇ ଦିଆଯିବ । ଜିଲ୍ଲା ପ୍ରଶାସନକୁ ଏଥିପାଇଁ ତ୍ୱରିତ୍ ପଦକ୍ଷେପ ନେଇ ଦାଦନ ପରିବାର ଓ ଲୋକମାନଙ୍କୁ ଚିହ୍ନଟ କରି ସ୍ଥାୟୀ ରୋଜଗାର ବ୍ୟବସ୍ଥା ଓ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜିଲ୍ଲାର ୩୦ଟି ବ୍ଲକରେ ଅଧିକ ପରିମାଣରେ ଲୋକେ ଦାଦନ ଖଟିବାକୁ ଅନ୍ୟତ୍ର ଯାଉଥିବା ସର୍ଭେରୁ ଜଣାପଡ଼ିଛି । ମୁଖ୍ୟ ସଚିବ ଆହୁଜା ବିଭିନ୍ନ ବିଭାଗର ମିଳିତ ପ୍ରୟାସରେ ଗାଁଗୁଡ଼ିକରେ କନଭରଜେନ୍ସି ମୋଡରେ ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ ଯୋଗାଇବା ଉପରେ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲା ଓ ବ୍ଲକସ୍ତରରେ ମଧ୍ୟ କମିଟି ଗଠନ କରାଯାଇ ଦାଦନ ସମସ୍ୟାର ସମାଧାନ ଓ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ଆଦିର ନିୟମିତ ଅନୁଧ୍ୟାନ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ସହ ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଯାଉଥିବା ସର୍ଭେରୁ ଜଣାପଡ଼ିଛି ।

# ବିଜୁଳି ମିଟରର ବୋଝ ବାହି ଚାଲିଛନ୍ତି ହିତାଧିକାରୀ

**ଭୁବନେଶ୍ୱର,୬।୧୧:** ରାଜ୍ୟରେ ବିଜୁଳି ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର ନିଜ ସୁବିଧା ମୁତାବକ ବିଦ୍ୟୁତ୍ ମିଟର ବଦଳାଉଥିବାରୁ ହିତାଧିକାରୀମାନେ ଏବେ ନିୟମିତ ଭାବେ ମିଟରବାବଦୀୟ ଅର୍ଥ ଗଣିବାରେ ଲାଗିଛନ୍ତି। ମାସକୁ ମାସ ମିଟର ଭଡା ଆଦାୟ କରୁଥିବା ବିତରଣ କମ୍ପାନୀ ଏକକାଳୀନ ଭାବେ ମିଟର ବାବଦ ଦେୟ ନେବାକୁ ରାଜି ହେଉନାହାନ୍ତି। ବିଜୁଳି ବଣ୍ଟନ ଦାୟିତ୍ୱରେ ସରକାରୀ ସଂସ୍ଥା ସେସୁ ଥିବାବେଳେ ହିତାଧିକାରୀଙ୍କ ଘରେ ପରୀକ୍ଷିତ ମିଟର ଲଗାଇବା ସହ ଏ ବାବଦରେ ଅର୍ଥ ଆଦାୟ କରିଥିଲା। ସେହିସବୁ ମିଟର ମାନୁଆଲ ଥିବାବେଳେ ହିତାଧିକାରୀମାନେ ମାସକୁ ୨୦ଟଙ୍କା ହିସାବରେ ୫ବର୍ଷ ଅର୍ଥ ପଇଠ କରିଥିଲେ। ଏହାପରେ ମାନୁଆଲ ମିଟର ବଦଳରେ ଡିଜିଟାଲ ମିଟର ଲାଗିଲା। ବିଜୁଳି ବଣ୍ଟନ ଦାୟିତ୍ୱ ଟାଟା ପାୱାର ହାତକୁ ଯିବାପରେ କମ୍ପାନୀ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କଲା। ଯେଉଁମାନେ ୫ବର୍ଷ ଧରି ମିଟର ବାବଦରେ ଅର୍ଥ ଗଣିଥିଲେ ସେମାନେ ପୁଣିଥରେ ଡିଜିଟାଲ ମିଟର ବାବଦରେ ମାସକୁ ମାସ ଅର୍ଥ ଦେଲେ। ଏବେ ଟାଟା ପାୱାର କର୍ତ୍ତୃପକ୍ଷ ଡିଜିଟାଲ ମିଟର ବଦଳରେ ଲୋକଙ୍କ ଘରେ ସ୍ମାର୍ଟ ମିଟର ବସାଇବା ଆରମ୍ଭ କରିଛନ୍ତି। ଏହି ମିଟରରେ ସ୍ୱତନ୍ତ୍ର ଚିପ୍ ଲାଗିଛି। ଯାହା ଫଳରେ ମିଟର ରିଡିଂ ପାଇଁ ଲୋକେ ଆଉ ଗ୍ରାହକଙ୍କ ଘରକୁ ଆସିବେନାହିଁ। ପ୍ରତି ମାସରେ କେତେ ବିଲ୍ ହେଲା ତାହା ଗ୍ରାହକଙ୍କ ମୋବାଇଲ୍‌କୁ ମେସେଜ ଆକାରରେ ଯିବ। ଏହି ମିଟର ପାଇଁ ଏବେ ହିତାଧିକାରୀମାନେ ଏବେ ମାସକୁ ମାସ ୫୦ ଟଙ୍କା କରି ତଣ୍ଡ ଗଣିବେ। ଏଥି ସହିତ ମୋବାଇଲ୍‌ରେ ଆସୁଥିବା ମେସେଜ ପାଇଁ ଗ୍ରାହକମାନେ ଏବେ ନିୟମିତ ଭାବେ ନିଜ ନିଜ ମୋବାଇଲ୍‌କୁ ରିଚାର୍ଜ କରିବାକୁ ବାଧ୍ୟ ହେବେ। କାରଣ ଯଦି ମେସେଜ୍ ଦେଖି ବିଲ୍ ପଇଠ ନକଲେ ତେବେ ସେମାନଙ୍କର ଲାଇନ୍ କାଟିଦେବାର ଭୟ ରହିଛି। ପୂର୍ବରୁ ଯେଭଳି ମିଟର ରିଡିଂ ପରେ କାଗଜ ବିଲ୍ ଧରାଇ ଦିଆଯାଉଥିଲା ତାହା ଆଉ ହେବନାହିଁ। ଏ କାମରେ ନିୟୋଜିତ ବହୁ ବ୍ୟକ୍ତି ଜୀବିକା ହରାଇବାର ଆଶଙ୍କା ଉପୁଜିଲାଣି। ସେହିଭଳି ଗୋଟିଏ ପରେ ଗୋଟିଏ କିସମର ମିଟର ବସୁଥିବାବେଳେ ସେଥିପାଇଁ ହିତାଧିକାରୀମାନେ ଅର୍ଥ ଗଣିବା ଏକ ନିୟମିତ ଧାରାରେ ପରିଣତ ହେଲାଣି। ବିତରଣ କମ୍ପାନୀ ଏହା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ନିୟମ ଅନୁଯାୟୀ ହେଉଥିବା ଦର୍ଶାଇ ଲୋକଙ୍କ ଉପରେ ବୋଝ ଲଦୁଥିବାବେଳେ ଓଇଆରସି କିନ୍ତୁ ନିରବ। ଏହି ଆୟୋଗର ନିୟମାବଳୀରେ କ'ଣ କ'ଣ ସବୁ ଧାରା ରହିଛି ତାହା ସାଧାରଣ ବିଜୁଳି ହିତାଧିକାରୀଟିଏ ଜାଣିବାର ଅବକାଶ ନାହିଁ। ଗୋଟିଏ ପଟେ ଡିଜିଟାଲ ଓ ସ୍ମାର୍ଟ ମିଟରକୁ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ଟାଟା ପାୱାର କିନ୍ତୁ ତାହାର ମିଟର ବସାଇବା କାର୍ଯ୍ୟ ଜାରି ରଖିଛି। ତେବେ ଯେଉଁମାନଙ୍କର ସଚଳ ମିଟର ହଟାଇ କମ୍ପାନୀ ନୂଆ ମିଟର ବସାଇ ତାହାର ବୋଝ ଲଦୁଛନ୍ତି ସେଥିରେ ଓଇଆରସି ହସ୍ତକ୍ଷେପ କରିବାକୁ ମତପ୍ରକାଶ ପାଉଛି। ନହେଲେ ହିତାଧିକାରୀମାନେ ଜୀବନସାରା କେବଳ ମିଟର ଭଡା ଗଣିବା ସାର ହେବ। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ମାତୃଶକ୍ତି-ସୃଷ୍ଟି ଆରମ୍ଭ ହୁଏ ଶଙ୍କରୁ, ଶଙ୍କରୁ ନାଦ, ନାଦରୁ ବ୍ରହ୍ମ, ବ୍ରହ୍ମରୁ ଶକ୍ତି, ଶକ୍ତିରୁ ହିଁ ସୃଷ୍ଟି। ଏ ସୃଷ୍ଟିକୁ ସୃଷ୍ଟି କରିଛି ସେହି ଶକ୍ତି, ରୂପାନ୍ତରରେ ଯିଏ ମାତୃଶକ୍ତି।

SANCHAR
ସଂଚାର




# ପୁଣି ଫେରିଲା ରାଗିଂ

ଅନେକ ସମୟରେ ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଥିବା ଖବର ମିଳୁଛି। ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ଏହାର ମୁଖ୍ୟ କାରଣ ହେଲା ରାଗିଂ। ରାଗିଂର ମାତ୍ରା ଯେତେବେଳେ ସୀମା ଟପିଯାଉଛି ଏବଂ ଅତ୍ୟାଚାର ଅସହ୍ୟ ହେଉଛି ସେତେବେଳେ କେତେକ ଅସହାୟ ହୋଇ ଆତ୍ମହତ୍ୟାର ବାଟ ବାଛି ନେଉଛନ୍ତି। ସବୁ ଛାତ୍ରଛାତ୍ରୀ ମାନସିକ ଦୃଢ଼ତା ସମାନ ନଥାଏ। ଘରଠାରୁ ଦୂରରେ ରହି ସେମାନେ ପାଠ ପଢୁଥିବା ବେଳେ ଅନ୍ୟର ସାହାଯ୍ୟ ଏବଂ ସହଯୋଗ କାମନା କରନ୍ତି। ଏହା ପରିବର୍ତ୍ତେ ଯେତେବେଳେ ସେମାନେ ନିର୍ଯାତିତ ହୁଅନ୍ତି ସେତେବେଳେ ସେମାନେ ଆତ୍ମହତ୍ୟାକୁ ଆତ୍ମରକ୍ଷାର ଉପାୟ ବୋଲି ବିଚାର କରନ୍ତି ଓ ଚରମ ପଦକ୍ଷେପ ନିଅନ୍ତି। ନିକଟରେ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜରେ ଏଭଳି ରାଗିଂ ଅଭିଯୋଗ ଆସିବା ପରେ କର୍ତ୍ତୃପକ୍ଷ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେହିପରି କଟକ ଏସସିବି ମେଡିକାଲ କଲେଜରେ ମଧ୍ୟ ପ୍ରଥମ ବର୍ଷ ଛାତ୍ରଙ୍କୁ ରାଗିଂ ଅଭିଯୋଗ ହୋଇଛି। ଏବେ କେନ୍ଦୁଝର ଇଞ୍ଜିନିୟରିଂ କଲେଜରେ ମଧ୍ୟ ଛାତ୍ରଙ୍କୁ ରାଗି କରାଯାଉଥିବା ଅଭିଯୋଗ ଆସିଛି। ଆହୁରି ଅନେକ ଘଟଣା ସାମନାକୁ ଆସୁନି। ଗୋଟିଏ ବାକ୍ୟରେ କହିଲେ ଶିକ୍ଷାନୁଠାନରେ ରାଗିଂ କମିଛି ସତ୍ୟ, ମାତ୍ର ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇପାରିନି। ରାଗିଂ ରୋଗ ଦୂର ହୋଇପାରିନି। ଶିକ୍ଷାନୁଷ୍ଠାନ ହେଲା ଶିକ୍ଷା ଏବଂ ସଂସ୍କାର ପାଇବାର ସ୍ଥାନ। ଏଠାରେ ଅଶିକ୍ଷା, କୁସଂସ୍କାର ଏବଂ ନିର୍ଯାତନା ଚିନ୍ତା ପରିସର ବାହାରେ। ଏହା ଦ୍ୱାରା ଶିକ୍ଷାନୁଷ୍ଠାନର ପବିତ୍ରତା ନଷ୍ଟ ହୋଇଥାଏ। ଶିକ୍ଷାନୁଷ୍ଠାନର ପବିତ୍ରତା ନଷ୍ଟ କରିବାକୁ, ଅମର୍ଯ୍ୟାଦା ସୃଷ୍ଟି କରି ସମାଜକୁ କଳୁଷିତ କରିବା ଏହାର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ କିଛି ବର୍ଷ ହେବ ଶିକ୍ଷାନୁଷ୍ଠାନରେ ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଛାତ୍ରଙ୍କ ଉପରେ ରାଗିଂ ନାମରେ ଅତ୍ୟାଚାର ବଢ଼ି ଚାଲିଛି। କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜୁନିୟର ପିଲାଙ୍କୁ ସିନିୟର ଛାତ୍ରଛାତ୍ରୀ ରାଗିଂ କରିବା ଏକ ନିୟମିତ ଘଟଣା। ଅନେକ ପିଲାଙ୍କ ଜୀବନ ଏଥିରେ ଯାଇଛି। ବିଶେଷକରି ଇଞ୍ଜିନିୟରିଂ, ମେଡିକାଲ ଓ ମ୍ୟାନେଜମେଣ୍ଟ କଲେଜ ଗୁଡ଼ିକରେ ଏଭଳି ରାଗିଂ ହୋଇଥାଏ। ଘର ଛାଡ଼ି ହଷ୍ଟେଲରେ ରହିଥିବା ପିଲାଙ୍କୁ ଏଥିପାଇଁ ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯାତନାର ଶୀକାର ହେବାକୁ ପଡ଼ିଥାଏ।



ବେଳେ ବେଳେ ନିର୍ଯାତନା ଏତେ ଅମାନୁଷିକ ଓ ଅପମାନ ଜନକ ହୋଇଥାଏ ଯେ କେତେକ ଛାତ୍ର ଏଥିପାଇଁ ଜୀବନ ହାରିବାର ନଜିର ରହିଛି। ଏଥିପାଇଁ ଅନେକ ଛାତ୍ର ମାନସିକ ଚାପର ସମ୍ମୁଖୀନ ହୋଇ ପାଠପଢ଼ାରେ ଧ୍ୟାନ ଦେଇପାରନ୍ତି ନାହିଁ। ଏହା କଲେଜରେ ଶୈକ୍ଷିକ ବାତାବରଣକୁ ନଷ୍ଟ କରିଥାଏ। ପିଲାମାନଙ୍କ ଅଭିଭାବକମାନେ ଏହା ଦ୍ୱାରା ଚିନ୍ତାଗ୍ରସ୍ତ ହୁଅନ୍ତି। ହଷ୍ଟେଲକୁ ଛାଡ଼ିବା ବେଳେ ପିତାମାତା ଚିନ୍ତାରେ ସମୟ କାଟନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ପରେ କିଛି ବର୍ଷ ତଳେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ରାଗିଂ ରୋକିବାକୁ ଆଇନ କଡ଼ାକଡ଼ି କରିଛନ୍ତି। ସବୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଗାଇଡ କରାଯାଇଛି। କଲେଜ ଏବଂ ହଷ୍ଟେଲ ପରିସରକୁ ରାଗିଂ ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରାଯାଇଛି। ରାଗିଂ ଅଭିଯୋଗ ଆସିଲେ କଲେଜ ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗ ପ୍ରମାଣିତ ହେଲେ ରାଗିଂ କରିଥିବା ଛାତ୍ରଛାତ୍ରୀଙ୍କୁ ବହିଷ୍କାର କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଏହା ପରେ ରାଗିଂ ହ୍ରାସ ପାଇଛି ସତ, ମାତ୍ର ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଏବେ ବି ଅନେକ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଗିଂ ହେଉଥିବା ଅଭିଯୋଗ ଆସୁଛି। ଦୁଇ ବର୍ଷ ତଳେ ବଲାଙ୍ଗୀରରେ ଜଣେ ମେଡିକାଲ ଛାତ୍ର ଛାତରୁ ପଡ଼ି ପ୍ରାଣ ହରାଇଥିବା ଅଭିଯୋଗ ଆସିଥିଲା। ସମ୍ପୃକ୍ତ ଛାତ୍ରଜଣକ ବାହାର ରାଜ୍ୟରୁ ଆସି ଏଠାରେ ପାଠ ପଢ଼ୁଥିଲେ। ତାଙ୍କ ପିତାମାତା ଅଭିଯୋଗ କରିଥିଲେ ଯେ, ସେମାନଙ୍କ ପୁଅ ରାଗିଂର ଶୀକାର ହୋଇ ପ୍ରାଣ ହରାଇଛନ୍ତି ବା ତାଙ୍କୁ ହତ୍ୟା କରାଯାଇଛି। ଏହାର ତଦନ୍ତ ନିର୍ଦ୍ଦେଶ ହେଲା। କିନ୍ତୁ ସତ କ'ଣ ତାହା ଜଣାପଡ଼ିଲାନି। ତେବେ ଛାତ୍ରଜଣକ କୌଣସି କାରଣରୁ ମାନସିକ ଚାପରେ ଥିଲେ ତାହା ଜଣାପଡ଼ିଥିଲା। ସେ କେଉଁ ପରିସ୍ଥିତିରେ ଛାତରୁ ପଡ଼ିଲେ, ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ିଲାନି। ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏଭଳି ରାଗିଂ ଆଭିଯୋଗ ଆସିଛି। ଏଥିପାଇଁ ୪ଜଣ ଛାତ୍ରଙ୍କୁ ହଷ୍ଟେଲରୁ ବିଦା କରାଯାଇଛି। ଏହା ସ୍ୱାଗତଯୋଗ୍ୟ। ଶିକ୍ଷାନୁଷ୍ଠାନରେ ବିଶଷ କରି ହଷ୍ଟେଲରେ ରାଗିଂ ଅଭିଯୋଗ ଆସିଲେ ଅଭିଯୁକ୍ତଙ୍କୁ ପିତାମାତା ବା ଅଭିଭାବକଙ୍କୁ ଭୋଟା ଅଙ୍କର ଜରିମାନା କରାଯିବା ଉଚିତ। ଏହା ଦ୍ୱାରା ଅଭିଭାବକମାନେ ପିଲାମାନଙ୍କୁ ରାଗିଂ ନକରିବାକୁ ସତର୍କ କରାଇବେ ଏବଂ ପିଲାଙ୍କର ମଧ୍ୟ ଭୟ ରହିବ କାଳେ ତାଙ୍କ ପରିବାର ଉପରେ ବଡ଼ ଆର୍ଥିକ ବୋଝ ପଡ଼ିବ। ପିଲାଙ୍କ ଭୁଲ ପାଇଁ କାହିଁକି ପିତାମାତାଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରଶ୍ନ ଉଠିପାରେ। କିନ୍ତୁ ଏହା ଏକ ଦୃଢ଼ ପଦକ୍ଷେପ ହେବ। ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ଦେଇନଥିବା ପିତାମାତା ଦଣ୍ଡିତ ହେବାକୁ ଯୋଗ୍ୟ। ତେବେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ରାଗିଂ ରୋକିବା ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ରାଜ୍ୟ ସରକାର ରାଗିଂ ରୋକିବାକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସେଲ ଗଠନ, ଛାତ୍ର ଓ ଅଭିଭାବକଙ୍କଠାରୁ ଅଣ୍ଡରଟେକିଂ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ହେଲା ଗୁରୁତ୍ୱପୂର୍ଣ୍ଣ। ରାଗିଂ ଏକ ବିକୃତ ମାନସିକତାର ପରିଚାୟକ। ଏଥିପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ବା ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ କାଉନସେଲିଂ ବ୍ୟବସ୍ଥା ହେବା ଉଚିତ। ଆଡମିଶନ ଆରମ୍ଭରୁ ପିଲାଙ୍କୁ କଲେଜ କର୍ତ୍ତୃପକ୍ଷ ସଚେତନ ଏବଂ ସତର୍କ କରାଇବା ଉଚିତ। ରାଗିଂ ବିରୋଧରେ କ'ଣ ଦଣ୍ଡ ବିଧାନ ରହିଛି ସେ ସମ୍ପର୍କରେ ସେମାନେ ଭଲଭାବେ ଅବଗତ ହେବା ଉଚିତ। ରାଗିଂ ଏକ ଅପରାଧ। ଏଥିଲାଗି ସେମାନଙ୍କ କ୍ୟାରିୟର ନଷ୍ଟ ହୋଇପାରେ, ବାପା-ମା'ଙ୍କ ସ୍ୱପ୍ନ ପୂରଣ ହୋଇପାରିବନି, ଏକଥା ଛାତ୍ରଛାତ୍ରୀଙ୍କ ଭଲଭାବେ ହୃଦୟଙ୍ଗମ କରାଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର


### ଗାଁରେ ଡାକ୍ତର ନିଯୁକ୍ତ ହୁଅନ୍ତୁ

**ମହାଶୟ,**

ରାଜ୍ୟରେ ସ୍ୱାସ୍ଥ୍ୟସେବାର ମାନ ବିଗତ କିଚି ବର୍ଷ ଭିତରେ ସୁଧୁରିଛି ସତ୍ୟ, ମାତ୍ର ଏବେ ବି ଏହା ଦୟନୀୟ ଅବସ୍ଥାରେ ରହିଛି। ଖୋଦ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳୁନି। କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ସବୁ ସୁବିଧା ସୁଯୋଗ ନାହିଁ। ତା' ଛଡ଼ା ଏଠାକୁ ପ୍ରତିଦିନ ଏତେ ସଂଖ୍ୟାରେ ରୋଗୀ ଆସୁଛନ୍ତି ଯେ, ସମସ୍ତଙ୍କୁ ତତ୍କାଳ ଚିକିତ୍ସା ସୁବିଧା ପ୍ରଦାନ ଅସମ୍ଭବ। ସେଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଡାକ୍ତର, ସେବିକା ନାହାଁନ୍ତି। ଡାକ୍ତରଖାନାରେ ବେଡ ମଧ୍ୟ ନାହିଁ। କ୍ୟାପିଟାଲ ହସ୍ପିଟାଲ ହେଉ ଅଥବା ଜିଲ୍ଲା ସଦର ମହକୁମା ହସ୍ପିଟାଲ ହେଉ ସବୁଠି ରୋଗୀଙ୍କ ଲମ୍ବା ଲାଇନ। ଏହାର ଏକ ବଡ଼ କାରଣ ହେଲା ଗ୍ରାମାଞ୍ଚଳ ବା ବ୍ଲକ ସ୍ତରରେ ଭଲ ଡାକ୍ତରଖାନା ନାହିଁ। କାଁ ଭାଁ କେଉଁଠି ଗାଁରେ ଛୋଟ ହସ୍ପିଟାଲ ରହିଛି। ସେଠାରେ ଅନେକ ସମୟରେ ଡାକ୍ତର ନଥାନ୍ତି। ଆଉ ମୌଳିକ ସେବା ମଧ୍ୟ ଉପଲବ୍ଧ ନଥାଏ। କେତେକ ହସ୍ପିଟାଲ ଆୟୁଷ ଡାକ୍ତରଙ୍କ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପ୍ରତି ପଞ୍ଚାୟତରେ ଭଲ ଡାକ୍ତର ନିଯୁକ୍ତ ହେବା ଉଚିତ। ପ୍ରତି ବ୍ଲକରେ ସ୍ପେଶିଆଲିଷ୍ଟ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ଉଚିତ। ତାହା ହେଲେ ବଡ଼ ହସ୍ପିଟାଲରେ ରୋଗୀ ଭିଡ଼ କମିଯିବ ଏବଂ ଲୋକେ ନିଜ ଘର ପାଖରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ।

**ଦୀନବନ୍ଧୁ ସାହୁ, ବାଙ୍କୀ**

# ଇତିହାସ ରଚିଲା ଭାରତ



**ଆଶୁତୋଷ ନାୟକ**



ଏ ବିଶ୍ୱ ବ୍ରହ୍ମାଣ୍ଡ ର ମହାକାଶ ବିଜ୍ଞାନ ରେ ଯେଉଁ ନିର୍ଦ୍ଦିଷ୍ଟ ହାତଗଣତି ରାଷ୍ଟ୍ର ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ରେ ସଫଳ ହୋଇଛନ୍ତି, ସେହି ସୂଚୀରେ ଭାରତ ଆଗରେ ରହିଛି। ସ୍ୱଦେଶୀ ଜ୍ଞାନ କୌଶଳ ରେ ସ୍ୱଳ୍ପ ଖର୍ଚ୍ଚରେ କିପରି ଅତି ଉନ୍ନତ ମହାକାଶ ଯାନ ନିର୍ମାଣ କରିବା ର କଳା କେବଳ ଆମ ଦେଶ ଭାରତର ମହାକାଶ ଗବେଷଣା ସଂଗଠନ ଇସ୍ରୋକୁ ଜଣା। ସେହି ବିଦ୍ୟାରେ ଆମ ଦେଶ ସିଦ୍ଧହସ୍ତ। ଏହା ଆମେରିକା, ରୁଷିଆ, ଚୀନ, ଜାପାନ ଭଳି ଶକ୍ତିଶାଳୀ ବିକଶିତ ଦେଶ ମାନଙ୍କୁ ଆଚମ୍ବିତ କରିଛି। ଏହା ବାସ୍ତବ ରେ ଆମ ରାଷ୍ଟ୍ରକୁ ଗୌରବାନ୍ୱିତ କରିଛି ଏବଂ ବିଂଶ ଶତାବ୍ଦୀ ରେ ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଆମ ରାଷ୍ଟ୍ର ଭାରତ ତାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହୋଇଛି।

ଏ ବିଶ୍ୱବ୍ରହ୍ମାଣ୍ଡ ରେ ମନୁଷ୍ୟ ଶ୍ରେଷ୍ଠ ବୁଦ୍ଧିମାନ ପ୍ରାଣୀ। ନିଜର ଉପସ୍ଥିତ ବୁଦ୍ଧି ର ପ୍ରୟୋଗ କରି ବିଜ୍ଞାନ ର ଅତ୍ୟାଧୁନିକ ଜ୍ଞାନ କୌଶଳ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବଳରେ ଉଭୟ ଜଳପଥ ସ୍ଥଳପଥ ଓ ଆକାଶପଥ ରେ ମନୁଷ୍ୟ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଚାଲିଛି। ଚନ୍ଦ୍ର ପୃଷ୍ଠରେ ସଫଳତା ପୂର୍ବକ ମହାକାଶ ଯାନ ଅବତରଣ କରିବା ରେ ବର୍ତ୍ତମାନ ସୁଦ୍ଧା ୪ଟି ଦେଶ ଭାରତ, ଆମେରିକା, ରୁଷିଆ ଏବଂ ଚୀନ ସଫଳ ହୋଇଛନ୍ତି। ଭାରତ ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଟ ରେ ଅବତରଣ କରି ପୁଣି ଥରେ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ସେଥିପାଇଁ ଆମ ଦେଶ ର ୧୪୦ କୋଟି ଜନତା ଏବଂ ଏ ପୃଥିବୀ ରେ ଅବସ୍ଥିତ ଥିବା ସମସ୍ତ ଦେଶ ଏ ଐତିହାସିକ ମୁହୂର୍ତ୍ତ କୁ ଚାତକ ପରି ଅପେକ୍ଷା କରି ରହିଥିଲେ ଏବଂ ଗତକାଲି ଆମ ଦେଶ ଚନ୍ଦ୍ରଯାନ -୩ ଚନ୍ଦ୍ର ପୃଷ୍ଟ ରେ ଅବତରଣ କରି ଇତିହାସ ର ସ୍ୱର୍ଣ୍ଣିମ ଅଧ୍ୟାୟ ନିଜକୁ ଲିପିବଦ୍ଧ କରିଛି।ପ୍ରଥମ ଦେଶ ଭାବରେ ରୁଷିଆ ନିଜର ମହାକାଶ ଯାନ କୁ ଚନ୍ଦ୍ର ପୃଷ୍ଠ ରେ ଅବତରଣ କରିବାକୁ ସକ୍ଷମ ହୋଇଥିଲା। ରୁଷିଆ ର ଲୁନା -୨ ଙମହାକାଶ ଯାନ ଏହି ବିରଳ କାର୍ଯ୍ୟ ୧୨-ସେପ୍ଟେମ୍ବର- ୧୯୫୯ ମସିହାରେ ସଫଳତାର ସହ ଅବତରଣ କରିବାକୁ ସକ୍ଷମ ହେଇଥିଲା ଏବଂ ଅନ୍ୟ ଦେଶର ବୈଜ୍ଞାନିକ ମାନଙ୍କ ମଧ୍ୟରେ ବିଶ୍ୱାସ ଓ ଆଶା ସଂଚାର କରିଥିଲା।

ଆମ ଦେଶର ମହାକାଶ ଗବେଷଣା କେନ୍ଦ୍ର ୨୨-ଅକ୍ଟୋବର -୨୦୦୮ ମସିହା ରେ ଚନ୍ଦ୍ରପୃଷ୍ଠ ରେ ନିଜର ମହାକାଶ ଯାନ ଚନ୍ଦ୍ରୟାନ -୧ ସଫଳତା ପୂର୍ବକ ଅବତରଣ କରାଇଥିଲା। ଚନ୍ଦ୍ରଯାନ- ୨ ଭାରତର ଦ୍ୱିତୀୟ ଚନ୍ଦ୍ର ଅଭିଯାନ ଥିଲା। ଚନ୍ଦ୍ରଯାନ -୨ ଅଭିଯାନ ରେ ଇସ୍ରୋ କୁ ୯୫ ପ୍ରତିଶତ ସଫଳତା ମିଳିଥିଲା। ଆମ ଦେଶର ବୈଜ୍ଞାନିକ ମାନେ ଅପ୍ରାଣ ଉଦ୍ୟମ କରିଥିଲେ ଏହାକୁ ସଫଳତା ପୂର୍ବକ ଚନ୍ଦ୍ରପୃଷ୍ଠ ରେ ସଫ୍ଟ ଲ୍ୟାଣ୍ଡି କରିବା ପାଇଁ କିନ୍ତୁ ଦୁର୍ଭାଗ୍ୟବଶତ ଏହା ଶେଷ ମୁହୂର୍ତ୍ତ ସଫଳ ହୋଇ ପାରିନଥିଲା। ଯୋଜନା ମୁତାବକ ଚନ୍ଦ୍ରୟାନ-୨ ଚନ୍ଦ୍ର ର କକ୍ଷପଥ ରେ ପହଞ୍ଚିବା ପରେ, ପ୍ରଜ୍ଞାନ ରୋଭର କୁ ନେଇ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠ ରେ ଏକ ଅପେକ୍ଷାକୃତ ଉଚ୍ଚ ମଇଦାନ ରେ ଅବତରଣ କରିବା ବେଳେ, ବିକ୍ରମ ଲ୍ୟାଣ୍ଡର ଟି ନିର୍ଧାରିତ କକ୍ଷ ପଥ ରୁ ବିଚ୍ୟୁତ ହୋଇଥିଲା ଏବଂ ଚନ୍ଦ୍ରପୃଷ୍ଠ ରୁ ୨.୧ କିଲୋମିଟର ଉଚ୍ଚତାରେ ଥିବା ସମୟରେ ଇସ୍ରୋ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଅର୍ବିଟର ଜରିଆରେ ପ୍ରାପ୍ତ ଥର୍ମାଲ ଅପଟିକାଲ ଚିତ୍ରକୁ ଅନୁଧ୍ୟାନ କରି ବିକ୍ରମ ଲ୍ୟାଣ୍ଡର ହାର୍ଡ ଲାଣ୍ଡିଙ୍ଗ କରିଛି ବୋଲି ଇସ୍ରୋ ର ପୂର୍ବତନ ମୁଖ୍ୟ 'କେ ଶିବନ ମତବ୍ୟକ୍ତ କରିଥିଲେ। ଲାଣ୍ଡିଙ୍ଗ ର ୧୪ ଦିନ ମଧ୍ୟରେ ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ପାଇଁ ଇସ୍ରୋ ଓ ନାସା ପକ୍ଷରୁ ଉଦ୍ୟମ କରାଯାଇଥିଲା କିନ୍ତୁ କୋଣସି ସଫଳତା ମିଳିନଥିଲା।

ଚନ୍ଦ୍ରଯାନ -୩ ହେଉଛି ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ଦ୍ୱାରା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ଲକ୍ଷ୍ୟରେ ନିର୍ମିତ ହୋଇଛି। ଚନ୍ଦ୍ରଯାନ -୩ ୧୪-ଜୁଲାଇ-୨୦୨୩ ରେ ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ଭାରତୀୟ ସମୟ ଅପରାହ୍ନ ୨ଟା ୫୧ରେ ଲଞ୍ଚ କରାଯାଇଥିଲା। ଚନ୍ଦ୍ରଯାନ -୩ ହେଉଛି ଏକ ବହୁ ଭାଗ ମିଶନ, ଯେଉଁଥିରେ ଏକ କକ୍ଷପଥ, ଏକ ଲ୍ୟାଣ୍ଡର, ଏବଂ ରୋଭର ଅନ୍ତର୍ଭୁକ୍ତ। କକ୍ଷପଥ ଚନ୍ଦ୍ର କୁ ପରିକ୍ରମା କରିବ ଏବଂ ଚନ୍ଦ୍ରପୃଷ୍ଟ ଏବଂ ଏହାର ବାୟୁମଣ୍ଡଳକୁ ଅଧ୍ୟୟନ କରିବକୁ ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠ ରେ ଅବତରଣ କରିବ ଏବଂ ରୋଭର ଚନ୍ଦ୍ରପୃଷ୍ଠ ରେ ବୈଜ୍ଞାନିକ ପରିକ୍ଷଣ କରିବ। ଚନ୍ଦ୍ରଯାନ -୩ ର ବୈଜ୍ଞାନିକ ପରୀକ୍ଷଣରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଜଳ ବରଫର ଉପସ୍ଥିତ, ଚନ୍ଦ୍ରପୃଷ୍ଟ ଏବଂ ଏହାର ଗଠନ ମାଧ୍ୟାକର୍ଷଣ କ୍ଷେତ୍ର ଏବଂ ଚନ୍ଦ୍ରର ବାୟୁମଣ୍ଡଳ ଅଧୟନ କରାଯିବ। ଚନ୍ଦ୍ରୟାନ -୨ ମିଶନ ଫେଲ ହେବାର ଚାରି ବର୍ଷ ପରେ ବର୍ତମାନ ତୃତୀୟ ଥର ପାଇଁ ଭାରତ ସରକାର ଚନ୍ଦ୍ର କୁ ଏହି ଚନ୍ଦ୍ରୟାନ -୩ ପଠେଇବାକୁ ନିଷ୍ପତ୍ତି ନେଇଛନ୍ତି। ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରପୃଷ୍ଟରେ ଅବତରଣ କରିବାକୁ ସକ୍ଷମ ହେଇଚି। ଏଥିରୁ ଚନ୍ଦ୍ର ବିଷୟରେ ଅନେକ ରୋଚକ ତଥ୍ୟ ଆମେ ପାଇପାରିବା। ଏହା ବ୍ୟତୀତ ବୈଜ୍ଞାନିକ ମାନେ ଏହା ଜାଣିବାକୁ ସକ୍ଷମ ହେବେ ଚନ୍ଦ୍ର ପୃଷ୍ଠରେ ମାନବ ସଭ୍ୟତା ସମ୍ଭବ ହୋଇପାରିବ କି ନାହିଁ? ଏବଂ ଏହାର ଖଣିଜ ପଦାର୍ଥ ଆମ ପାଇଁ କେତେ ଲାଭ ଦାୟକ ହେବ? ଏସବୁ ଅସମାହିତ ପ୍ରଶ୍ନ ର ଉତ୍ତର ଆମ୍ଭମାନଙ୍କୁ ମିଳି ପାରିବ।

ଅତ୍ୟଧିକ ବେଗ ରେ ଗତି କରୁଥିବା ଏକ ମହାକାଶ ଯାନ କୁ ବାୟୁ ଶୂନ୍ୟ ପରିବେଶ ସୂକ୍ଷ୍ମ ମାଧ୍ୟାକର୍ଷଣ ବଳ ଏବଂ ପାଉଁଶ ପରି ଚନ୍ଦ୍ରପୃଷ୍ଟ ରେ ଅବତରଣ କରବା ଅତି ଜଟିଳ ପ୍ରକ୍ରିୟା। ଏହାକୁ ସଫ୍ଟ ଲ୍ୟାଣ୍ଡିଙ୍ଗ କୁହାଯାଏ। ଏ ପର୍ଯ୍ୟନ୍ତ ଆମେରିକା ରୁଷିଆ ଏବଂ ପରେ ଚୀନ ଚନ୍ଦ୍ରପୃଷ୍ଠ ର ଉତ୍ତର ମେରୁ ରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବାରେ ସଫଳତା ହାସଲ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ବିଶ୍ୱର କୌଣସି ଦେଶ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବା ସଫଳ ହୋଇନାହାନ୍ତି। ବିଶ୍ୱର ପ୍ରଥମ ଦେଶ ଭାବରେ ଭାରତ ସେହି ବିରଳ ରେକର୍ଡ଼ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରି ଖ୍ୟାତି ଅର୍ଜନ କରିଛି। ବିଶ୍ୱର ବହୁତ କମ୍ ବ୍ୟକ୍ତି ଙ୍କ ଜ୍ଞାତ ସାରରେ ଏହା ଥିବ କି ଚନ୍ଦ୍ରୟାନ- ୩ ପଛରେ ଆମ ରାଜ୍ୟ ଓଡିଶା ର ଅତୁଳନୀୟ ଅବଦାନ ରହିଛି। ଚନ୍ଦ୍ରଯାନ -୩ ର ଅଧିକାଂଶ ଉପକରଣ ଓଡ଼ିଶାରେ ତିଆରି ହୋଇଛି। ଲ୍ୟାଣ୍ଡର ରୋଭର ଏବଂ ମହାକାଶ ଯାନର ପ୍ରମୁଖ ଉପାଦାନ ଭୁବନେଶ୍ୱର ର ସିଟଟିସିରେ ପ୍ରସ୍ତୁତ କରାଯାଇଛି। ପ୍ରଶିକ୍ଷଣ କେନ୍ଦ୍ରର ୧୦୦ ରୁ ଅଧିକ ଟେକ୍‌ନିସିଆନ ଗତ ଦୁଇ ବର୍ଷ ଧରି ନିଜର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ଇଚ୍ଛା ଶକ୍ତି ପାଇଁ ଏହା ସମ୍ଭବ ହୋଇ ପାରିଛି। ଇସ୍ରୋର ବୈଜ୍ଞାନିକ ମାନେ ଚନ୍ଦ୍ରଯାନ -୩ ରେ ଯାନ୍ତ୍ରିକ ତ୍ରୁଟି ନ ହେବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଥିଲେ। ୧୪୦ କୋଟି ଭାରତୀୟ ଙ୍କ ର ସ୍ନେହ, ଭଲ ପାଇବା, ପ୍ରାର୍ଥନା ଏବଂ ଜଗତର ନାଥ ଜଗନ୍ନାଥଙ୍କ ଆର୍ଶୀବାଦ ବଳରେ ଚନ୍ଦ୍ରଯାନ- ୩ ର ମିଶନ ସଫଳ ହେଲା ଏବଂ ମହାକାଶ ରେ ଆମ ଜନ୍ମଭୂମି, ମାତୃଭୂମି, ଦେବଭୂମି ଭାରତ ଦକ୍ଷିଣ ମେରୁ ରେ ଚନ୍ଦ୍ରାବତରଣ କରି ଅନ୍ୟ ସବୁ ଦେଶ କୁ ପଛ ରେ ପକାଇ ଇତିହାସ ର ସ୍ୱର୍ଣାକ୍ଷର ନିଜ ନାମ କୁ ଲିପିବଦ୍ଧ କଲା।

ଇସ୍ରୋର ଅଫିସିଆଲ ଟୁଇଟର ଆକାଉଣ୍ଟ ଦିଆଯାଇଥିବା ଡାଟା ଅନୁସାରେ ଚନ୍ଦ୍ରୟାନ -୩ ଦ୍ୱିତୀୟ ଡ଼ି- ବୁଷ୍ଟିଙ୍ଗ ପ୍ରକ୍ରିୟା ସଫଳ ହୋଇଛି। ଲ୍ୟାଣ୍ଡର ବିକ୍ରମ ଅବତରଣ ନିରାପଦ ସ୍ଥାନରେ କରିବାକୁ ସକ୍ଷମ ହେଇଛି। ଲ୍ୟାଣ୍ଡର ହାଃଜାର୍ଡ ଡିଟେକ୍ସନ ଓ ଅବୋଇଡ୍ୟାନ୍ସ କ୍ୟାମେରାରୁ ଫଟୋ ଉତ୍ତଲୋନ କରିବାକୁ ସକ୍ଷମ ହୋଇଛି ବିକ୍ରମ। ସୁରକ୍ଷିତ ଲ୍ୟାଣ୍ଡି ସ୍ଥାନ ଅନୁସନ୍ଧାନ କରିବାରେ ସହଯୋଗ କରିଛି ଏଲ୍‌ଡିଏଚ୍‌ଏ କ୍ୟାମେରା। ଅଗଷ୍ଟ ୨୩, ସନ୍ଧ୍ୟା ୬ଟା ୪ମିନିଟ ରେ ଚନ୍ଦ୍ରଯାନ -୩ ସମ୍ପୂର୍ଣ୍ଣ ଭାବରେ ଚନ୍ଦ୍ର ପୃଷ୍ଠ ଅବତରଣ କରିଛି। ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ବିଶ୍ୱ ଇତିହାସ ରେ ଆଉ ଏକ ବିରଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହେଇଛି। ଏହା ୧୪୦କୋଟି ଭାରତୀୟ ଲୋକ ଙ୍କ ପାଇଁ ନିଶ୍ଚିତ ଭାବରେ ଐତିହାସିକ ମୁହଁର୍ତ୍ତ। ଆମ ଦେଶର ମହାକାଶ ଗବେଷଣା ସଂଗଠନ ଇସ୍ରୋ ର ବୈଜ୍ଞାନିକ ମାନେ ରେକର୍ଡ ପରେ ରେକର୍ଡ ସ୍ଥାପନ କରିବାକୁ ଯାଉଛନ୍ତି। ଚନ୍ଦ୍ରୟାନ -୩ ସଫଳ ହେବା ପରେ, ଆଦିତ୍ୟ-ଏଲ୍‌୧ ମିଶନ (ସୂର୍ଯ୍ୟଙ୍କ ଗବେଷଣା କରିବାରେ), ଗଗନାୟାନ (ଅନ୍ତରୀକ୍ଷ ଉପରେ ଗବେଷଣା) ଏବଂ ଶୁକ୍ରାୟାନ (ଶୁକ୍ର ଗ୍ରହ ଉପରେ ଗବେଷଣା), ମଙ୍ଗଳାୟାନ (ମଙ୍ଗଳଗ୍ରହ ଉପରେ ଗବେଷଣା)ର ଲକ୍ଷ୍ୟ ନେଇ ଆଗକୁ ଅଗ୍ରସର ହେଉଛନ୍ତି। ନିକଟ ଭବିଷ୍ୟତରେ ଇସ୍ରୋର ବୈଜ୍ଞାନିକମାନେ ଏହି ମିଶନଗୁଡ଼ିକର ସଫଳ ରୂପାୟନ କରିବେ, ଏହା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା।


**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ୍: ୭୦୨୦୬୧୧୩୦୦**


# ଦୁର୍ନୀତି ଆଜି ସାଜିଛି ସମାଜର ଚିରସାଥୀ



**ଉମାଶଙ୍କର ପ୍ରସାଦ**

ଆଜି ଘରେ, ବାହାରେ, ରାଜ୍ୟରେ, ଦେଶ ଭିତରେ ଓ ଦେଶ ବାହାରେ "ଦୁର୍ନୀତି" ତାର କାୟା ବିସ୍ତାର କରି ଚାଲିଛି। ସରକାରରେ ଯିଏ ଥାଉନା କାହିଁକି ପ୍ରତିବର୍ଷ ଆମର ଦୁର୍ନୀତି ସପ୍ତାହ ପାଳନ କରା ଯାଇଥାଏ। ଦେଶର ପ୍ରଧାନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଦୁର୍ନୀତିକୁ ସମୂଳେ ବିନାଶ ପାଇଁ ଶପଥ ପାଠ କରିଥାନ୍ତି। ଦୁର୍ନୀତି ଶପଥ ପାଠ କରାଉଥିବା ରାଜ୍ୟ ତଥା ଦେଶର ଶାସକ ମାନେ ଭୁଲି ଯାଇଥାନ୍ତି 'ଦୀପ ତଳ ଅନ୍ଧାର'। ତାଙ୍କରି ନାକ ନିଶ ତଳେ ଦୁର୍ନୀତି ଯେ ତାର କାୟା ବିସ୍ତାର କରିଛି ଏହା ଜାଣି ମଧ୍ୟ ସେମାନେ ଅଜଣା ପ୍ରାୟ ହୋଇଥାନ୍ତି। ଦୁର୍ନୀତି କରବେନି କି ଦୁର୍ନୀତିକୁ ପ୍ରଶ୍ରୟ ଦେବେନି ବୋଲି ଶପଥ କରିଥାନ୍ତି। ଏହି ଶପଥ ପାଠ କୁ ନେଇ ବିଶିଷ୍ଟ ଦିବଂଗତ ଅଭିନେତା ରାଜକୁମାର ଙ୍କ ଏକ ଚଳଚିତ୍ର 'ତ୍ରିରଙ୍ଗା' ରେ ଏକ ବିଚାରାଳୟ ଦୃଷ୍ୟରେ ରାଜକୁମାର ଙ୍କୁ ବିଚାରପତି ବିଚାରାଳୟର ନିୟମାନୁଯାୟୀ ଧର୍ମଗ୍ରନ୍ଥ ଛୁଇଁ ଶପଥ କରି ସେ ଯାହା କହିବେ ତାହା ସତ୍ୟ କହିବେ ବୋଲି କହିବାରୁ ରାଜକୁମାର ବିଚାରପତିଙ୍କୁ ପଚାରିଥିଲେ "ଜର୍ଜ ସାହେବ କ୍ୟା ଆପ ଦାବେକେ ସାଥ କହ ସକତେ ହେଁ ଇହାଁ ଯୋଭି ଗୀତା, ରାମାୟନ, କୋରାନ ଓ ପବିତ୍ର ଧର୍ମଗ୍ରନ୍ଥକୋ ଛୁଁ କେ ସବକୋଇ ସଚ ବୋଲତେ ହେଁ? ଯଦି ନହିଁ ତବ ବନ୍ଦ କରିଏ ଇସ୍ ପବିତ୍ର ଧର୍ମଗ୍ରନ୍ଥ କୋ ଲେକର ତାମସା। ବିଚାର ପତି କହିଥିଲେ ଆପକା କହନେ ସେ ମେଁ କୋର୍ଟକା ସଦିଓ ଚଲତି ରସମକୋ ବନ୍ଦ ନହିଁ କରସକତା"। ରାଜ କୁମାର କହିଥିଲେ ତୋ ଫିର ଶୁନାଇଏ ଆପକା ଫୈସଲା! ଏହାକୁ ଏଠାରେ ଉପସ୍ଥାପିତ କରିବାର ଅଭିପ୍ରାୟ ଏହାଯେ ଯେତେ ମୁଖ୍ୟ ମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ପଦାଧିକାରୀ ପ୍ରତିବର୍ଷ ଏହି ଦୁର୍ନୀତି ନିବାରଣ ପାଳନ ସପ୍ତାହରେ ଯେଉଁ ଶପଥ କରୁଛନ୍ତି ଦୁର୍ନୀତି ର ମୂଳପୋଛ କରିବା ପାଇଁ ତାହା କେତେଦୁର ପାଳନ କରୁଛନ୍ତି ଯାହାର ରାଶି ରାଶି ଉଦାହରଣ ଦୁର୍ନୀତି କରି ଅମାପ ସମ୍ପତି ଠୁଳ କରି ଧରାପଡ଼ିବାର ଖବର ଗଣମାଧ୍ୟମରେ ପ୍ରାୟ ନିତ୍ୟ ନୈମିତିକ ଭାବରେ ମୁଖ୍ୟ ଖବର ପାଲଟିଛି

'ଯାଦୁଆ ବିକୁଛି ଯାଦୁ ମଲମ' ଓ ଅନ୍ଧ ସାଜୁଛି ଅନ୍ୟ ଏକ ଅନ୍ଧର ପଥ ପ୍ରଦର୍ଶକ। ରାଜ୍ୟର ଜନସାଧାରଣ ଦିର୍ଘ ୨୪ ବର୍ଷର ନବୀନ ସରକାରଙ୍କ ନିରଙ୍କୁଶ ଶାସନକୁ ପ୍ରତ୍ୟାଖାନ କରି ବିଜେପି ସରକାରକୁ ନିଜର ଶାସନ ଡୋରୀ ଦେଇଥିଲେ ଓ ଭାବିଥିଲେ କିଛି ପରିବର୍ତ୍ତନ ହେବ ମାତ୍ର 'ଯେଉଁ ତିମିରେକୁ ସେଇ ତିମିରେ'। ଆମ ଦେଶରେ ଇଡି, ସିବିଆଇ ସଂସ୍ଥା ଗୁଡିକ ଦୁର୍ନୀତି କୁ ରୋକିବା ପାଇଁ ଅଛନ୍ତି କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଉକ୍ତ ସଂସ୍ଥା ଗୁଡିକ କେତେ ଦୁର୍ନୀତି ମୁକ୍ତ ତାହା ଆଜିବି ପ୍ରଶ୍ନ ବାଚୀ? ଜଣେ ସାଧାରଣ ବ୍ୟକ୍ତି ତାଙ୍କ ଦ୍ୱାରା ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରିବା ସାତ ସପନ ହୋଇଛି! କାରଣ ମୁଖ୍ୟମନ୍ତ୍ରୀଙ୍କ ଚାରି ପାଖରେ ଅନେକ ଭୁରିଶ୍ରବା ମାନେ ଅଛନ୍ତି ସେମାନଙ୍କ ବାଟଦେଇ ଯିବାଟା କାଠିକର ପାଠ! ତାଙ୍କ ବ୍ୟକ୍ତିଗତ ସଚିବ, ବ୍ୟକ୍ତିଗତ ସହାୟକ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ଫୋନ ଉଠାନ୍ତିନି। ସାଧାରଣ ଜନତା କଥା ଛାଡନ୍ତୁ, ବିଭିନ୍ନ ସାମ୍ବାଦିକ ସଂଘ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରିବା ପାଇଁ ମେଲ ଜରିଆରେ ଜଣାଇଥିଲେ ମଧ୍ୟ ତାହା



ଦୀର୍ଘ ସମୟ ଧରି ତାଙ୍କ କାର୍ଯ୍ୟାଳୟରେ ପଡ଼ିରହିଛି ତେଣୁ ଆଗରୁ କହିଛି 'ଦୀପ ତଳ ଅନ୍ଧାର'। ଦୁର୍ନୀତି ଆଜି ରାଜନୀତିଜ୍ଞ ବା ଉଚ୍ଚ ପଦାଧିକାରୀଙ୍କ ଠୁ ଆରମ୍ଭ କରି ତଳ ସ୍ତରରେ ଅତି ମାରାତ୍ମକ ରୂପରେ ବିଦ୍ୟମାନ। ଅତି ଛୋଟ ଛୋଟ କାମ ପାଇଁ ତଳ ସ୍ତରରେ କିରାଣୀ ମାନଙ୍କ ହାତକୁ ତୈଳାକ୍ତ କରିବାକୁ ପଡ଼ିଥାଏ। ଏ ସମ୍ପର୍କରେ ଆଇନ୍ ଏବଂ ଅର୍ଥନୀତିର ବିଶିଷ୍ଟ ପ୍ରଫେସର ଜଗଦୀଶ ଭଗବତୀ କହନ୍ତି- "we have now a far more pervasive second type of corruption : the low-level corruption where one has to brief clerks to get them to do what they are supposed to do. The middle class, in both urban and rural areas, has been long fed up with having to grease every palm that handles documents such as birth certificates, income certificate etc" ତେଣୁ ମୋ ମତରେ ନିଜକୁ ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତି ରୂପେ ଗଢି ତୋଳିବା ପାଇଁ ଅଦ୍ୟାବଧି ଏ ଦେଶରେ ଆବଶ୍ୟକ ଶାସନ ସଂସ୍କାର କରାଯାଇ ନାହିଁ। ଜଣେ ନିରପେକ୍ଷ ବିଚାରପତି ସରକାରଙ୍କ ବିରୋଧରେ ତାଙ୍କର ରାୟ ପ୍ରଦାନ କଲେ, ତାଙ୍କୁ ସରକାରୀ କଳର ଶିକାର ହେବାକୁ ପଡ଼ିଥାଏ; ସରକାରଙ୍କଠାରୁ ସେ ତାଙ୍କର ପରବର୍ତ୍ତୀ ପଦୋନ୍ନତି ପାଏନାହିଁ। ଜଣେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍‌ଲପାଳ, ଆରକ୍ଷୀ ଅଧିକ୍ଷକ ପଦାସୀନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପମନ୍ତ୍ରୀଙ୍କୁ ନିର୍ବାଚନ ସମୟରେ ସାହାଯ୍ୟ ନକଲେ ତାଙ୍କୁ ବିଭିନ୍ନ ହଇରାଣ ହରକତ କରାଯାଏ। ତେଣୁ ସେମାନେ ମଧ୍ୟ ବିଭିନ୍ନ ଦୁର୍ନୀତି କରିଡାନ୍ତି। ଆଜିର ଶାସନ ବ୍ୟବସ୍ଥା ଏପରି ହୋଇଛି ଯେ ପ୍ରତ୍ୟକ୍ଷ ତୋଷାମୋଦକାରୀମାନେ ସରକାରଙ୍କ ଠାରୁ ଯାବତୀୟ ସୁବିଧା ସୁଯୋଗ ହାସଲ କରନ୍ତି; କିନ୍ତୁ ସରକାରଙ୍କ ନିଚ୍ଛକ ସମାଲୋଚକମାନେ ହତାଶ ଏବଂ ନିରାସ ହୁଅନ୍ତି। ଯେଉଁ ଯନ୍ତ୍ରୀ ମାନେ, ବିଡିଓ, ଡାକ୍ତର ମାନେ ଯେ କୌଣସି ଅନୈତିକ ଉପାୟରେ ଅର୍ଥ ଆଦାୟକରି ନିଜ ବିଭାଗୀୟ ମନ୍ତ୍ରୀମାନଙ୍କୁ ଚାନ୍ଦା ବା ହାତଗୁଞ୍ଜା ଦେଇଥାନ୍ତି, ସେମାନେ ସେମାନଙ୍କ ଜୀବନରେ ଉଦୟ ସୂର୍ଯ୍ୟର ଅରୁଣିମା ଦେଖନ୍ତି, କିନ୍ତୁ ଅନ୍ୟମାନଙ୍କ ଜୀବନ ଅସ୍ତରାଗର ବିଭିଷିକାରେ କ୍ଷତାକ୍ତ। ଆଜି ଦୁଃଖ ଲାଗୁଛି କହିବାକୁ ଆମ ବିଚାର ବ୍ୟବସ୍ଥାର କରୁଣ ଦୃଶ୍ୟ। ଯେଉଁ ଇଂରେଜ ସରକାର ୩୦୦ ବର୍ଷରୁ ଉର୍ଦ୍ଧ୍ୱ ଆମକୁ ଶାସନ କରିଥିଲେ ତାଙ୍କ ଦେଶରେ ବିଚାର ସଂକ୍ରାନ୍ତ କୌଣସି କେଶ ଦୁଇ ମାସରୁ ଅଧିକ କାଳ କୋର୍ଟରେ ପଡ଼ି ରହେନାହିଁ। କିନ୍ତୁ ଆମ ଦେଶରେ ଲକ୍ଷାଧିକ କେଶ ଦଶ ରୁ କୋଡିଏ ବର୍ଷ ଧରି କୋର୍ଟରେ ପଡ଼ିଥିଲେ ମଧ୍ୟ ତାହାର ଫଇସଲା ହେଇପାରୁନି! ଆଉ ଏକ ମଜାକଥା ଆମେ ଯାହାକୁ ଆମର ଶାସକ ଭାବେ ନିର୍ବାଚିତ କରୁଛୁ ସେମାନେ କେନ୍ଦ୍ରିୟ ନେତାଙ୍କ ରିମୋଟ ସାଜି କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ରାଜନୀତି ସୁପ୍ରିମୋ ଙ୍କ ଚଏସ ଲୋକଙ୍କ ଚଏସ ବୋଲି ଥିଓରି ଏବଂ ପ୍ରାକ୍ଟିସ ରେ ପରିଣତ ହୋଇଛି। ବଡ ଆଶ୍ଚର୍ଯ୍ୟର କଥା ଚତୁର୍ଥ ସ୍ତମ୍ଭ ଭାବେ ରାଜନେତା ତଥା ଶାସକ ମାନଙ୍କ ଅନ୍ୟାୟ ଅନୀତି କୁ ଯେଉଁମାନେ ଲୋକ ଲୋଚନକୁ ଆଣିବା କଥା ସେମାନେ ମଧ୍ୟ ନିଜ ଧର୍ମରୁ ବିଚ୍ୟୁତ। ଶେଷରେ ଏତିକି କହିବି ଆଜି ଭାରତୀୟ ଜନ ଜୀବନରେ ଉଚ୍ଚ ଚରିତ୍ରବତ୍ତା ନାହିଁ ; ଆଉ ଚରିତ୍ରବତ୍ତା ଏଭଳି ଏକ ଜିନିଷ ତାକୁ ଆଇନ ଦ୍ୱାରା ଗଢା ଯାଇପାରିବନି କି ସଂଶୋଧନ କରାଯାଇ ପାରିବନି। ଏ ଦେଶର ଲୋକମାନେ ବା ନେତା ହୁଅନ୍ତୁ ବା ପଦାଧିକାରୀ ଯେତେ ଶପଥ କରି ସତ୍ୟ ଧର୍ମର ବୟାନ ଦେଲେ ମଧ୍ୟ ୭୫ ପ୍ରତିଶତରୁ ଅଧିକ ଲୋକ ସ୍ୱଜନ-ପକ୍ଷପାତିତା, ଅନ୍ୟାୟ ଏବଂ ଅନ୍ୟ ଆୟ ଅର୍ଥାତ ନିଜର ପ୍ରାପ୍ୟଠାରୁ ଅଧିକ ଉପାର୍ଜନରେ ଧୁରୀଣ। ତେଣୁ ଆଜିର ସମାଜରେ ଦୁର୍ନିତି ଯେ ସୁନୀତିରେ ପରିଣତ ହେବ ଏହା ସନ୍ଦିହାନ।


**ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା**
**୬୩୭୦୬ ୭୫୫୬୨**


# ଅଜବ ଏ ଦୁନିଆ



**ପ୍ରଭାତ କୁମାର ମହାପାତ୍ର**

ସୁଧି ବୃନ୍ଦ !ଆପଣ ମାନେ ଶୀର୍ଷକ ଟି ପଢି ମନେ ମନେ ଭାବୁଥିବେ, ସତ ରେ କଣ ଏ ମଣିଷ ଅଜବ ! ଏ ଦୁନିଆରେ ଏଭଳି ସ୍ଥିତି ଆସି ପହଞ୍ଚି ଗଲାଣି କାହାକୁ ବିଶ୍ୱାସ କରିବେ,ଆଉ କାହାକୁ ବିଶ୍ୱାସ କରିବେ ନାହିଁ ତାହା କାଠିକର ପାଠ ନିଶ୍ଚିତ ରୂପେ। ସନ୍ଥ ଟଲଷ୍ଟୟ ଜଣେ ମହାନ୍ ଦାର୍ଶନିକ ତଥା ବିଦ୍ୱାନ ଥିଲେ। ଦିନେ ସେ ପ୍ରାତଃ ଭ୍ରମଣ ରେ ଶାନ୍ତ ମନରେ ଈଶ୍ୱର ଙ୍କୁ ପ୍ରାର୍ଥନା କରିବା ପାଇଁ ଚର୍ଚ୍ଚ ଯିବା ପାଇଁ ନିଷ୍ପତି ନେଲେ।ସେ ଯେମିତି ଚର୍ଚ୍ଚ ମଧ୍ୟକୁ ପ୍ରବେଶ କଲେ,ଦେଖିଲେ ତାଙ୍କ ଆଗରୁ ଆଉ ଜଣେ ବ୍ୟକ୍ତି ସେଠାରେ ଉପସ୍ଥିତ ରହି ନିଜ ମନ କଥା ଅତ୍ୟନ୍ତ ଆବେଗ ଭରା କଣ୍ଠ ରେ ଈଶ୍ୱର ଙ୍କୁ ନିବେଦନ କରି କହୁଛନ୍ତି,ହେ ପରମାତ୍ମା! ମୁଁ ଏତେ ପାପ କରିଛି ଯେ,ଆପଣ ଙ୍କୁ କହିବା ପାଇଁ ମୋତେ ଲାଜ ଲାଗୁଛି !ତେଣୁ ହେ ପ୍ରଭୁ !ମୋ ଦୋଷ କ୍ଷମା କରି ଦେଇ ମୋତେ ଆପଣାର କରି ଦିଅନ୍ତୁ।ସନ୍ଥ ଟଲଷ୍ଟୟ ଯେମିତି ସେହି ବ୍ୟକ୍ତି ଟିର କଥା ଶୁଣିଲେ, ମନେ ମନେ ଭାବିବାକୁ ଲାଗିଲେ,ସେହି ନିରୀହ ବ୍ୟକ୍ତି ଟି ସତ ରେ କେତେ ମହାନ୍ !ଯିଏ କି ନିଜ ହୃଦୟ ରୁ କରିଥିବା ଅପରାଧ ଗୁଡ଼ିକ ଈଶ୍ୱର ଙ୍କ ନିକଟ ରେ ସ୍ୱୀକାର କରୁଛି ! ଜଣେ ଅପରାଧୀ କୁ ଯଦି ଅପରାଧୀ ବୋଲି କୁହାଯାଏ ତେବେ ସେ ଅତ୍ୟନ୍ତ କ୍ରୋଧ ରେ ମାରିବା ପର୍ଯ୍ୟନ୍ତ ଧାଇଁ ଆସେ।କିନ୍ତୁ ଏହି ବ୍ୟକ୍ତି ଟି ସ୍ୱୟଂ ନିଜ କୁ ହିଁ ଦୋଷୀ ମାନୁଛି !କିଛି କ୍ଷଣ ପରେ ସେ ବ୍ୟକ୍ତି ର ନିକଟ କୁ ଯାଇ ଦେଖି ଚିହ୍ନି ପାରିଲେ।ସେ ନଗର ର ଜଣେ ଲକ୍ଷପତି ଶେଠ୍ ଥିଲା।ଯେମିତି ତାହାର ଦୃଷ୍ଟି ଟଲଷ୍ଟୟ ଙ୍କ ଉପରେ ପଡ଼ିଲା,ସେ ହଠାତ୍ ଘାବରେଇ ଗଲା ଏବଂ କହିବାକୁ ଲାଗିଲା, ମୋ ଶବ୍ଦ ଆପଣ ଶୁଣି ନାହଁ ତ ? ହଁ, ମୁଁ ସବୁ କଥା ଶୁଣିଛି। ଆପଣ ଙ୍କ ଅପରାଧ ର ସ୍ୱୀକାରୋକ୍ତି ଶୁଣି ଧନ୍ୟ ହୋଇ ଗଲି। ଟଲଷ୍ଟୟ ଉତ୍ତର ଦେଲେ।ଶୁଣି ସାରି ବ୍ୟକ୍ତି ଟି କହିଲା, ଏ କଥା ଯେପରି ଆଉ କାହାକୁ କହିବ ନାହିଁ।କାହିଁକି ନା, ଏ ସବୁ କଥା କେବଳ ମୋର ଏବଂ ଈଶ୍ୱର ଙ୍କ ମଧ୍ୟରେ ହିଁ ଥିଲା। ମୁଁ ତୁମକୁ ଏ ସବୁ ଶୁଣାଇବାକୁ ବିଲକୁଲ ଚାହୁଁ ନ ଥିଲି !କିଛି ସମୟ ପରେ ପୁଣି ରାଗି ଯାଇ କହିଲା,ଯଦି ତୁମେ ଏ କଥା ଆଉ କାହାକୁ କହିବ, ତେବେ ମୋ ଠାରୁ ଖରାପ କେହି ହେବେ ନାହିଁ !ଟଲଷ୍ଟୟ ବ୍ୟକ୍ତି ଟିର କଥା ଶୁଣି ସମ୍ପୂର୍ଣ୍ଣ ଅବାକ୍ ଓ କହିବାକୁ ଲାଗିଲେ,ଆରେ ଆରେ ଏବେ ତ ତୁମେ କହୁଥିଲ କି..ତାଙ୍କ କଥା କୁ ମଝି ରେ କାଟି ଦେଇ ପୁଣି ସେ ବ୍ୟକ୍ତି କହିଲା, ମୁଁ ଯାହା ବି କହିଥିଲି,ତାହା ପରମାତ୍ମା ଙ୍କ ପାଇଁ, ଏ ଦୁନିଆ ପାଇଁ ନୁହେଁ ! ଟଲଷ୍ଟୟ ଆଶ୍ଚର୍ଯ୍ୟ ସହ ଭାବିବାକୁ ଲାଗିଲେ, ଏ ଦୁନିଆ କେତେ ମୂର୍ଖ ଅଟେ,ଲୋକ ମାନଙ୍କୁ ଡରୁଛନ୍ତି କିନ୍ତୁ ଭଗବାନ ଙ୍କୁ ନୁହେଁ !ଯିଏ ଏ ସଂସାର ସୃଷ୍ଟି କରିଛନ୍ତି ସେ କଣ କିଛି ଜାଣି ପାରୁ ନାହାଁନ୍ତି! ଯେଉଁ ବ୍ୟକ୍ତି , ଅନ୍ୟ ମଣିଷ ମାନଙ୍କ ସାମ୍ନା ରେ ନିଜର ସତ୍ୟତା କୁ ପ୍ରକାଶ କରି ପାରୁ ନାହିଁ ତଥା କୁଣ୍ଠାବୋଧ କରୁଛି ସେ ଭଲା ଈଶ୍ୱରଙ୍କ ନିକଟ ରେ କିଭଳି ନିଜର ସତ୍ୟତା ପଣ ଦେଖାଇ ପାରିବ ?


**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ**
**ମୋବାଇଲ୍: ୭୮୯୪୦୦୫୪୫୫**

ଆମେରିକା ରାଷ୍ଟ୍ରପତି ନିର୍ବାଚନ

# ଟ୍ରମ୍ପଙ୍କୁ ମୋଦୀଙ୍କ ଅଭିନନ୍ଦନ

**ୱାଶିଂଟନ, ୬।୧୧:** ଆମେରିକାରେ ଇତିହାସ ରଚି ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚନରେ ବାଜିମାରିଛନ୍ତି। ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ ତଥା ଆମେରିକାର ଉପ ରାଷ୍ଟ୍ରପତି କମଳା ହାରିସ ପରାସ୍ତ ହୋଇଛନ୍ତି। ଆମେରିକା ଇତିହାସରେ ଟ୍ରମ୍ପ ଏମିତି ଜଣେ ରାଷ୍ଟ୍ରପତି ଯିଏ ପ୍ରଥମଥର ପାଇଁ ୪ ବର୍ଷ ବ୍ୟବଧାନରେ ଦ୍ୱିତୀୟ ଥର ପାଇଁ ଶୀର୍ଷ ପଦ ଦଖଲ କରିଛନ୍ତି। ୨୦୧୬ରେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହୋଇଥିଲେ କିନ୍ତୁ ୨୦୨୦ରେ ତାଙ୍କୁ ଜୋ ବାଇଡେନଙ୍କଠାରୁ ହାରିବାକୁ ପଡ଼ିଥିଲା। ୨୦୨୪ରେ ସେ କମଳା ହାରିସଙ୍କୁ ହରାଇଛନ୍ତି। ଟ୍ରମ୍ପ ଐତିହାସିକ ବିଜୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସିରେ ଗଦଗଦ ହୋଇଯାଇଛନ୍ତି। ସେ ଟ୍ରମ୍ପଙ୍କୁ ବିଜୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଟ୍ରମ୍ପଙ୍କୁ ବନ୍ଧୁ ବୋଲି ସମ୍ବୋଧନ କରି ତାଙ୍କ ସହ ଉଠାଇଥିବା ଏଟି ଫଟୋକୁ ମଧ୍ୟ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ପୋଷ୍ଟ କରିଛନ୍ତି। ମୋଦି ଲେଖିଛନ୍ତି, "ଐତିହାସିକ ନିର୍ବାଚନ ପାଇଁ ମୋ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଯେମିତି ଆପଣ ନିଜର ପୂର୍ବ କାର୍ଯ୍ୟକାଳର ସଫଳତାକୁ ଆଗକୁ ବଢ଼ାଉଛନ୍ତି, ମୁଁ ଭାରତ-ଆମେରିକା ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ଆମର ସହଯୋଗକୁ ପୁଣି ଆରମ୍ଭ କରିବାକୁ ଉତ୍ସାହିତ। ଆସନ୍ତୁ, ମିଳିତ ଭାବେ ଆମ ଲୋକଙ୍କ ଫାଇଦା ଓ ବିଶ୍ୱର ଶାନ୍ତି, ସ୍ଥିରତା ଓ ସମୃଦ୍ଧିକୁ ଆଗକୁ ନେବା ପାଇଁ କାର୍ଯ୍ୟ କରିବା।" ପୂର୍ବ ନିର୍ବାଚନଗୁଡ଼ିକ ତୁଳନାରେ ଏଥର ଆମେରିକେରେ ଟ୍ରମ୍ପ ଓ ହାରିସଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ୭ଟି ସ୍ୱିଙ୍ଗ ରାଜ୍ୟ ବା ମତ ପରିବର୍ତ୍ତନ ବା ଦୁଇ ପକ୍ଷଙ୍କ ସମାନ ସମର୍ଥନ ଥିବା ରାଜ୍ୟରେ ଟ୍ରମ୍ପ ୬-୧ରେ ବିଜୟୀ ହୋଇଛନ୍ତି। ଏଥିସହ ହ୍ୱାଇଟ ହାଉସକୁ ୪ ବର୍ଷ ପରେ ପୁଣି ଯିବାକୁ ଜନାଦେଶ ପାଇଛନ୍ତି।




ଟ୍ରମ୍ପ ଓ ହାରିସଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ୭ଟି ସ୍ୱିଙ୍ଗ ରାଜ୍ୟ ବା ମତ ପରିବର୍ତ୍ତନ ବା ଦୁଇ ପକ୍ଷଙ୍କ ସମାନ ସମର୍ଥନ ଥିବା ରାଜ୍ୟରେ ଟ୍ରମ୍ପ ୬-୧ରେ ବିଜୟୀ ହୋଇଛନ୍ତି। ଏଥିସହ ହ୍ୱାଇଟ ହାଉସକୁ ୪ ବର୍ଷ ପରେ ପୁଣି ଯିବାକୁ ଜନାଦେଶ ପାଇଛନ୍ତି। ମୋଦି ଲେଖିଛନ୍ତି, "ଐତିହାସିକ ନିର୍ବାଚନ ପାଇଁ ମୋ ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଯେମିତି ଆପଣ ନିଜର ପୂର୍ବ କାର୍ଯ୍ୟକାଳର ସଫଳତାକୁ ଆଗକୁ ବଢ଼ାଉଛନ୍ତି, ମୁଁ ଭାରତ-ଆମେରିକା ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ଆମର ସହଯୋଗକୁ ପୁଣି ଆରମ୍ଭ କରିବାକୁ ଉତ୍ସାହିତ। ଆସନ୍ତୁ, ମିଳିତ ଭାବେ ଆମ ଲୋକଙ୍କ ଫାଇଦା ଓ ବିଶ୍ୱର ଶାନ୍ତି, ସ୍ଥିରତା ଓ ସମୃଦ୍ଧିକୁ ଆଗକୁ ନେବା ପାଇଁ କାର୍ଯ୍ୟ କରିବା।" ପୂର୍ବ ନିର୍ବାଚନ ଗୁଡ଼ିକ ତୁଳନାରେ ଏଥର ଆମେରିକେରେ ଟ୍ରମ୍ପ ଓ ହାରିସଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ୭ଟି ସ୍ୱିଙ୍ଗ ରାଜ୍ୟ ବା ମତ ପରିବର୍ତ୍ତନ ବା ଦୁଇ ପକ୍ଷଙ୍କ ସମାନ ସମର୍ଥନ ଥିବା ରାଜ୍ୟରେ ଟ୍ରମ୍ପ ୬-୧ରେ ବିଜୟୀ ହୋଇଛନ୍ତି। ଏଥିସହ ହ୍ୱାଇଟ ହାଉସକୁ ୪ ବର୍ଷ ପରେ ପୁଣି ଯିବାକୁ ଜନାଦେଶ ପାଇଛନ୍ତି।




## ଟ୍ରମ୍ପ ବିଜୟୀ ଭାଷଣରେ ଏଲନ ମସ୍କ

**ୱାଶିଂଟନ, ୬।୧୧:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିବାକୁ ଯାଉଥିବା ରିପବ୍ଲିକାନ ପାର୍ଟିର ଡୋନାଲ୍ଡ ଟ୍ରମ୍ପ ଆଜି ବଡ଼ ବୟାନ ଦେଇଛନ୍ତି। ବିଧିବଦ୍ଧ ଭାବେ ଆମେରିକା ରାଷ୍ଟ୍ରପତି ନିର୍ବାଚନର ରେଜଲ୍ଟ ଘୋଷଣା ହେବା ଆଗରୁ ଟ୍ରମ୍ପ ହିଁ ବିଜୟୀ ହେବା ଏକ ପ୍ରକାରରେ ନିଶ୍ଚିତ ହୋଇଛି। ମ୍ୟାଜିକ ନମ୍ବର ୨୭୦ ଅତିକ୍ରମ କରିବା କ୍ଷଣି ଟ୍ରମ୍ପ ନିଜ ସମର୍ଥକମାନଙ୍କୁ ଟ୍ରମ୍ପ ଫାଉଥରେ ବିଜୟୀ ଭାଷଣ ଦେଇଛନ୍ତି। ଏହି ଭାଷଣ ସମୟରେ ସେ ଟେସଲା ତଥା ଏକ୍ସର ମୁଖ୍ୟ ଏଲନ ମସ୍କଙ୍କ ନାଁ ନେଇଛନ୍ତି। ଟ୍ରମ୍ପ ଙ୍କ ପ୍ରଚାରରେ ମସ୍କ ଲାଗି ପଡ଼ିବା ସହ ତାଙ୍କ ବିଜୟ କାମନା କରିଥିଲେ। ଏଥିପାଇଁ ଟ୍ରମ୍ପ ଆଜି ଆମେରିକା ବାସୀଙ୍କ ସହ ମସ୍କଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ସେ ମସ୍କଙ୍କୁ ଜଣେ ଅଦ୍ଭୁତ ବ୍ୟକ୍ତି ବୋଲି କହିବା ସହ ପ୍ରଚାର ବେଳେ ତାଙ୍କ ସହ ବିତାଇଥିବା ସମୟକୁ ମନେ ପକାଇଛନ୍ତି। ଟ୍ରମ୍ପ କହିଛନ୍ତି, "ଆମକୁ ଗୋଟିଏ ନୂଆ ଷ୍ଟାର ମିଳିଛି। ଗୋଟି ଷ୍ଟାର ଜନ୍ମ ନେଇଛନ୍ତି। ଏଲନ। ସେ ଜଣେ ଅଦ୍ଭୁତ ବ୍ୟକ୍ତି। ଆମେ ଆଜି ରାତିରେ ଏକାଠି ବସିଥିଲୁ। ଆପଣମାନେ ଜାଣିଛନ୍ତି ଯେ ସେ ଦୁଇ ସପ୍ତାହ ଫିଲାଡେଲଫିଆରେ ବିତାଇଥିଲେ। ସେହିପରି ପେନସଲଭାନିଆରେ ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରଚାର କରିଥିଲେ। କେବଳ ଏଲନ ଏମିତି କରିପାରିବେ। ଏଥିପାଇଁ ଆଇ ଲଭ ୟୁ ଏଲନ।"

## ୨୦ ବର୍ଷରେ ପ୍ରଥମ: ଲୋକପ୍ରିୟ ଭୋଟ୍ ପାଇବାରେ ଟ୍ରମ୍ପ ପ୍ରଥମ

**ୱାଶିଂଟନ, ୬।୧୧:** ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନର ପ୍ରଥମ ପ୍ରାର୍ଥୀ ଭାବେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପପୁଲାର ବା ଲୋକପ୍ରିୟ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ସ୍ୱିଙ୍ଗ ରାଜ୍ୟଗୁଡ଼ିକରେ ଟ୍ରମ୍ପ ବାଜିମାତ କରିଥିବାରୁ ସେ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି।

ଉତ୍ତର କାରୋଲିନା ଓ ଜର୍ଜିଆ ଭଳି ସ୍ୱିଙ୍ଗ ଷ୍ଟେଟରେ ଟ୍ରମ୍ପ ଡେମୋକ୍ରାଟିକ ପ୍ରାର୍ଥୀ ତଥା ଉପ ରାଷ୍ଟ୍ରପତି କମଳା ହାରିସଙ୍କୁ ପରାସ୍ତ କରି ହ୍ୱାଇଟ ହାଉସକୁ ଯିବା ଏକ ପ୍ରକାରର ସୁନିଶ୍ଚିତ କରିଛନ୍ତି।

ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ ରିପବ୍ଲିକାନର ପ୍ରାର୍ଥୀ ଜର୍ଜ ଡବ୍ଲ୍ୟୁ ବୁଶଙ୍କ ପରେ ଲୋକପ୍ରିୟ ଭୋଟ ପାଇ ହ୍ୱାଇଟ ହାଉସକୁ ଯାଉଛନ୍ତି। ୨୦୦୪ରେ ବୁଶ ଲୋକପ୍ରିୟ ଭୋଟ ପାଇ ରାଷ୍ଟ୍ରପତି ହୋଇଥିଲେ। ୨୦୦୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବୁଶ ୬୨,୦୪୦,୬୧୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ଇଲେକ୍ଟୋରାଲ ଭୋଟ ସଂଖ୍ୟା ୨୮୬ ଥିଲା। ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିବା ଡେମୋକ୍ରାଟିକ ପାର୍ଟିର ଜନ କେରୀ ୫୯,୦୨୮,୪୪୪ ଖଣ୍ଡ ଭୋଟ ସହ ୨୫୧ ଇଲେକ୍ଟୋରାଲ ଭୋଟ ପାଇଥିଲେ।

ଲୋକପ୍ରିୟ ଭୋଟର ଅର୍ଥ ଦେଶର ମୋଟ ଭୋଟ ସଂଖ୍ୟା। ଏହାର ସମ୍ପର୍କ ଇଲେକ୍ଟୋରାଲ କଲେଜ ସହ ନାହିଁ। ଜଣେ ପ୍ରାର୍ଥୀ ଅଧିକ ଭୋଟ ବା ଲୋକପ୍ରିୟ ଭୋଟ ପାଇଥିଲେ ମଧ୍ୟ ଯଦି ତାଙ୍କର ଇଲେକ୍ଟୋରାଲ କଲେଜ ବା ଭୋଟ ସଂଖ୍ୟା କମ ରହିଥିବ, ତା'ହେଲେ ସେ ରାଷ୍ଟ୍ରପତି ହୋଇପାରିବେ ନାହିଁ। ୨୦୧୬ରେ ସମାନ ଘଟଣା ଘଟିଥିଲା ଡେମୋକ୍ରାଟିକ ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନ ଲୋକପ୍ରିୟ ଭୋଟ ପାଇଥିଲେ ହେଁ ଇଲେକ୍ଟୋରାଲ କଲେଜ ଆଧାରରେ ଟ୍ରମ୍ପ ବିଜୟୀ ହୋଇଥିଲେ। ୨୦୨୪ରେ ଟ୍ରମ୍ପ ଲୋକପ୍ରିୟ ଭୋଟ ସହ ଆବଶ୍ୟକ ଇଲେକ୍ଟୋରାଲ କଲେଜ ହାସଲ କରି ରାଷ୍ଟ୍ରପତି ନିର୍ବାଚନ ଜିତିଛନ୍ତି। ନିର୍ବାଚନ ଭୋଟ ତଥ୍ୟ ଅନୁସାରେ, ଗତ ୨୦ ବର୍ଷ ମଧ୍ୟରେ ବାରାକ ଓବାମା ସବୁଠାରୁ ଅଧିକ ଲୋକପ୍ରିୟ ଭୋଟ ପାଇଥିଲେ। ସେ ୨୦୦୮ରେ ୬୯.୫ ମିଲିୟନ ଭୋଟ(୫୨.୯) ସହ ୩୬୫ ଇଲେକ୍ଟୋରାଲ ଭୋଟ ହାସଲ କରିଥିଲେ। ୨୦୧୨ରେ ସେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହୋଇଥିଲେ ହେଁ ତାଙ୍କ ଭୋଟ ହାର ୫୧.୧%କୁ ଖସିଥିଲା। ସେହିପରି ଇଲେକ୍ଟୋରାଲ ଭୋଟ ୩୩୨ ରହିଥିଲା।

୨୦୧୬ରେ ଟ୍ରମ୍ପ ୩୦୪ ଇଲେକ୍ଟୋରାଲ ଭୋଟ ପାଇଥିଲେ ହେଁ ତାଙ୍କ ଲୋକପ୍ରିୟ ଭୋଟ ହାର ୪୬.୧% ରହିଥିଲା। ତାଙ୍କ ପ୍ରତିପକ୍ଷ କ୍ଲିଣ୍ଟନ ୪୮.୨% ଭୋଟ ପାଇଥିଲେ ହେଁ ଇଲେକ୍ଟୋରାଲ କଲେଜରେ ମାଡ଼ ଖାଇଯାଇଥିଲେ। ୨୦୨୦ରେ ଜୋ ବାଇଡେନ ସ୍ପଷ୍ଟ ଭାବେ ଲୋକପ୍ରିୟ ଭୋଟ ସହ ଇଲେକ୍ଟୋରାଲ ଭୋଟରେ ନିଜର ଦବଦବା ଦେଖାଇଥିଲେ। ସେ ୫୧.୧% ଲୋକପ୍ରିୟ ଭୋଟ ଓ ୩୦୬ ଇଲେକ୍ଟୋରାଲ କଲେଜ ହାସଲ କରିଥିଲେ। ଟ୍ରମ୍ପ ୭୪,୨୨୩,୯୭୫ ଖଣ୍ଡ ଭୋଟ ଓ ୨୩୨ ଇଲେକ୍ଟୋରାଲ ଭୋଟ ପାଇଥିଲେ।

ଟ୍ରମ୍ପ ୨୦୨୪ରେ ଉତ୍ତର କାରୋଲିନା ଓ ଜର୍ଜିଆ ଭଳି ସ୍ୱିଙ୍ଗ ଷ୍ଟେଟରେ କମାଲ କରିଛନ୍ତି। ତେବେ ତାଙ୍କୁ ସବୁଠାରୁ ବଡ଼ ପୁରସ୍କାର ପେନସଲଭାନିଆରେ ମିଳିଛି। ଏଠାରେ ୧୯ଟି ଇଲେକ୍ଟୋରାଲ ଭୋଟ ପାଇ ଟ୍ରମ୍ପ ତାଙ୍କ ହ୍ୱାଇଟ ହାଉସ ପ୍ରବେଶ ରାସ୍ତାକୁ ମଜବୁତ କରିଛନ୍ତି। ଏହାବାଦ ରିପବ୍ଲିକାନର ପାରମ୍ପରିକ ରାଜ୍ୟ ଫ୍ଲୋରିଡା ଓ ଟେକ୍ସାସରେ ମଧ୍ୟ ଟ୍ରମ୍ପଙ୍କୁ ବଡ଼ ସମର୍ଥନ ମିଳିଛି।

## ଆତ୍ମାହୁତି ଉଦ୍ୟମ ! ଆମେରିକା ସଂସଦ ନିକଟରୁ ସନ୍ଦିଗ୍ଧ ଗିରଫ

**ୱାଶିଂଟନ, ୬।୧୧:** ଆମେରିକାରେ ଚାଲିଛି ରାଷ୍ଟ୍ରପତି ନିର୍ବାଚନ। ତେବେ ଏହି ଭୋଟିଂ ଭିତରେ ଆମେରିକା ସଂସଦ ଭବନ ନିକଟରେ ଆତ୍ମାହୁତି ଦେବାକୁ ଜଣେ ବ୍ୟକ୍ତି ଚେଷ୍ଟା କରିଛନ୍ତି। ଏହି ମାମଲାରେ ୟୁଏସ୍ କ୍ୟାପିଟାଲ ପୁଲିସ ଭିଜିଟର୍ ସେଣ୍ଟରରୁ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ପୋଲିସ କହିଛି ଯେ ଉକ୍ତ ବ୍ୟକ୍ତିଙ୍କ ଦେହରୁ ପେଟ୍ରୋଲ ଗନ୍ଧ ଆସୁଥିଲା। ସେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଥିଲେ। ତାଙ୍କ ନିକଟରୁ ଏକ ମଶାଲ ଏବଂ ଫ୍ଲେୟାର ବନ୍ଧୁକ ମଧ୍ୟ ଜବତ କରାଯାଇଛି। ଆମେରିକାର କାପିଟାଲ ପୁଲିସ କହିଛି ଯେ ଯାଞ୍ଚ ସମୟରେ କ୍ୟାପିଟାଲ ଭିଜିଟର୍ସ ସେଣ୍ଟରକୁ ବନ୍ଦ କରାଯାଇଥିଲା। ଗିରଫ ବ୍ୟକ୍ତିଙ୍କୁ ପଚରାଉଚରା ଜାରି ରହିଛି। ସେପଟେ ଏଫବିଆଇ ଭିତରେ ଆମେରିକାର ବିଭିନ୍ନ ରାଜ୍ୟରେ ମତଦାନ ସ୍ଥାନରେ ନକଲି ବୋମା ଧମକ ଆସିଥିବା ଏଫବିଆଇ କହିଛି। ଏଫବିଆଇ ଅନୁଯାୟୀ, ରୁଷର ଏକ ଇମେଲ ଡୋମେନରୁ ଏହି ଧମକପୂର୍ଣ୍ଣ ମେଲ୍ ପଠାଯାଇଥିଲା। ଜର୍ଜିଆ, ମିଶିଗାନ ଏବଂ ଓ୍ୱିସକନ୍ସିନରେ ମତଦାନ ସ୍ଥାନରେ ବୋମା ଧମକ ମେସେଜ ମିଳିଥିଲା। ଅନୁସନ୍ଧାନରୁ ଏଗୁଡ଼ିକ ନକଲି ଧମକ ଥିବା ଜଣାପଡିଛି। ଏକ ନିରାପଦ ତଥା ନିରପେକ୍ଷ ରାଷ୍ଟ୍ରପତି ନିର୍ବାଚନ ହେଉଛି ଏଜେନ୍ସିର ସର୍ବୋଚ୍ଚ ପ୍ରାଥମିକତା ବୋଲି ଏଫ୍‌ବିଆଇକହିଛି।

## ୩ ବିବାହ, ୫ ସନ୍ତାନ: ଡୋନାଲ୍ଡ ଟ୍ରମ୍ପଙ୍କ ପରିବାର



**ୱାଶିଂଟନ୍, ୬।୧୧:** ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିଛନ୍ତି। ଫକ୍ସ ନ୍ୟୁଜ୍ ଅନୁଯାୟୀ, ଟ୍ରମ୍ପ ପ୍ରାୟ ୨୭୦ ଇଲେକ୍ଟୋରାଲ୍ କଲେଜ୍ ଭୋଟର ମ୍ୟାଜିକ୍ ନମ୍ବରକୁ ଛୁଇଁଛନ୍ତି। ତେବେ ନିର୍ବାଚନ ଫଳାଫଳ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବାକୁ ଯାଉଛନ୍ତି। ୨୦୧୫ରେ ରିପବ୍ଲିକାନ୍ ପାର୍ଟି ରାଷ୍ଟ୍ରପତି ପଦ ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ଡେମୋକ୍ରାଟିକ୍ପ୍ରା ର୍ଥୀ ହିଲାରୀ କ୍ଲିଣ୍ଟନଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ତେବେ ସେ ୨୦୨୦ରେ ପରାଜିତ ହୋଇଥିଲେ। ସେ ୨୦୨୪ରେ ପୁଣି ଥରେ ଜିତିଛନ୍ତି।

ଡୋନାଲ୍ଡ ଟ୍ରମ୍ପ ତାଙ୍କ ରାଜନୈତିକ କ୍ୟାରିୟର ତଥା ବ୍ୟକ୍ତିଗତ ଜୀବନ ପାଇଁ ସମ୍ବାଦରେ ଅଛନ୍ତି। ୭୮ ବର୍ଷୀୟ ଟ୍ରମ୍ପଙ୍କର ଚାରି ଭାଇଭଉଣୀ ଅଛନ୍ତି। ସେ ମଧ୍ୟ ତିନିଥର ବିବାହ କରିଥିଲେ ଏବଂ ତାଙ୍କର ପାଞ୍ଚ ସନ୍ତାନ ଅଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ମାତାଙ୍କ ନାମ ମେରୀ ଟ୍ରମ୍ପ୍ ଏବଂ ପିତାଙ୍କ ନାମ ଫ୍ରେଡେରିକ୍ ଟ୍ରମ୍ପ। ତାଙ୍କ ମା' ସ୍କଟଲ୍ୟାଣ୍ଡରେ ଏବଂ ପିତା ନ୍ୟୁୟର୍କରେ ଜନ୍ମଗ୍ରହଣ କରିଥିଲେ। ମେରି ଏବଂ ଫ୍ରେଡେରିକଙ୍କର ପାଞ୍ଚ ଜଣ ସନ୍ତାନ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଟ୍ରମ୍ପ। ତାଙ୍କ ନମ୍ବର ଭାଇଭଉଣୀଙ୍କ ମଧ୍ୟରେ ଚତୁର୍ଥ। ଟ୍ରମ୍ପଙ୍କର ଦୁଇ ଭାଇ ଏବଂ ଦୁଇ ଭଉଣୀ ଅଛନ୍ତି। ତାଙ୍କର ଜଣେ ଭାଇଙ୍କର ମୃତ୍ୟୁ ହୋଇଛି। ଟ୍ରମ୍ପଙ୍କ ଭଉଣୀଙ୍କ ନାମ ମାରିଆନେ ଏବଂ ଏଲିଜାବେଥ। ତାଙ୍କ ଭାଇମାନଙ୍କ ନାମ ହେଉଛି ଫ୍ରେଡ୍ ଜୁନିୟର ଏବଂ ରୋବର୍ଟ। ଟ୍ରମ୍ପଙ୍କ ଭାଇଭଉଣୀମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନାମ ଅର୍ଜନ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ୧୯୭୭ ମସିହାରେ ମଡେଲ ଇଭାନାଙ୍କୁ ବିବାହ କରିଥିଲେ। ଇଭାନାଙ୍କର ସନ୍ତାନ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ ଜୁନିୟର, ଇଭାଙ୍କା ଟ୍ରମ୍ପ ଏବଂ ଏରିକ୍। ୧୯୯୦ଇଭାନାଙ୍କ ସହ ଟ୍ରମ୍ପଙ୍କର ଛାଡପତ୍ର ହୋଇଥିଲା। ଇଭା।୧୯୯୩ମସିହାରେ ଆମେରିକୀୟ ଅଭିନେତ୍ରୀ ମାର୍ଲା ମାପଲେସଙ୍କୁ ବିବାହ କରିଥିଲେ। ଡୋନାଲ୍ଡ ଏବଂ ୫୫ବର୍ଷିୟ ମାର୍ଲାଙ୍କର ୨୩ ବର୍ଷର ଝିଅ ଟିଫାନି ଅଛନ୍ତି। ୧୯୯୯ ମସିହାରେ ଡୋନାଲ୍ଡ ଏବଂ ମାର୍ଲାଙ୍କର ଛାଡପତ୍ର ହୋଇଥିଲା। ଟ୍ରମ୍ପ ୨୦୦୫ରେ ମେଲାନିଆଙ୍କୁ ବିବାହ କରିଥିଲେ, ଯିଏକି ତାଙ୍କର ବର୍ତ୍ତମାନର ପତ୍ନୀ। ସ୍ଲୋଭେନିଆରେ ଜନ୍ମିତ ୪୯ ବର୍ଷ ବୟସ୍କା ମେଲାନିଆ ଜଣେ ପୂର୍ବତନ ମଡେଲ। ଟ୍ରମ୍ପ୍ ଏବଂ ମେଲାନିଆଙ୍କର ଏକ ୧୩ ବର୍ଷର ପୁଅ ବୈରନ୍ ଅଛନ୍ତି। ଆମେରିକାର ୪୭ ତମ ରାଷ୍ଟ୍ରପତି ହେବାକୁ ଯାଉଥିବା ନ୍ୟୁୟର୍କର ବିଲିୟନେୟାର ଟ୍ରମ୍ପ ତାଙ୍କ ବ୍ୟବସାୟୀ ପିତାଙ୍କଠାରୁ ବିପୁଳ ଧନ ପାଇଛନ୍ତି। ୧୯୬୮ ମସିହାରେ ହାର୍ଟଟନ୍ ସ୍କୁଲରୁ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ସମାପ୍ତ କରିବା ପରେ ସେ ତାଙ୍କ ପିତାଙ୍କ ରିଏଲ୍ ଇଷ୍ଟେଟ୍ ବ୍ୟବସାୟରେ ଯୋଗ ଦେଇଥିଲେ। ତାଙ୍କ ପିତାଙ୍କ ସହ ଟ୍ରମ୍ପ ଏକ ବ୍ରାଣ୍ଡ ଭାବରେ ତାଙ୍କ ନାମ କରିଥିଲେ। ୨୦୦୦ମସିହାରେ, 'ଆପ୍ରେଣ୍ଟିସ୍' ନାମକ ଏକ ଟିଭି ଶୋ ଟ୍ରମ୍ପଙ୍କୁ ପ୍ରସିଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

## ୬ ଆସନରେ ବାଜି ମାରିଲେ ଭାରତୀୟ ବଂଶୋଦ୍ଭବ

**ୱାଶିଂଟନ୍, ୬।୧୧:** ଆମେରିକାରେ ଇତିହାସ ରଚିଛନ୍ତି ୬ ଭାରତୀୟ ବଂଶୋଦ୍ଭବ। ଏମାନେ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହୋଇଛନ୍ତି। ବର୍ତ୍ତମାନ ଆମେରିକା ପ୍ରତିନିଧି ସଭାରେ ୫ ଜଣ ଭାରତୀୟ ବଂଶୋଦ୍ଭବ ରହିଥିଲେ। କିନ୍ତୁ ଏଥର ଏହି ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଭିରଜିନିଆରେ ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ସୁହାସ ସୁବ୍ରମଣ୍ୟମ ନୂଆ ରେକର୍ଡ କରିଛନ୍ତି। ସେ ଏହି ସଂପ୍ରଦାୟର ପ୍ରଥମ ବ୍ୟକ୍ତି ଭାବେ ରାଜ୍ୟ ଓ ପୂରା ପୂର୍ବ କୋଷ୍ଟରୁ ବିଜୟୀ ହୋଇଛନ୍ତି। ସୁବ୍ରମଣ୍ୟମ ବର୍ତ୍ତମାନ ଭିରଜିନିଆର ଜଣେ ସେନେଟର ଭାବେ କାମ କରୁଛନ୍ତି। ସୁବ୍ରମଣିୟମ ରିପବ୍ଲିକାନ ପାର୍ଟିର ମାଇକ କ୍ଲାନସଙ୍କୁ ପରାସ୍ତ କରିଛନ୍ତି।



ପ୍ରତିନିଧି ଗୃହରେ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ଆହୁରି ବଢ଼ିବାର ସମ୍ଭାବନା ରହିଛି। କାରଣ ଅମିଶ ଶାହ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ବର୍ତ୍ତମାନ ସୁଦ୍ଧା ଗଣତି ହୋଇଥିବା ଭୋଟରେ ପଛରେ ପକାଇ ଦେଇଛନ୍ତି। ଆରିଜୋନାର ପ୍ରଥମ କଂଗ୍ରେସ ଜିଲ୍ଲାରେ ଏପରି ରେଜଲ୍ଟ ଦେଖିବାକୁ ମିଳିଛି। କିନ୍ତୁ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇ ନାହିଁ। ଆଜି ବିଜୟୀ ହୋଇଥିବା ସୁବ୍ରମଣ୍ୟମ ପୂର୍ବରୁ ବାରାକ ଓବାମାଙ୍କ ସମୟରେ ହ୍ୱାଇଟ ହାଉସ ପରାମର୍ଶଦାତା ଭାବେ କାମ କରୁଥିଲେ। ସେ ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରେ ଜଣେ ଜଣାଶୁଣା ଚେହେରା। ସେ ପ୍ରତିନିଧି ସଭାରେ 'ସମୋସା କାକସ'ରେ ସାମିଲ ହୋଇଛନ୍ତି। ଏଠାରେ ପୂର୍ବରୁ ୫ ଭାରତୀୟ ବଂଶୋଦ୍ଭବ ରହିଛନ୍ତି। ସେମାନେ ହେଲେ- ଆମି ବେରା, ରାଜା କ୍ରିଷ୍ଣମୂର୍ତ୍ତି, ଆରଓ ଖାନ୍ନା, ପ୍ରମିଳା ଜୟପାଲ ଓ ଶ୍ରୀ ତନେଦର। ଏହି ସମସ୍ତ ୫ ଭାରତୀୟ ବଂଶୋଦ୍ଭବମାନେ ପୁଣିଥରେ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହୋଇଛନ୍ତି। ତନେଦର କ୍ରମାଗତ ଦ୍ୱିତୀୟ ଥର ପାଇଁ ମିଚଗାନର ୧୩ତମ କଂଗ୍ରେସ ଜିଲ୍ଲାରୁ ବିଜୟୀ ହୋଇଛନ୍ତି। ସେ ପ୍ରଥମଥର ଏଠାରୁ ୨୦୨୩ରେ ଜିତିଥିଲେ। ରାଜା ଇଲନୋଇସର ୧୭ତମ କଂଗ୍ରେସ ଜିଲ୍ଲାରୁ କ୍ରମାଗତ ୫ମଥର ପାଇଁ ବାଜିମାତ କରିଛନ୍ତି। ଆରଓ ଖାନ୍ନା କାଲିଫର୍ଣ୍ଣିଆର ୧୭ତମ କଂଗ୍ରେସ ଜିଲ୍ଲା ଓ ପ୍ରମିଳା ଜୟପାଲ ୱାଶିଂଟନର ୭ମ କଂଗ୍ରେସ ଜିଲ୍ଲାରୁ ଜିତିଛନ୍ତି। ଡାକ୍ତର ଆମି ବେରା ହେଉଛନ୍ତି ସବୁଠାରୁ ବରିଷ୍ଠ ଭାରତୀୟ ବଂଶୋଦ୍ଭବ। ସେ ୨୦୧୩ରୁ କାଲିଫର୍ଣ୍ଣିଆର ୬ଷ୍ଠ କଂଗ୍ରେସ ଜିଲ୍ଲାରୁ ଜିତି ଆସୁଛନ୍ତି। ଏଥର ସେ କ୍ରମାଗତ ୭ମ ଥର ପାଇଁ ବାଜିମାତ କରିଛନ୍ତି।

## ଅଟୋକୁ ଧକ୍କା ଦେଲା ଡିସିଏମ୍: ୧୦ ମୃତ

**ଲକ୍ଷ୍ନୌ, ୬।୧୧:** ଉତ୍ତରପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବିଲଗ୍ରାମ ଥାନାର ରୋଶନପୁର ଗ୍ରାମ ନିକଟରେ ଏକ ଡିସଏମ୍ ଓ ଅଟୋ ଧକ୍କା ହୋଇ ୧୦ ଲୋକଙ୍କର ଜୀବନ ଯାଇଛି। ଘଟଣା ଘଟିବା ସଂପର୍କରେ ଖବର ପାଇଁ ପୁଲସ୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ୍‌କୁ ପଠାଇଛି। ସମସ୍ତ ମୃତ ଅଟୋରେ ଯାଉଥିଲେ ବୋଲି ଜଣାପଡ଼ିଛି। ଜାଣିବାକୁ ମିଳିଛି ଯେ ଡିସିଏମ ଆସି ଅଟୋକୁ ଧକ୍କା ଦେଇଥିଲା। ତେବେ ଧକ୍କା ଏତେ ଜୋର୍‌ରେ ହୋଇଥିଲା ଯେ ଅଟୋରେ ବସିଥିବା ଲୋକ ଛିଡ଼ିକି କି ଯାଇ ଅଟୋ ବାହାରରେ ପଡ଼ିଥିଲେ। ତେବେ ମୃତକଙ୍କ ମଧ୍ୟରେ ମହିଳାଙ୍କ ସମେତ ଶିଶୁ ବି ଥିବା ଜଣାପଡ଼ିଛି। ପୁଲିସ୍ ଏବଂ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ସୁରକ୍ଷାକର୍ମୀଙ୍କ ସହ ମୁହାଁ ମୁହିଁ ବେଳେ ଜଣେ ଆତଙ୍କବାଦୀ ମୃତ



**କୁପୱାରା, ୬।୧୧:** ଜମ୍ମୁ କଶ୍ମୀରରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଥିବା ଖବର ରହିଛି। କୁହାଯାଉଛି ଯେ ସୁରକ୍ଷା କର୍ମୀଙ୍କ ଜବାବରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସମ୍ପ୍ରତି ସୁରକ୍ଷାକର୍ମୀ ସମଗ୍ର ଅଞ୍ଚଳରେ ସର୍ଚ୍ଚ ଅପରେସନ କରୁଛନ୍ତି। ବୁଧବାର ସକାଳେ କୁପୱାରାର ଲୋଲାବର ମାର୍ଗି ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀ କହିଛନ୍ତି ଯେ ମଙ୍ଗଳବାର ଓପି ମାର୍ଗିରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଗୁପ୍ତଚର ସୂଚନା ଗ୍ରହଣ କରାଯାଇଛି। ଏହା ପରେ ଭାରତୀୟ ସେନା ଏବଂ ଜମ୍ମୁ କଶ୍ମୀର ପୋଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ମାର୍ଗି, ଲୋଲାବ, କୁପୱାରାଠାରେ ସୁରକ୍ଷା ବାହିନୀ ଚଢ଼ାଉ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଏହା ପରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରି ରହି ସର୍ଚ୍ଚ ଅପରେସନ କରୁଛନ୍ତି।

ନିର୍ବାଚନ ପୂର୍ବରୁ ବିଜେପିର ବଡ଼ ପଦକ୍ଷେପ

## ଦଳରୁ ବିଦାହେଲେ ୪୦ ବିଦ୍ରୋହୀ

**ମୁମ୍ବାଇ, ୬।୧୧:** ପାଖେଇ ଆସିଲାଣି ମହାରାଷ୍ଟ୍ର ନିର୍ବାଚନ। ତେବେ ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ୍‌ରେ ବିଜେପି। ବିଦ୍ରୋହୀ ନେତାଙ୍କ ବିରୋଧରେ ଦଳ ନେଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ୩୭ ଟି ଆସନରେ ବିଦ୍ରୋହ କରିଥିବା ୪୦ ବିଦ୍ରୋହୀମାନଙ୍କୁ ଦଳରୁ ବହିଷ୍କାର କରିଛି।

ଏହାପୂର୍ବରୁ ଉଦ୍ଧବ ଠାକରେ ମଧ୍ୟ ଶିବସେନା-ୟୁବିଟିର ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ଉଦ୍ଧବ ଠାକରେ ୫ ନେତାଙ୍କୁ ବହିଷ୍କାର କରିଥିଲେ, ଏଥିରେ ଭିଓ୍ୱଣ୍ଡିର ପୂର୍ବତନ ବିଧାୟକ ରୂପେଶ ମହାତ୍ରେ, ବିଶ୍ୱସ ନନ୍ଦେକର, ଚନ୍ଦ୍ରକାନ୍ତ ଘୁଗୁଲ, ସଞ୍ଜୟ ଆୱାରୀ ଏବଂ ପ୍ରସାଦ ଠାକରେ ସାମିଲ ଥିଲେ। ସମସ୍ତ ଦଳ ବିଦ୍ରୋହୀମାନଙ୍କ ପ୍ରତି କଠୋର ମନୋଭାବ ଗ୍ରହଣ କରୁଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଦିନ ପାଖେଇ ଆସୁଥିବାରୁ ନେତାଙ୍କ ବିଦ୍ରୋହୀ ସ୍ୱର ମଧ୍ୟ ଉତ୍ତୋଳନ ହେବାରେ ଲାଗିଛି। ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମହାୟୁତିଙ୍କ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ କୌଣସି ବିଦ୍ରୋହୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ୍ ନୁହେଁ। ସେପଟେ ମହା ବିକାଶ ଆଘାଡିଙ୍କ ସହଯୋଗୀ ଶରଦ ପାଓ୍ୱାର ଏବଂ ଉଦ୍ଧବ ଠାକରେ ମଧ୍ୟ ବିଦ୍ରୋହୀମାନଙ୍କୁ ଚେତାବନୀ ଦେଇଛନ୍ତି।

ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ପାଇଁ ୨୦ ନଭେମ୍ବରରେ ଭୋଟ୍ ହେବ। ନଭେମ୍ବର ୨୩ ରେ ଫଳାଫଳ ଘୋଷଣା କରାଯିବ। ଏଥର ବିଜେପି ସର୍ବାଧିକ ସଂଖ୍ୟକ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛି। ଦ୍ୱିତୀୟ ସ୍ଥାନରେ କଂଗ୍ରେସ ଏବଂ ତା'ପରେ ଉଦ୍ଧବ ଠାକରେଙ୍କ ନେତୃତ୍ୱଧିନ ଶିବସେନା ଅଛି। ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନା ଚତୁର୍ଥ ସ୍ଥାନରେ ଏବଂ ଶେଷରେ ଡେପୁଟି ସିଏମ ଅଜିତ ପାୱାରଙ୍କ ଏନ୍‌ସିପି ପାର୍ଟି ଷଷ୍ଠ ସ୍ଥାନରେ ରହିଛି।

## ଉପନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ଯୋଗୀ !



**ଲକ୍ଷ୍ନୌ, ୬।୧୧:** ଉତ୍ତରପ୍ରଦେଶ ଉପନିର୍ବାଚନ ପରେ ୟୁପି ସିଏମ ଯୋଗୀ ଆଦିତ୍ୟନାଥ ଇସ୍ତଫା ଦେବା ନିଶ୍ଚିତ ବୋଲି ଏସପି ମୁଖ୍ୟ ଅଖିଳେଶ ଯାଦବଙ୍କ ବିଧାୟକ ହାଜି ରାଫିକ ଅନସାରୀ ଦାବି କରିଛନ୍ତି। ଏସପି ବିଧାୟକଙ୍କ ଏହି ବିବୃତ୍ତି ପରେ ୟୁପିରେ ଆଲୋଚନା ତୀବ୍ର ହେବାରେ ଲାଗିଛି। ଅଖିଳେଶଙ୍କ ଏହି ବିଧାୟକ ନିର୍ବାଚନ ତାରିଖ ପରିବର୍ତ୍ତନ ନିଷ୍ପତ୍ତି ଉପରେ ମଧ୍ୟ ଭାଜପା ଉପରେ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଇ ନାହାଁନ୍ତି ଏବଂ ମୁଜାଫରନଗର ଦଙ୍ଗା ବିଷୟରେ ମଧ୍ୟ ଏକ ବଡ଼ କଥା କହିଛନ୍ତି। ଲଗାତାର ଦ୍ୱିତୀୟ ଥର ପାଇଁ ମେରଠ ସହର ବିଧାନସଭା ଆସନରୁ ସମାଜବାଦୀ ପାର୍ଟିର ବିଧାୟକ ହାଜି ରଫିକ ଅନସାରୀ ଭୋଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ୟୁପିର ନଅଟି ବିଧାନସଭା ଆସନରେ ଆମେ ଉପନିର୍ବାଚନ ଜିତିବୁ, କିନ୍ତୁ ସେ ଯେଉଁ ଦ୍ୱିତୀୟ କଥା କହିଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ହାଜି ରାଫିକ ଅନସାରୀ କହିଛନ୍ତି , ଭାଜପା ନିର୍ବାଚନରେ ଜିତୁ କିମ୍ବା ହାରୁ ହେଲେ ଯୋଗୀ ଆଦିତ୍ୟନାଥ ହଟିବା ନିଶ୍ଚିତ। ଆମେ ନିର୍ବାଚନରେ ଜିତିବୁ ଏବଂ ଯୋଗୀ ଇସ୍ତଫା ଦେବେ।

## 'ଆତଙ୍କବାଦୀଙ୍କୁ ସହାୟତା କଲେ ବୁଲିବ ବୁଲଡୋଜର'

**ଶ୍ରୀନଗର, ୬।୧୧:** ଯିଏ ଆତଙ୍କବାଦୀଙ୍କୁ ସହାୟତା କରିବ ତା'ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ। ହେବ ବୁଲଡୋଜର ଆକ୍ସନ। ତାଙ୍କ ଘର ଉପରେ ଚାଲିବ ବୁଲଡୋଜନର। ଏଭଳି କିଛି ବଡ଼ ବୟାନ ଦେଇଛନ୍ତି ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା। ଜମ୍ମୁ-କଶ୍ମୀରରେ ଗତ କିଛି ଦିନ ହେବ ଆତଙ୍କୀ ଘଟଣା ଦିନକୁ ଦନ ବଢ଼ି ଚାଲିଛି। ଏହାକୁ ନେଇ ଉପରାଜ୍ୟପାଳ ମନୋଜ ସିହ୍ନା ଲୋକଙ୍କୁ ଚେତାବନୀ ଦେଇଛନ୍ତି। ରାଜ୍ୟରେ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ଗତିବିଧିକୁ ବରଦାସ୍ତ କରାଯିବ ନାହିଁ। ଆତଙ୍କବାଦୀଙ୍କୁ ସାହାଯ୍ୟ କଲେ ଘର ଉପରେ ବୁଲଡୋଜର ଚଢ଼ାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଆତଙ୍କୀଙ୍କ ବିରୋଧ ଏକତ୍ର ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ଏଲଜି। ଏହାଛଡ଼ା ସେ କହିଛନ୍ତି,



ଜମ୍ମୁ-କାଶ୍ମୀରର ସ୍ଥାନୀୟ ଲୋକ, ସୁରକ୍ଷାବଳ ଏବଂ ପ୍ରଶାସନ ଏକାଠି ହେଲେ ବର୍ଷେ ମଧ୍ୟରେ ରାଜ୍ୟରୁ ଆତଙ୍କବାଦୀ ଶେଷ ହୋଇଯିବେ। ବାରମୂଳାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଭଳି କିଛି କହିଛନ୍ତି ମନୋଜ ସିହ୍ନା। କୌଣସି ନିର୍ଦ୍ଦୋଷଙ୍କର ଯେପରି କ୍ଷତି ନହୁଏ ଏବଂ ଦୋଷୀଙ୍କ ବିରୋଧରେ କଠୋର ହେବାକୁ ସେ ସୁରକ୍ଷାବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କୁ ସହଯୋଗ କଲେ ସେମାନଙ୍କ ସହିତ କୌଣସି ପ୍ରକାର ବୁଝାମଣା ହେବନାହିଁ। ତୁରନ୍ତ ସେମାନଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ମନୋଜ ସିହ୍ନା କହିଛନ୍ତି। ମନୋଜ ସିହ୍ନା ଶ୍ରୀନଗରରେ ଗ୍ରେନେଡ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ 'ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଆମେ ଜାଣୁ ଯେ ଆମ ମଧ୍ୟରେ କିଛି ଲୋକ ଅଛନ୍ତି ଯେଉଁମାନେ ଶାନ୍ତି ବଜାୟ ରଖିବାକୁ ଚାହୁଁ ନାହାନ୍ତି। ସେମାନେ ସର୍ବଦା ଷଡ଼ଯନ୍ତ୍ର କରୁଛନ୍ତି। ଉପତ୍ୟକାରେ ଯେଉଁ ଭଳି ପରିସ୍ଥିତି ଲାଗି ରହିଛି ସେଥିପାଇଁ ବାହ୍ୟ ଶକ୍ତି ମଧ୍ୟ ଦାୟୀ। କିନ୍ତୁ ବହୁତ ଲୋକ ଅଛନ୍ତି ଯେଉଁମାନେ ତାଙ୍କ ଇସାରାରେ ଉପତ୍ୟକାରେ ହିଂସାକୁ ପ୍ରୋତ୍ସାହିତ କରୁଛନ୍ତି।' ପଡୋଶୀ ଦେଶ କଶ୍ମୀରକୁ ଅଶାନ୍ତି କରିବାକୁ ଚେଷ୍ଟା ଚଳାଇଛି। ଏହାକୁ ନେଇ ପ୍ରଶାସନ ଯେତେ ଚିନ୍ତିତ ନୁହେଁ, ତା'ଠାରୁ ବଡ଼ ଚିନ୍ତାର ବିଷୟ ହେଲା ପଡ଼ୋଶୀ ଦେଶର ପ୍ରଲୋଭନରେ ପଡୁଛନ୍ତି ଲୋକେ। ଏଭଳି ଲୋକଙ୍କୁ ଚିହ୍ନଟ କରିବା କେବଳ ସୁରକ୍ଷାବଳ କିମ୍ବା ପ୍ରଶାସନର ନୁହେଁ, ବରଂ ସାଧାରଣ ଲୋକେ ବି ଏଥିରେ ସରକାରଙ୍କୁ ସହଯୋଗ ଦରକାର ବୋଲି ଉପରାଜ୍ୟପାଳ କହିଛନ୍ତି।



# ଆଇସିସି ରାଙ୍କିଙ୍ଗ: ନ୍ୟୁଜିଲ୍ୟାଣ୍ଡ ବିପର୍ଯ୍ୟୟ ପରେ ବହୁ ତଳକୁ ଖସିଲେ ବିରାଟ କୋହଲି

**ମୁମ୍ବାଇ, ୬।୧୧:** ଭାରତୀୟ ଟିମର ବିରିଷ୍ଠ ବ୍ୟାଟର ବିରାଟ କୋହଲି ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବିରାଟଙ୍କ ବ୍ୟାଟ ଆଦୌ ଚାଲି ନଥିଲା। ତେଣୁ ବୁଧବାର ଆଇସିସି ଜାରି କରିଥିବା ବ୍ୟାଟିଂ ରାଙ୍କିଙ୍ଗରେ ବିରାଟ ୮ଟି ସ୍ଥାନ ତଳକୁ ଖସି ଯାଇଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୩ଟି ଟେଷ୍ଟରେ ବିରାଟ କେବଳ ୯୩ ରନ କରିବାକୁ ସକ୍ଷମ ହୋଇଥିଲେ। ଏଥିପାଇଁ ସେ ଆଇସିସି ବ୍ୟାଟିଂ ରାଙ୍କିଙ୍ଗର ୨୨ତମ ସ୍ଥାନରେ ପହଞ୍ଚିଛନ୍ତି।

ବିରାଟ ଓ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଫ୍ଲପ ହୋଇଥିଲେ। ଏଥିପାଇଁ ନ୍ୟୁଜିଲ୍ୟାଣ୍ଡ ଐତିହାସିକ ବିଜୟ ସହ ଭାରତକୁ ମୂଳପୋଛ କରି ୩-୦ରେ ସିରିଜ ଜିତିଥିଲା। ରୋହିତ ଶର୍ମା ରାଙ୍କିଙ୍ଗର ୨ଟି ସ୍ଥାନ ତଳକୁ ଖସି ୨୬ତମ ସ୍ଥାନରେ ରହିଛନ୍ତି। ବର୍ତ୍ତମାନ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ଇଂଲଣ୍ଡର ଜୋ ରୁଟ ରହିଛନ୍ତି। ସେ ପାକିସ୍ତାନ ବିପକ୍ଷରେ ଡବଲ ଟନ ହାସଲ କରିଥିଲେ। ରୁଟଙ୍କ ପଛକୁ କେନ ୱିଲିୟମସନ, ହ୍ୟାରୀ ବ୍ରୁକ, ଯଶସ୍ୱୀ ଜୈସୱାଲ ଓ ଷ୍ଟିଭ ସ୍ମିଥ ରହିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏକାକୀ ସବୁ ମ୍ୟାଚ୍‌ରେ ଲଢ଼େଇ କରିଥିବା ଭାରତର ଋଷଭ ପନ୍ତଙ୍କ ରାଙ୍କିଙ୍ଗରେ ଉନ୍ନତି ଆସିଛି। ସେ ୫ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୬ଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଟପ୍ ୧୦ରେ ପନ୍ତ ଓ ଜୈସୱାଲ ଦୁଇ ଭାରତୀୟ ଭାବେ ରହିଛନ୍ତି। ଶୁବମନ ଗିଲ୍ ରାଙ୍କିଙ୍ଗର ୧୬ତମ ସ୍ଥାନରେ ରହିଛନ୍ତି। ଏହି ୩ ଜଣଙ୍କୁ ଛାଡ଼ି ଦେଲେ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୨୦ରେ କୌଣସି ଭାରତୀୟ ଖେଳାଳି ରହିବାକୁ ସକ୍ଷମ ହୋଇନାହାନ୍ତି।

# ଆଇପିଏଲ ଅକ୍ସନରେ ନାହିଁ ବେନ ଷ୍ଟୋକ୍ସଙ୍କ ନାଁ



**ମୁମ୍ବାଇ, ୬।୧୧:** ଆସନ୍ତା ୨୦୨୫ ଆଇପିଏଲର ମେଗା ଅକ୍ସନ ପାଇଁ ବିସିସିଆଇ ତାରିଖ ଘୋଷଣା କରିଛି। ସାଉଦି ଆରବର ଜେଦ୍ଦାରେ ଆସନ୍ତା ନଭେମ୍ବର ୨୪ ଓ ୨୫ ଦୁଇ ଦିନ ଧରି ୧୦ ଫ୍ରାଞ୍ଚାଇଜ୍ ଖେଳାଳି କିଣିବେ। ଅକ୍ସନ ପାଇଁ ମୋଟ ୧୫୭୪ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୧୬୫ ଜଣ ଭାରତୀୟ ଓ ୪୦୯ ଜଣ ବିଦେଶୀ ଖେଳାଳି ରହିଛନ୍ତି। ସେହିପରି କ୍ୟାପଡ ଖେଳାଳିଙ୍କ ସଂଖ୍ୟା ୩୨୦, ଅନକ୍ୟାପଡ ଖେଳାଳିଙ୍କ ସଂଖ୍ୟା ୧୨୨୪ ଓ ଆସୋସିଏଟ ଦେଶର ଖେଳାଳିଙ୍କ ସଂଖ୍ୟା ୩୦ ରହିଛି।

ରିପୋର୍ଟ ଅନୁସାରେ, ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ ଷ୍ଟୋକ୍ସଙ୍କ ନାଁ ଅକ୍ସନ ତାଲିକାରେ ନାହିଁ। ସେ ନିଜ ନାଁକୁ ପଞ୍ଜିକରଣ କରିନାହାନ୍ତି। ଏତେ ସଂଖ୍ୟକ ଖେଳାଳି ଅକ୍ସନ ପାଇଁ ପଞ୍ଜିକରଣ କରିଥିବାରୁ ଆୟୋଜକ ସଂସ୍ଥା ଫ୍ରାଞ୍ଚାଇଜମାନଙ୍କ ସହ ଏସମ୍ପର୍କରେ ଆଲୋଚନା କରିବ। ଏହାପରେ ଚୂଡ଼ାନ୍ତ ଅକ୍ସନ ତାଲିକା ପ୍ରକାଶ କରାଯିବ। ନିଜ ନିଜ ଫ୍ରାଞ୍ଚାଇଜ ତରଫରୁ ରିଲିଜ ହୋଇଥିବା ୩ ପୂର୍ବତନ ଅଧିନାୟକ ଋଷଭ ପନ୍ତ, କେଏଲ ରାହୁଲ ଓ ଶ୍ରେୟସ ଆୟର ମଧ୍ୟ ଅକ୍ସନରେ ସାମିଲ ହେବେ। ସେମାନଙ୍କ ବେସ୍ ପ୍ରାଇସ ବା ମୂଳ ଦର ୨ କୋଟି ଟଙ୍କା ଲେଖାଏ ରହିଛି। ସେହିପରି ରାଜସ୍ଥାନ ରିଲିଜ କରି ଦେଇଥିବା ଦୁଇ ସ୍ପିନର ରବି ଅଶ୍ୱିନ ଓ ଯୁଜି ଚହଲ ମଧ୍ୟ ୨ କୋଟି ଟଙ୍କାର ବେସ୍ ପ୍ରାଇସ ବ୍ରାକେଟରେ ରହିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିବା ଇଂଲଣ୍ଡର ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ପ୍ରଥମଥର ପାଇଁ ଆଇପିଏଲ ଅକ୍ସନରେ ନିଜକୁ ସାମିଲ କରିଛନ୍ତି। ତାଙ୍କ ବେସ୍ ପ୍ରାଇସ ୧.୨୫ କୋଟି ଟଙ୍କା ରହିଛି।

୨ କୋଟି ବେସ୍ ପ୍ରାଇସ ମଧ୍ୟରେ ଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ଖଲୀଲ ଅହମଦ, ଦୀପକ ଚହର, ଭେଙ୍କଟେଶ ଆୟର, ଆବେଶ ଖାନ, ଈଶାନ କିଶନ, ମୁକେଶ କୁମାର, ଭୁବନେଶ୍ୱର କୁମାର, ପ୍ରସିଦ୍ଧ କ୍ରିଷ୍ଣା, ଟି ନଟରାଜନ, ଦେବଦତ୍ତ ପାଡିକ୍କଲ, କ୍ରୁନାଲ ପାଣ୍ଡ୍ୟା, ହର୍ଷଲ ପଟେଲ, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଉମେଶ ଯାଦବ।

ପୃଥ୍ୱୀ ଶ ଓ ସର୍ଫରାଜ ଖାନଙ୍କ ଭଳି ଯୁବ ଖେଳାଳିଙ୍କ ବେସ ପ୍ରାଇସ ମାତ୍ର ୭୫ ଲକ୍ଷ ଟଙ୍କା ରହିଛି। ଏହାବାଦ ୨୦୨୪ରେ ରେକର୍ଡ ୨୪.୫୦ କୋଟି ଟଙ୍କାରେ କୋଲକାତା ପଟୁ ଖେଳୁଥିବା ମିଚେଲ ଷ୍ଟାର୍କଙ୍କ ବେସ ପ୍ରାଇସ ମଧ୍ୟ ୨ କୋଟି ରହିଛି।

# ଅଲିମ୍ପିକ୍ସ ପଦ ହରାଇବେ ଇମନ୍

- ମେଡିକାଲ୍ ରିପୋର୍ଟ ଖୋଲିଲା ରହସ୍ୟ
- ପୁରୁଷ ଯୌନାଙ୍ଗ ଥିବା ମଧ୍ୟ ସ୍ପଷ୍ଟ ହେଲା



**ପ୍ୟାରିସ୍, ୬।୧୧:** ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଆଲ୍‌ଜେରିଆର ମହିଳା ମୁଷ୍ଟିଯୋଦ୍ଧା ଇମନ ଖଲିଫଙ୍କୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସେ ମହିଳା ନୁହନ୍ତି, ପ୍ରକୃତରେ ଜଣେ ପୁରୁଷ ବୋଲି ଏକ ଗୁପ୍ତ ସ୍ୱାସ୍ଥ୍ୟ ରିପୋର୍ଟରେ ଦାବି କରାଯାଇଛି। ଇମନ ମହିଳା ନୁହଁ, ପୁରୁଷ ବୋଲି ପୂର୍ବରୁ ବହୁ ଥର ଦାବି ହୋଇ ଆସୁଥିଲା। ଏପରିକି ତାଙ୍କୁ ନେଇ ପ୍ୟାରିସ୍ ଅଲିମ୍ପିକ୍ସରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି କାରଣ ପାଇଁ ମଧ୍ୟ ଇଟାଲି ମୁଷ୍ଟିଯୋଦ୍ଧା ଆଞ୍ଜେଲା କାରିନି ତାଙ୍କ ବିପକ୍ଷ ମୁକାବିଲାରୁ ଓହରି ଯାଇଥିଲେ। ଇମନଙ୍କୁ ଏହି ଅଲିମ୍ପିକ୍ସରୁ ବିତାଡ଼ିତ କରିବାକୁ ଅନ୍ୟ କିଛି ଦେଶର ପ୍ରତିଯୋଗୀ ବି ଦାବି କରିଥିଲେ। ସେତେବେଳେ କିନ୍ତୁ ଆଲ୍‌ଜେରିଆ ଅଲିମ୍ପିକ୍ସ ସଂଘ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ ଇମନଙ୍କୁ ଦୃଢ଼ ସମର୍ଥନ କରିଥିଲେ। ଏପରିକି ସେ ୬୬ କିଲୋଗ୍ରାମ ମହିଳା ମୁଷ୍ଟିଯୁଦ୍ଧରେ ନିଜ ସମସ୍ତ ପ୍ରତିପକ୍ଷଙ୍କୁ ଅତି ସହଜରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। କିନ୍ତୁ ପ୍ୟାରିସ୍‌ର ଏକ ଡାକ୍ତରଖାନାରେ ହୋଇଥିବା ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ପଦାକୁ ଆସିବା ପରେ ତାଙ୍କ ମୁଖା ଖୋଲିଯାଇଛି। ସୋମବାର ବିଳମ୍ବିତ ରାତି ପ୍ରଘଟ ହୋଇଥିବା ଏହି ରିପୋର୍ଟ ଅନୁସାରେ ଇମନଙ୍କ ଶରୀରରେ ପୁରୁଷଙ୍କ ସହ ମେଳ ଖାଉଥିବା ଏକ୍ସୱାଇ କ୍ରୋମୋଜମ୍ ରହିଛି। ସେହିଭଳି ତାଙ୍କ ଶରୀରର ଆଣ୍ଡ୍ରୋଜେନ୍ ସ୍ତର ପୁରୁଷ ସହ ପ୍ରାୟତଃ ସମାନ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଇମନଙ୍କର ପୁରୁଷ ଯୌନାଙ୍ଗ ମଧ୍ୟ ରହିଛି। ରିପୋର୍ଟ ପଦାକୁ ଆସିବା ପରେ କ୍ରୀଡ଼ା ଜଗତରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ରିପୋର୍ଟ ଆଲଜେରିଆର ଏକ ଡାକ୍ତରଖାନା ସହଯୋଗରେ ପ୍ରସ୍ତୁତ କରାଯାଇଥିବାରୁ ଏଥର ଇମନ ଖସିଯିବାର ସବୁବାଟ ବନ୍ଦ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଛି।

ତୀବ୍ର ବିରୋଧ ସତ୍ତ୍ୱେ ଜଣେ ପୁରୁଷଙ୍କୁ ମହିଳା ବର୍ଗରେ ଖେଳିବାର ଅନୁମତି ଦେଇଥିବାରୁ ଅଲିମ୍ପିକ୍ସ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତୀୟ କ୍ରିକେଟର୍ ହରଭଜନ ସିଂହଙ୍କ ସମେତ ବିଶ୍ୱର ବହୁ ଲୋକପ୍ରିୟ କ୍ରୀଡ଼ାବିତ୍ ଦାବି କରିଛନ୍ତି। ପ୍ରସିଦ୍ଧ ବ୍ରିଟିସ୍ ଭାଷ୍ୟକାର ପିଅର୍ସ ମୋର୍ଗାଦ କହିଛନ୍ତି, ଇମନ ଶାରୀରିକ ଭାବେ ଜଣେ ପୁରୁଷ। ତାଙ୍କଠାରୁ ତୁରନ୍ତ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ କାଢ଼ି ନିଆଯାଉ। ଆମେରିକୀୟ ସନ୍ତରଣ ତାରକା ତଥା କ୍ରୀଡ଼ାବିତ୍‌କର୍ମୀ ରିଲେ ଗେନ୍ସ 'ଏକ୍ସ'ରେ ନିଜ ହତାଶାବୋଧ ଜାହିର କରି ମହିଳା ବର୍ଗରେ ଜଣେ ପୁରୁଷ ପଦକ ଜିତିବା ହାସ୍ୟାସ୍ପଦ ବୋଲି କହିଛନ୍ତି। ଇମନଙ୍କ ଲିଙ୍ଗକୁ ନେଇ ଏଭଳି ବିବାଦ ପ୍ରଥମ ଥର ଦେଖାଯାଇନି। ଗତବର୍ଷ ନୂଆଦିଲ୍ଲୀରେ ଆୟୋଜିତ ବିଶ୍ୱ ଚାମ୍ପିଅନସିପ୍‌ର ସ୍ୱର୍ଣ୍ଣ ପଦକ ମୁକାବିଲାରୁ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ସଂଘ ତାଙ୍କୁ ବାସନ୍ଦ କରିଥିଲା। ଇମନ କିନ୍ତୁ ପୁନର୍ବାର ନିଜକୁ ଜଣେ ମହିଳା ଭାବେ ଦାବି କରିଛନ୍ତି।

# ଆଇପିଏଲ ୨୦୨୫ ପାଇଁ ୧୫୭୪ ଜଣ ଖେଳାଳି କଲେ ରେଜିଷ୍ଟ୍ରେସନ

**ନୂଆଦିଲ୍ଲୀ, ୬।୧୧:** ସାଉଦି ଆରବର ଜେଦାହଠାରେ ୨୪-୨୫ ନଭେମ୍ବରରେ ଆଇପିଏଲ୍ ୨୦୨୫ ମେଗା ନିଲାମ ଆୟୋଜନ କରାଯିବ ବୋଲି ବିସିସିଆଇ ଘୋଷଣା କରିଛି। ନଭେମ୍ବର ୪ ରେ ଖେଳାଳିଙ୍କ ପାଇଁ ନିଲାମର ପଞ୍ଜୀକରଣର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସମୁଦାୟ ୧,୫୭୪ ଖେଳାଳି ପଞ୍ଜୀକୃତ ହୋଇଛନ୍ତି। ଭାରତ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଇଟାଲୀ, ଆମେରିକା ଭଳି ଦେଶର ଖେଳାଳିମାନେ ମଧ୍ୟ ନିଲାମ ପାଇଁ ନାମ ଦେଇଛନ୍ତି। କିନ୍ତୁ ନିଲାମ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଏହି ସଂଖ୍ୟା ଅଧାକୁ ହ୍ରାସ ପାଇବାକୁ ଯାଉଛି, ତେବେ ଆସନ୍ତୁ ଜାଣିବା ଏହା କାହିଁକି ଏବଂ କିପରି ହେବ? ୧୫୭୪ ଖେଳାଳି ଆଇପିଏଲ୍ ୨୦୨୫ ମେଗା ନିଲାମ ପାଇଁ ପଞ୍ଜୀକୃତ ହୋଇଛନ୍ତି, ଏହାର ଅର୍ଥ ନୁହେଁ ଯେ ଏହି ସମସ୍ତ ଖେଳାଳିଙ୍କୁ ନିଲାମ ପୁଲରେ ଅନ୍ତର୍ଭୁକ୍ତ କରାଯିବ। ବାସ୍ତବରେ, ନିଲାମ ତାରିଖ ପୂର୍ବରୁ, ଏହି ୧୫୭୪ ଖେଳାଳିଙ୍କ ନାମ ତାଲିକା ସମସ୍ତ ୧୦ ଟିମକୁ ପଠାଯିବ। ଉଦାହରଣ ସ୍ୱରୂପ, ଯଦି ଏକ ଦଳ ୪୦-୫୦ ଖେଳାଳିଙ୍କ ତାଲିକା ପ୍ରସ୍ତୁତ କରିବେ ଯାହା ଉପରେ ଏହା ନିଲାମରେ ବିଡ୍ କରିପାରିବ। ଧରାଯାଉ ଯଦି ପ୍ରତ୍ୟେକ ଦଳ ନିଲାମ ପୂର୍ବରୁ ୫୦ ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାନ୍ତି, ତେବେ ସମସ୍ତ ୧୦ ଟିମ ଦ୍ୱାରା ମନୋନୀତ ଖେଳାଳିଙ୍କ ସଂଖ୍ୟା କେବଳ ୫୦୦ ରହିବ। ଯଦି ଏହା ଘଟେ, ତେବେ ୧୫୭୪ ଖେଳାଳିଙ୍କ ମଧ୍ୟରୁ କେବଳ ୫୦୦ ଖେଳାଳି ନିଲାମ ପୁଲକୁ ଯିବେ ଏବଂ ଅବଶିଷ୍ଟ ୧୦୭୪ ଖେଳାଳି ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ବାଦ ପଡିବେ। କିନ୍ତୁ ନିଲାମରେ ଭାଗ ନେଉଥିବା ଖେଳାଳିଙ୍କ ସଂଖ୍ୟା ମଧ୍ୟ ବହୁତ କମିଯିବ। ଉପରୋକ୍ତ ଉଦାହରଣ ଅନୁଯାୟୀ, ଯଦି ୫୦୦ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହେବେ, ତେବେ ବିକ୍ରି ହୋଇଥିବା ଖେଳାଳିଙ୍କ ସଂଖ୍ୟା ମଧ୍ୟ ଅଧାରୁ କମ୍ ହେବ। କାରଣ ୧୦ଟି ଦଳ ଆଇପିଏଲରେ ଖେଳନ୍ତି ଏବଂ ପ୍ରତ୍ୟେକ ଦଳ ସର୍ବାଧିକ ୨୫ ଖେଳାଳିଙ୍କ ଏକ ଦଳ ପ୍ରସ୍ତୁତ କରିପାରିବେ। ଏପରି ପରିସ୍ଥିତିରେ, ମୋଟ ଖେଳାଳିଙ୍କ ସଂଖ୍ୟା ସର୍ବାଧିକ ୨୫୦ ପର୍ଯ୍ୟନ୍ତ ଯାଇପାରେ।

# ଅବସର ପରେ ମେଗା ଅକ୍ସନରେ ପାଦ ରଖିଲେ ଆଣ୍ଡରସନ

**ନୂଆଦିଲ୍ଲୀ,୬।୧୧:** ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଆଇପିଏଲ ୨୨୫ ପାଇଁ ମେଗା ନିଲାମରେ ନିଜକୁ ପଞ୍ଜୀକୃତ କରିଛନ୍ତି। ୪୨ବର୍ଷିୟ ଆଣ୍ଡରସନ ତାଙ୍କର ପ୍ରଥମ ଆଇପିଏଲ ଋତୁକୁ ଚାହିଁ ରହିଛନ୍ତି। ଏହାପୂର୍ବରୁ ସେ ଥରେ ଆଇପିଏଲ ଖେଳି ନଥିଲେ। ଆଣ୍ଡରସନ ବିଶ୍ୱର କୌଣସି ଲିଗର ଅଂଶ ନୁହଁନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଇଂଲଣ୍ଡର କ୍ୱାଲିଟି ବ୍ଲାଷ୍ଟ ଲିଗରେ ଭାଗ ନେଇଛନ୍ତି। ବର୍ତ୍ତମାନ ଆଣ୍ଡରସନ ଇଂଲଣ୍ଡ ବାହାରେ ଟି -୨ କ୍ରିକେଟ ଲିଗ ଖେଳିବାକୁ ଆଗ୍ରହୀ ଥିବା ଜଣାପଡିଛି। ଖବର ଅନୁଯାୟୀ, ଆଣ୍ଡରସନ ଆଇପିଏଲ ପାଇଁ ତାଙ୍କର ବେସ୍ ପ୍ରାଇସ୍ ୧.୨୫କୋଟି ଟଙ୍କା ରଖିଛନ୍ତି। ଏବେ ଆଣ୍ଡରସନଙ୍କ ଉପରେ କେଉଁ ଦଳ ବିଡ କରିବେ ତାହା ଦେଖିବାକୁ ବାକି ଅଛି। ସୂଚନାଯୋଗ୍ୟ, ଆଣ୍ଡରସନ ପ୍ରାୟ ୧୦ ବର୍ଷ ପୂର୍ବେ ତାଙ୍କ କ୍ୟାରିୟରର ଶେଷ ଟି -୨୦ମ୍ୟାଚ ଖେଳିଥିଲେ, ଯେତେବେଳେ ସେ ଶେଷ ଥର ପାଇଁ ୨୧୪ରେ ଭ୍ୟାଲିଟି ବ୍ଲାଷ୍ଟରେ ଭାଗ ନେଇଥିଲେ। ଏବେ ପ୍ରଶ୍ନ ଉଠେ ଯେ ୪୨ ବର୍ଷ ବୟସ୍କ ଫାଷ୍ଟ ବୋଲରଙ୍କୁ କିଏ କିଣିବେ? ଯିଏ ୧୦ ବର୍ଷ ପୂର୍ବେ ତାଙ୍କର ଶେଷ ଟି -୨୦ ମ୍ୟାଚ ଖେଳିଥିଲେ। ଏହି ପ୍ରଶ୍ନର ଉତ୍ତର କେବଳ ନିଲାମରେ ମିଳିବ।



ଆଣ୍ଡରସନ ଗତ କିଛି ବର୍ଷ ଧରି ଇଂଲଣ୍ଡ ପାଇଁ କେବଳ ଟେଷ୍ଟ କ୍ରିକେଟ ଖେଳୁଥିଲେ। ଜୁଲାଇ ୨୦୨୪ରେ ଲର୍ଡସ ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳି ସେ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଶେଷ କରିଥିଲେ। ଆନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେବା ପରେ ଆଣ୍ଡରସନଙ୍କୁ ଇଂଲଣ୍ଡ କ୍ୟାମ୍ପରେ ଜଣେ ମେଣ୍ଟର ଭାବରେ ଦେଖିବାକୁ ମିଳିଥିଲା।

# ଅଚାନକ ବଦଳିଲେ ଅଷ୍ଟ୍ରେଲିଆ ଅଧିନାୟକ



**ସିଡନୀ,୬।୧୧:** ଦିନିକିଆ ଏବଂ ଟି-୨୦ ପାଇଁ ଅଷ୍ଟ୍ରେଲିଆର ନୂତନ ଅଧିନାୟକ ଘୋଷଣା କରାଯାଇଛି। ଜୋସ ଇଂଲିସଙ୍କୁ ଅଷ୍ଟ୍ରେଲିଆର ଦାୟିତ୍ୱ ଦିଆଯାଇଛି। ସେ ଅଧିନାୟକ ଭାବେ ଦିନିକିଆରେ ପ୍ୟାଟ କମିନ୍ସ ଏବଂ ଅନ୍ତର୍ଜାତୀୟ ଟି-୨୦ରେ ମିଚେଲ ମାର୍ଶଙ୍କ ସ୍ଥାନ ନେବେ। ଜୋସ ଇଂଲିଶ ଅଷ୍ଟ୍ରେଲିଆର ୩୦ତମ ଅଧିନାୟକ ଏବଂ ଟି-୨୦ରେ ୧୪ତମ ଅଧିନାୟକ ହେବେ। ଜୋଶ ଇଂରାଜୀ ପାକିସ୍ତାନ ବିପକ୍ଷରେ ହ୍ୱାଇଟ ବଲ ସିରିଜରେ ଦାୟିତ୍ୱ ଗ୍ରହଣ କରୁଥିବା ଦେଖିବାକୁ ମିଳିବ। ଜୋଶଙ୍କୁ କେବଳ ପାକିସ୍ତାନ ବିପକ୍ଷ ସିରିଜ ପାଇଁ ଅଧିନାୟକ କରାଯାଇଛି। ଏବଂ ଏହା ପଛର କାରଣ ହେଉଛି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ୨୨ ନଭେମ୍ବରରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆର ନିୟମିତ ଦିନିକିଆ ଅଧିନାୟକ ପ୍ୟାଟ କମିନ୍ସ ଏବଂ ଟି-୨୦ ଅଧିନାୟକ ମିଚେଲ ମାର୍ଶ ମଧ୍ୟ ଏଥିପାଇଁ ପ୍ରସ୍ତୁତିରେ ବ୍ୟସ୍ତ ରହିବେ, ତେଣୁ ପାକିସ୍ତାନ ବିପକ୍ଷ ସିରିଜରେ ସେ ଆଉ ଖେଳିବେ ନାହିଁ। ପାକିସ୍ତାନ ବିପକ୍ଷ ସିରିଜର ତୃତୀୟ ଦିନିକିଆରୁ ଜୋଶ ଇଂରାଜୀ ଅଷ୍ଟ୍ରେଲୀୟ ଦଳର କମାଣ୍ଡ ନେବେ। ଦୁଇ ଦେଶ ମଧ୍ୟରେ ତୃତୀୟ ଦିନିକିଆ ନଭେମ୍ବର ୧୦ରେ ଖେଳାଯିବ। ଏହା ପରେ ଏକ ୩ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ହେବ ଯାହା ନଭେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରାଥମିକ...

ଶିକ୍ଷା ଗ୍ରହଣ କରି ପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ନୂଆ କ୍ଲାସ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଟଏଲେଟର ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ।

ବୈଠକରେ ଐତିହ୍ୟ ବିଦ୍ୟାଳୟ ଗୁଡିକର ବିକାଶ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଯୋଜନାରେ ରାଜ୍ୟର ୧୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ବିଦ୍ୟାଳୟ କିମ୍ବା ସ୍ୱାଧୀନତା ପୂର୍ବ ସମୟର ପୁରାତନ ବିଦ୍ୟାଳୟ ଗୁଡିକର ବିକାଶ କରାଯାଇ ଏହାର ଐତିହ୍ୟ ଓ ଐତିହାସିକ ଗୌରବର ପୁନଃପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ସମୁଦାୟ ୪୫ଟି ଐତିହ୍ୟ ବିଦ୍ୟାଳୟର ବିକାଶ କରାଯିବ। ବିଦ୍ୟାଳୟରେ ଶିକ୍ଷକତା କରିଥିବା ବା ଶିକ୍ଷା ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଅବଦାନକୁ ମଧ୍ୟ ସ୍ମରଣୀୟ କରାଯିବ। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉନ୍ନତିକରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରମ୍ପ...

ବିଦ୍‌ରେ ବିଜୟ ବିଷୟରେ ଘୋଷଣା କରି ଆମେରିକାରେ ସୁବର୍ଣ୍ଣ ଯୁଗ ଆସିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ଆମେରିକାବାସୀ ବିଶ୍ୱାସକୁ ନେଇଥିବାରୁ ଧନ୍ୟବାଦ ଜଣାଇ କହିଛନ୍ତି, ଜବରଦସ୍ତ ବିଜୟ ଦେଇଥିବାରୁ ଆମେରିକାବାସୀଙ୍କ ପ୍ରତି କୃତଜ୍ଞ। ବିଜୟ ଯାତ୍ରାପଥ ଆଦୌ ସହଜ ନ ଥିଲା। ଏହା ଏକ ବଡ଼ ବିଜୟ, ଯାହା ଆମେରିକାକୁ ପୁଣି ମହାନ କରିବ ବୋଲି ଟ୍ରମ୍ପ କହିଛନ୍ତି। ଅନୁପ୍ରବେଶ ପ୍ରତିରୋଧ ସହିତ ସୀମା ସମସ୍ୟାକୁ ପ୍ରାଧାନ୍ୟ, ଦେଶକୁ ନିରାପଦ, ସୁରକ୍ଷିତ ଓ ସମୃଦ୍ଧ କରିବେ। ବିଶ୍ୱରେ ଅନିଶ୍ଚୟତା ସୃଷ୍ଟି କରିଥିବା ପଶ୍ଚିମ ଏସିଆ ଓ ୟୁରୋପରେ ଚାଲିଥିବା ଯୁଦ୍ଧର ଅବସାନ ନିମନ୍ତେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏତଦ୍ ଭିନ୍ନ ଆମେରିକାର ଅପର ହାଉସ୍ ସିନେଟରେ ମଧ୍ୟ ଚାରି ବର୍ଷ ପରେ ପ୍ରଥମ ଥର ପାଇଁ ରିପବ୍ଲିକାନ୍‌ମାନେ ସିନେଟରେ ସଂଖ୍ୟାଗରିଷ୍ଠତା ହାସଲ କରିଛନ୍ତି। ସିନେଟରେ ରିପବ୍ଲିକାନ୍ ପାର୍ଟିର ୫୧ ଜଣ ସାଂସଦ ଏବଂ ଡେମୋକ୍ରାଟ୍ ପାର୍ଟିର ୪୯ ଜଣ ସାଂସଦ ଅଛନ୍ତି। ଟ୍ରମ୍ପଙ୍କ ବିଜୟ ପରେ ଭାରତୀୟ ଷ୍ଟକ୍ ମାର୍କେଟ୍ ସମେତ ବିଶ୍ୱ ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଜୟରେ ମୁଖ୍ୟ ଭୂମିକା ନିବର୍‌ାହ କରୁଥିବା ୭ ସୁଇଙ୍ଗ ଷ୍ଟେଟ୍‌ରେ ଟ୍ରମ୍ପ ବିଜୟ ହାସଲ କରିଛନ୍ତି। ଏହି ଷ୍ଟେଟ୍‌ଗୁଡ଼ିକର ମୋଟ ଭୋଟ ସଂଖ୍ୟ ୯୩। ସୁଇଙ୍ଗ୍ ଷ୍ଟେଟ୍ ଜର୍ଜିଆରେ ୧୬ ଟି ଇଲେକ୍ଟୋରାଲ ଭୋଟ ଟ୍ରମ୍ପଙ୍କ ଆକାଉଣ୍ଟକୁ ଯାଇଛି। ଏଠାରେ ଡୋନାଲ୍ଡ ଟ୍ରମ୍ପ ୫୧ ପ୍ରତିଶତ ଭୋଟ୍ ଏବଂ କମଲା ହାରିସ୍ ୪୮ ପ୍ରତିଶତ ଭୋଟ୍ ପାଇଛନ୍ତି। ଉତ୍ତର କାରୋଲିନାରେ ୧୬ ଟି ଇଲେକ୍ଟୋରାଲ ଭୋଟ୍ ଅଛି। ଟ୍ରମ୍ପଙ୍କ ଦଳ ଏଠାରେ ଜିତିସାରିଛି। ପେନସିଲଭାନିଆରେ ୧୯ ଟି ଇଲେକ୍ଟୋରାଲ ଭୋଟ୍ ମଧ୍ୟ ଏଥର ରିପବ୍ଲିକାନ୍ ଆକାଉଣ୍ଟକୁ ଯାଇଛି। ଏଠାରେ ମଧ୍ୟ ଗତଥର ଡେମୋକ୍ରାଟମାନେ ଜିତିଥିଲେ। ମିଚିଗାନରେ ୧୫ ଇଲେକ୍ଟୋରାଲ ଭୋଟ୍ ଭୋଟ୍ ଅଛି। ଟ୍ରମ୍ପ ଏଠାରେ ଜିତିଛନ୍ତି। ୱିସ୍କାନ୍‌ସିନ୍‌ରେ ୧୦ ଟି ଇଲେକ୍ଟୋରାଲ ଭୋଟ୍ ଅଛି। ଏଠାରେ ମଧ୍ୟ ଟ୍ରମ୍ପ ଆଗରେ ଅଛନ୍ତି। ଆରିଜୋନାରେ ୧୧ ଟି ଇଲେକ୍ଟୋରାଲ ଭୋଟ୍ ଥିବା ବେଳେ ଏଠାରେ ମଧ୍ୟ ଟ୍ରମ୍ପଙ୍କ ଦଳ ଆଗରେ ଅଛି। ନେଭାଦାରେ ୬ ଟି ଇଲେକ୍ଟୋରାଲ ଭୋଟ୍ ରହିଛି ଓ କୌଣସି ସ୍ପଷ୍ଟ ଚିତ୍ର ଆସିନାହିଁ।

ଟ୍ରମ୍ପ ଐତିହାସିକ ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇବା ସହିତ ବନ୍ଧୁ ବୋଲି ସମ୍ବୋଧନ କରି ତାଙ୍କ ସହ ଉଠାଇଥିବା ୪ଟି ଫଟୋକୁ ମଧ୍ୟ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ପୋଷ୍ଟ କରିଛନ୍ତି। ମୋଦି ଲେଖିଛନ୍ତି, ଐତିହାସିକ ନିର୍ବାଚନ ପାଇଁ ମୋ' ବନ୍ଧୁ ଡୋନାଲ୍ଡ ଟ୍ରମ୍ପଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଯେମିତି ଆପଣ ନିଜର ପୂର୍ବ କାର୍ଯ୍ୟକାଳର ସଫଳତାକୁ ଆଗକୁ ବଢ଼ାଇବେ, ମୁଁ ଭାରତ-ଆମେରିକା ସହଭାଗିତାକୁ ଆହୁରି ମଜଭୁତ କରିବା ପାଇଁ ସହଯୋଗକୁ ପୁଣି ଆରମ୍ଭ କରିବାକୁ ଉତ୍ସାହିତ।

ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ, ବ୍ରିଟେନ ପ୍ରଧାନମନ୍ତ୍ରୀ କେୟାର ଷ୍ଟର୍ମର, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାର୍କୋନ, ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନ୍‌ସ୍କି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଜୋ ବାଇଡନଙ୍କ ପରେ ଟ୍ରମ୍ପ ହେଉଛନ୍ତି ସର୍ବାଓିକ ବୟୋଜ୍ୟେଷ୍ଠ ରାଷ୍ଟ୍ରପତି। ୨୦୨୦ରେ ହାରିବା ପରେ ତାଙ୍କ ବିରୋଧରେ ୩୪ ଗୁରୁତର ଅଭିଯୋଗ ଆସିଥିଲା। ଏହାସତ୍ତ୍ୱେ ଆମେରିକାବାସୀ ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଛନ୍ତି।

### ଗ୍ରାଉଣ୍ଡ ...

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ର ରେକର୍ଡ ଯାଞ୍ଚ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଁ ସେହି ଗାଁକୁ ଯାଇଥିଲି ଯେଉଁଠାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଆଉ କିଛି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୁଁ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲି। ଘଟଣା ପୂର୍ବରୁ ସେମାନେ ଖାଇଥିବା ଖାଦ୍ୟ ଏବଂ ସ୍ୱାସ୍ଥ୍ୟାବସ୍ଥା ଇତ୍ୟାଦି ବିଷୟରେ ପଚାରି ବୁଝିଥିଲି ବୋଲି ଶ୍ରୀମତି ସାହୁ ଗଣମାଧ୍ୟମକୁ କହିଛନ୍ତି। ପ୍ରାଥମିକ ତଦନ୍ତ ସରିବା ପରେ ସେ ପୁଣି ଥରେ ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସେମାନଙ୍କୁ ସେବା ଯୋଗାଇବା ପାଇଁ ସମସ୍ତ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ତାହା ଜାଣିବେ ବୋଲି ଆରଡିସି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ର ନିର୍ଦ୍ଦେଶ ଅନୁଯାୟୀ, ୭ ଦିନ ମଧ୍ୟରେ ସମ୍ପୃକ୍ତ ତଥ୍ୟକୁ ଅନୁଧ୍ୟାନ କରିବା ପରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। କନ୍ଧମାଳ ଗ୍ରାମରେ ଆମ୍ବ ଟାକୁଆ ଖାଇ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅନ୍ୟ ୬ ଜଣ ଗୁରୁତର ଅସୁସ୍ଥ ହୋଇଥିବା ବେଳେ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅପରପକ୍ଷରେ ବିରୋଧୀ ବିଜେଡି ନୈତିକତା ଭିତ୍ତିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଇସ୍ତଫା ଦାବି କରିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି।

### କେବଳ ଅଭିନନ୍ଦନ...

ଶୁଭେଚ୍ଛା ଅପ୍‌ଲୋଡ୍ କରିପାରୁଛନ୍ତି ସେମାନେ ଅନ୍ୟ ତଥ୍ୟ ବି ଦେଇପାରିବେ। ଯଦି ଅପ୍‌ଲୋଡ୍ କରିବାକୁ ସମସ୍ୟା ହେଉଛି ବିଭିନ୍ନ ଜିଲ୍ଲା ପୁଲିସର ଟୁଇଟର ଆକାଉଣ୍ଟରେ ଅପ୍‌ଲୋଡ୍ ହେଉଥିବା ତଥ୍ୟକୁ ରି-ଟୁଇଟ୍ କରିହେବ। କିନ୍ତୁ ସେମିତି ବି କିଛି ହେଉନି।

ଖାଲି ଡିଜିପିଙ୍କ ଟୁଇଟର ଆକାଉଣ୍ଟ ନୁହେଁ 'କ୍ରାଇମ୍ ବ୍ରାଞ୍ଚ ଓିଶା' ଟୁଇଟର ଆକାଉଣ୍ଟ କଥା ନ କହିବା ଭଲ। ୨୦୨୪ ମସିହାରେ ଗୋଟିଏ ବି ଟୁଇଟ୍ କରିନାହିଁ କ୍ରାଇମ୍‌ବ୍ରାଞ୍ଚ। ରାତି ପାହିଲେ ସାଇବର ଅପରାଧୀମାନେ କୋଟି କୋଟି ଟଙ୍କା ଲୁଟ୍ କରୁଛନ୍ତି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଟୁଇଟର ଆକାଉଣ୍ଟରେ ସଚେତନ କରାଯାଉ ନାହିଁ। ୨୦୨୩ରେ ନିଜ ପକ୍ଷରୁ କୌଣସି ସୂଚନା ଅପ୍‌ଲୋଡ୍ ହୋଇ ନାହିଁ। ଯାହା ହୋଇଛି ରି-ଟୁଇଟ୍। ଉକ୍ତ ଟୁଇଟର ଅକାଉଣ୍ଟକ ଚଳାଇବା ପାଇଁ ଯେଉମାନେ ଅଛନ୍ତି ସେମାନେ ଅନଭିଜ୍ଞ ନାଁ ଏମିତି କରିବାକୁ ତାଙ୍କ ନିର୍ଦ୍ଦେଶେ ରହିଛି ସେ ନେଇ କହି କିଛି କରିବାକୁ ନାରାଜ।

ତେବେ ପୁଲିସ୍ ମୁଖ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମର ସବୁ ତଥ୍ୟ ଓ ସୂଚନା 'ଓଡ଼ିଶା ପୁଲିସ୍' ଅକାଉଣ୍ଟରେ ଅପ୍‌ଲୋଡ୍ ହେଉଛି। ସୋସିଆଲ୍ ମିଆରେ ଆକାଉଣ୍ଟ ବ୍ୟବହାର କରିପା ପାଇଁ ଏକ ଟିମ୍ ବି ରହିଛି। ଏକାଧିକ ଆକାଉଣ୍ଟ ଥିବାରୁ ଟିକେ ସମସ୍ୟା ରହୁଛି।

ସବୁ ଆକାଉଣ୍ଟ ଚଳାଇବା କର୍ମଚାରୀମାନଙ୍କ ପାଇଁ ସମ୍ଭବପର ନୁହେଁ, ତଥାପି ଏ ଦିଗରେ ଦୃଷ୍ଟି ଦିଆଯିବ। ଯଦି ପ୍ରତି ପର୍ବପର୍ବାଣି ଶୁଭେଚ୍ଛା କରାଯାଇ ପାରୁଛି ସୂଚନା ଦେବାରେ ସମସ୍ୟା କ'ଣ ପଚାରିବାରୁ ସେ କିଛି କହିବାକୁ ନା କରି ଦେଇଥିଲେ।

### ମୋ ବସ୍ ...

କି ନାହିଁ, ତାହା ଯାଞ୍ଚ ହେବ।

ପ୍ରକାଶଯୋଗ୍ୟ, ଗତ କିଛି ଦିନ ହେଲା ଭୁବନେଶ୍ୱର ସମେତ ମୋ ବସ୍ ଗଡୁଥିବା ଅନ୍ୟ ସହରରେ ଦୁର୍ଘଟଣା ବଢୁଛି।

ମୋ ବସ୍ କର୍ମଚାରୀଙ୍କ ବେପରୁଆ ମନୋଭାବ ଓ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ଏପରି ଘଟୁଛି। ଏଥିପାଇଁ ଧନଜୀବନ ହାନୀ ଘଟୁଛି। ଏଥିସହ ଉତ୍ତ୍ୟକ୍ତ ଲୋକ ମୋ' ବସ୍ ଭଙ୍ଗାରୁଜା ମଧ୍ୟ କରୁଛନ୍ତି।

### ପୋଷ୍ଟରରୁ ...

ଗୋଷ୍ଠି ଏବେ ଦଳୀୟ ନିଷ୍ପତ୍ତିକୁ ଦାୟୀ କରୁଛନ୍ତି। ସେମାନଙ୍କ ମତରେ ନିର୍ବାଚନ ହାରିବାପରେ ଯେଉଁ ୬୨ଜଣିଆ କମିଟି ଗଠନ ହୋଇଥିଲା ସେଥିରେ ଅସନ୍ତୋଷକୁ ଚାପିବାପାଇଁ କେବଳ ବରିଷ୍ଠମାନଙ୍କୁ ଥଇଥାନ କରାଗଲା।

ତଳ ସ୍ତରର କନିଷ୍ଠ କର୍ମୀଙ୍କୁ ପାଞ୍ଚ ପଇସାରେ ପଚାରିଲେ ନାହିଁ ।ଫଳରେ ନିଜକୁ ଅସୁରକ୍ଷିତ ମଣୁଥିବା କର୍ମୀମାନେ ଏବେ ନିଜ ଭବିଷ୍ୟତ ସୁରକ୍ଷାରେ ଦଳ ଛାଡି ପଳାଉଛନ୍ତି ।

ଆଜି ବିଜେପି ଦଳୀୟ କାର୍ଯ୍ୟାଳୟରେ ବରି ଓ ଅନ୍ୟାନ୍ୟ ସ୍ଥାନର ବିଜେଡି କର୍ମୀମାନେ ଯେଭଳି ଦଳ ବଳ ସହ ବିଜେପିରେ ମିଶିଲେ ଏହାର ତାହାର ଚାକ୍ଷୁସ ପ୍ରମାଣ । ଏଭଳି ସ୍ଥିତିରେ ବିଜେଡିର ଭବିଷ୍ୟତ ଧିରେ ଧିରେ ଅନ୍ଧକାଳ ଭିତରକୁ ଠେଲିହୋଇ ଯାଉଥିବାବେଳେ ସନସ୍ୟା ଓ ତାଙ୍କ କ୍ରୀତଦାସ କିନ୍ତୁ ନିଶ୍ଚିତରେ ରହିଛନ୍ତି ।

### ଭାରତ ପାଇଁ ...

ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ବୃଦ୍ଧି କରିବାକୁ ଆମେରିକା ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଦୀପାବଳି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଏକ୍ସରେ ଏଭଳି କିଛି କହିଥିଲେ ଟ୍ରମ୍ପ। ସେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେ ନିଜର ବନ୍ଧୁ ବୋଲି ସମ୍ବୋଧନ କରିଥିଲେ। ରିପବ୍ଲିକାନ ପାର୍ଟି କ୍ଷମତାକୁ ଫେରିଲେ ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସଶକ୍ତ ହେବ ଏବଂ ଏହାକୁ ଆଗକୁ ବଢ଼ିବ ବୋଲି କହିଥିଲେ।

## ଓଡ଼ିଆଣୀ ବେଶରେ ଶ୍ରୀରାଧା ଦର୍ଶନ ଦେବେ



**ପୁରୀ, ୬।୧୧ (ସଂଚାର ବ୍ୟୁରୋ):** ଆସନ୍ତା ରବିବାର ଦିନ ପବିତ୍ର ଅଁଳା ନବମୀ ଅବସରରେ ସାକ୍ଷୀଗୋପାଳର ଗୋପୀନାଥଙ୍କ ମନ୍ଦିରରେ ଶ୍ରୀରାଧାଙ୍କର ପାଦ ଦର୍ଶନ ହେବ। ଶ୍ରୀରାଧା ଓଡ଼ିଆଣୀ ବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବେ। ଅଁଳା ନବମୀ ପାଇଁ ମନ୍ଦିର ପ୍ରଶାସନ,ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।ଶାନ୍ତି ଶୃଙ୍ଖଳା ସହ ଶ୍ରଦ୍ଧାଳୁ ଭକ୍ତ ମାନେ ଯେପରି ଧାଡ଼ିରେ ଯାଇ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ମଧ୍ୟ ବାରିକେଟ୍ ନିର୍ମାଣ କରାଯାଇଛି। ବର୍ଷକୁ ଗୋଟିଏ ଦିନ ଶ୍ରୀରାଧାଙ୍କ ପାଦ ଦର୍ଶନ ମିଳିଥାଏ।

## ୧୫ରୁ ଦୁଇଦିନଆ ପୀରଜାହାନିଆ ବାଲିଯାତ୍ରା
### ସମୁଦ୍ର ସ୍ନାନ ପ୍ରତି ନଜର ରହିବ




**କାକଟପୁର/ଅସ୍ତରଙ୍ଗ, ୬।୧୧ (ସଂଚାର ବ୍ୟୁରୋ):** ଐତିହାସିକ ପୀରଜାହାନିଆ ବାଲିଯାତ୍ରା ଚଳିତ ବର୍ଷ ନଭେମ୍ବର ୧୫ ଓ ୧୬ ତାରିଖ ଦୁଇଦିନ ଅନୁଷ୍ଠିତ ହେବ। ଏହାକୁ ଯେପରି ଶୃଙ୍ଖଳିତ ତଥା ସରସ ସୁନ୍ଦର ଭାବେ ପାଳନ କରାଯିବ ଏହା ଉପରେ ସ୍ଥାନୀୟ ପ୍ରଶାସନ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥି ନିମନ୍ତେ ବୁଧବାର ଅପରାହ୍ନ ରେ ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମେଳାପଡିଆ ପ୍ରସ୍ତୁତି, ରାସ୍ତାଘାଟ ଉନ୍ନତି କରଣ, ଜଳଯୋଗାଣ, ୨୪ଘଣ୍ଟିଆ ବିଦ୍ୟୁତ ଯୋଗାଣ, ଆଇନ ଶୃଙ୍ଖଳା ରକ୍ଷା, ନିରାପତ୍ତା ଓ ଟ୍ରାଫିକ ନିୟନ୍ତ୍ରଣ ଆଦି ଉପରେ ଆଲୋଚନା କରାଯାଇଥିଲା। ସମୁଦ୍ର ସ୍ନାନ ସମୟରେ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଆଲୋଚନା କରାଯାଇ ପୋଲିସ ବିଭାଗ ପକ୍ଷରୁ ଲାଇଫ ଗାର୍ଡଙ୍କୁ ନିୟୋଜିତ କରାଯିବ। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ ଆରତୀ ନାୟକ, ବିଡ଼ିଓ ସୁଶ୍ରୀସ୍ମିତା ବେହେରା, ନିମାପଡା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାର ଅତିରିକ୍ତ ଥାନାଅଧିକାରୀ ଦୀପକ ସାମନ୍ତସିଂହାର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ, ଛୁରିଆନା ସରପଞ୍ଚ କ୍ଷୀରୋଦ କାନ୍ତି ସମେତ ବିଭିନ୍ନ ବିଭାଗ ଯଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ, ବିଦ୍ୟୁତ ବିଭାଗ, ଜଳସେଚନ ବିଭାଗ ସହ ପ୍ରଶାସନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବି ଉପସ୍ଥିତ ଥିଲେ।

## ପ୍ରତିଭା ସମ୍ବର୍ଦ୍ଧନା ସଭା



**କଣାସ, ୬।୧୧ (ସଂଚାର ବ୍ୟୁରୋ) :** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମରେ ପ୍ରତିଷ୍ଠିତ ବାବା ଗଡିଶ୍ୱର ଦେବଙ୍କ ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ପ୍ରମୋଦ ସାହିତ୍ୟ ସଂସଦ ଓ ସ୍ୱେଚ୍ଛାସେବୀ ଖବରକାଗଜର ମିଳିତ ଅନୁକୂଲ୍ୟରେ ଆଜି ଏକ ପ୍ରତିଭା ସମ୍ବର୍ଦ୍ଧନା ସଭା ଓ ସାହିତ୍ୟଆସର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ତହସିଲଦାର ଯୋଗଦେଇଥିବା ବେଳେ କାର୍ଣିକାର ପାଣିଗ୍ରାହୀ ମୁଖ୍ୟବକ୍ତା, କଣାସ ବ୍ଲକ ପୂର୍ବତନ ଗୋଷ୍ଠୀ ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ ସମାଜସେବୀ ଇଂଜିନିୟର ଦେବଦତ୍ତ ପରିଡ଼ା, କଣାସ ଥାନା ଏସ.ଆଇ ଦେବୀପ୍ରସାଦ ଲେଙ୍କା, ଗୋଷ୍ଠୀ ସହ ଶିକ୍ଷାଧିକାରୀ ବିନୋଦ ବିହାରୀ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଣାସ ବ୍ଲକରେ ଦ୍ୱନ୍ଦଶ ଛାତ୍ରଛାତ୍ରୀ ଓ.ଏ.ଏସ୍ ପାଇଥିବା ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ ଏବଂ ସୁର୍ବର୍ଣନ ବେହେରାଙ୍କୁ ସଂସଦ ତରଫରୁ ସଂସଦର ପ୍ରତିଷ୍ଠାତା କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ଗଡିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯିବା ପରେ କବିତା ପାଠ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିତେନ୍ଦ୍ର କୁମାର ପେଣ୍ଟୋଇ ମଞ୍ଚ ପରିଚାଳନା କରିଥିବା ବେଳେ ମାନସ କୁମାର ମାର୍ଥା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# କୋମାରେ ସର୍ବବୃହତ ଟେଲି ସଂସ୍ଥା ବିଏସ୍ଏନ୍ଏଲ୍

**ବୈଶିଙ୍ଗା, ୬।୧୧ (ସଂଚାର ବ୍ୟୁରୋ) :** ସ୍ୱାଧୀନତା ପରଠାରୁ ଦେଶରେ ଯୋଗାଯୋଗ କ୍ଷେତ୍ରରେ ଯେତେବେଳେ କୌଣସି ଟେଲି ଯୋଗାଯୋଗ ସଂସ୍ଥା କାର୍ଯ୍ୟକାରୀ ହୋଇ ପାରି ନ ଥିଲା, ସେତେବେଳେ କେବଳ ଭାରତ ସଂଚାର ନିଗମ ଲିମିଟେଡ ସଂସ୍ଥା ଯୋଗାଯୋଗ କ୍ଷେତ୍ରରେ ପ୍ରସାର କରି ପାରିଥିଲା। ଏହାପରେ ଯେତେ ଘରୋଇ ଟେଲି ଯୋଗାଯୋଗ ସଂସ୍ଥା ଦେଶରେ କାର୍ଯ୍ୟକାରୀ ହୋଇଛି ସେ ସବୁ ବିଏସଏନଏଲ ମାଧ୍ୟମରେ ସାଧାରଣ ଲୋକଙ୍କୁ ସେବା ଯୋଗାଇଥିଲା ଏବେ ବି ଯୋଗାଇ ଚାଲିଛି। ଫରକ ହେଉଛି ଘରୋଇ ଟେଲି ସଂସ୍ଥା ନିଜର କାୟା ବିସ୍ତାର କରି ଗାଁ ଗହଳିରେ ଲକ୍ଷ ଲକ୍ଷ ଟାୱାର ସ୍ଥାପନ କରି ସେବାର ମାନ ବଢାଇଛି ସତ ମାତ୍ର ଲୋକଙ୍କ ପକେଟକୁ ଲୁଟ କରି ଚାଲିଛନ୍ତି। କିନ୍ତୁ ଯୋଗାଯୋଗ କ୍ଷେତ୍ରରେ ସେହି ବିଏସଏନଏଲ ସେତେବେଳେ ମହାଗୁରୁ ପାଲଟିଥିଲେ ମଧ୍ୟ ଏବେ କୋମାରେ ଥିବା ଜଣାଯାଇଛି ।

ଏହାର ଉଦାହରଣ ପାଲଟିଛି ବୈଶିଙ୍ଗା ବିଏସଏନଏଲ କାର୍ଯ୍ୟାଳୟ। ୧୯୯୫ ମସିହାରେ ଯେତେବେଳେ ଏକ୍ସଚେଞ୍ଜ କାର୍ଯ୍ୟକାରୀ ହେଲା ସେତେବେଳେ ମାତ୍ର ୧୦ଟି ଲ୍ୟାଣ୍ଡଲାଇନ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା। ପରେ ୨୫୬ ଏବଂ ପରେ ୫୧୨ ହିତାଧିକାରୀ ସୃଷ୍ଟି କରି ପାରିଥିଲା। ବିଭାଗୀୟ



**ଉଦାହରଣ ପାଲଟିଛି ବୈଶିଙ୍ଗା ଟେଲି ଏକ୍ସଚେଞ୍ଜ**

ଲାଇନ ମ୍ୟାନ, ହେଲପର ,କନିଷ୍ଠ ଯନ୍ତ୍ରୀଙ୍କ ସହିତ ବିଦ୍ୟୁତର ବିକଳ୍ପ ଭାବେ ନିଜସ୍ୱ ଜେନେରେଟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଘରେ ଘରେ ଲୋକେ ଲ୍ୟାଣ୍ଡଲାଇନ ଯୋଗେ ଉନ୍ନତ୍ତ ସେବା ପାଇ ପାରୁଥିଲେ। ମାତ୍ର ମୋବାଇଲ ଫୋନ ବ୍ୟବହାର ଆରମ୍ଭ ହେବା ପରେ ଲ୍ୟାଣ୍ଡଲାଇନକୁ ହତାଦର କରିବା ସହିତ ବିଭାଗୀୟ କର୍ମଚାରୀ ଶୂନ କରି ଦିଆଗଲା । ଫଳରେ ସେବାରେ ବ୍ୟାଘାତ ସୃଷ୍ଟି ହେଲା ।

ସେହିଭଳି ମୋବାଇଲ କ୍ଷେତ୍ରରେ ଘରୋଇ କମ୍ପାନୀ ମାନେ ୨ଜି ନେଟୱାର୍କରୁ ୫/୬ଜି ନେଟୱାର୍କ ଜରିଆରେ ଦ୍ରୁତ ଗତିରେ ଗ୍ରାହାକଙ୍କୁ ସେବା ଯୋଗାଉଥିବା ବେଳେ ବିଏସଏନଏଲ ସେହି ପୂର୍ବ ୪ଜି ନେଟ୍ୱାର୍କ ପ୍ରସାରଣ କରି ଚାଲିଛି। ଫଳରେ ଗ୍ରାହକମାନେ ବିଏସଏନଏଲ ପରିବର୍ତ୍ତେ ଘରୋଇ କମ୍ପାନୀ ରିମ୍, ଏୟାରଟେଲ, ଜିଓ, ରିଲାଏନ୍ସ , ଟାଟା ଭଳି ଯୋଗାଯୋଗ ସଂସ୍ଥା ପ୍ରତି ମନ ବଳାଉଛନ୍ତି । ଏପଟେ ବୈଶିଙ୍ଗା ଏକ୍ସଚେଞ୍ଜ ରେ ଥିବା ଜେନେରେଟର ଚାଲୁନାହିଁ, କର୍ମଚାରୀ ନାହାନ୍ତି, ନେଟୱାର୍କ ଯନ୍ତ୍ର କାମ କରୁ ନାହିଁ କିମ୍ବା ଖରାପ ହେଲେ ସଜଡ଼ିବାକୁ ଦିନ ଦିନ ବିତି ଯାଉଛି। ଏଭଳି ସ୍ଥଳେ ବିଏସଏନଏଲ ଗ୍ରାହକ ମାନେ କରିବେ କଣ ତାହା ଚିନ୍ତାର ବିଷୟ ପାଲଟିଛି । ବିଭାଗୀୟ ଅଧିକାରୀ ଯଦି ତୁରନ୍ତ ପଦକ୍ଷେପ ନେଇ ଏହି ଏକ୍ସଚେଞ୍ଜର ନବ କଳେବର ନ କରନ୍ତି ତେବେ ଗ୍ରାହକ ମାନେ ଭୁଲିଯିବେ ଯେ ବିଏସଏନଏଲ ଟେଲି ଯୋଗାଯୋଗ ସଂସ୍ଥା ଥିଲା ବୋଲି ।

## ବାର୍‌ହା ଓ ଘୁଷୁରୀଙ୍କ ଉତ୍ପାତରେ ଚାଷୀ ଆତଙ୍କିତ

**ଜଗତସିଂହପୁର, ୬।୧୧ (ସଂଚାର ବ୍ୟୁରୋ) :** ଜଗତସିଂହପୁରର ତିର୍ତ୍ତୋଲ ବ୍ଲକ କିଲିପାଳ ଓ ପରୁଣା ମଧ୍ୟସ୍ଥଳରେ ଥିବା କଣ୍ଟିଆପାଳ ଘଞ୍ଚ ଜଙ୍ଗଲ ଭିତରେ ଲୁଚି ରହୁଥିବା ବାରାହା ଓ ବଣୁଆ ଘୁଷୁରୀମାନେ ରାତିରେ ଆସି ପରୁଣା, କିଲିପାଳ, ଦାମୋଦରପାଟଣା, ପୋଷଲ, ବିଜିପୁର, ଶଙ୍ଖେଶ୍ୱର ଆଦି ଧାନ ବିଲରେ ଧାନ ଖାଇବା ସହିତ ନଷ୍ଟ କରିଦେଲେଣି। ଯାହାକୁ ଚାଷୀ ଏବେ ମୁଣ୍ଡରେ ହାତ ଦେଇବସିଲାଣି। ଆଉ ମାସ ଭିତରେ ଚାଷୀ ଧାନ ଅମଳ କରିଥାନ୍ତା



ହେଲେ ବଣୁଆ ଘୁଷୁରୀ ମାନଙ୍କ ପାଇଁ ଚାଷୀ ପ୍ରମାଦ ଗଣୁଛି। ଚଳିତ ବର୍ଷ ଚାଷୀ ଯେଉଁ ଋଣ ଉଦ୍ଧାର ନେଇ ଚାଷ କରିଛି ଯଦି ବଣୁଆ ଘୁଷୁରୀ ଧାନବିଲରେ ପଶି ନଷ୍ଟ କରିଦିଅନ୍ତି ଚାଷୀ ବିକଳ୍ପ ଉପାୟ ବାଛିନେବ ବୋଲି ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ବନବିଭାଗ ଅଧିକାରୀ ବିରଞ୍ଚି ନାରାୟଣ ଆପାଟଙ୍କୁ ପଚାରିବାରୁ ସେ କହିଥିଲେ ବଣୁଆ ଜୀବଜନ୍ତୁ ହେଲେ ଆମେ କିଛି କାର୍ଯ୍ୟକ୍ରମ କରିଥାନ୍ତୁ। ଘୁଷୁରୀ ଗୃହପାଳିତ ପଶୁ ଆମେ ସରକାରୀ ସ୍ତରରେ କିଛି କରିପାରିବୁନାହିଁ। ଆପଣ ଚାଷୀମାନେ ବିଲରେ ଜିଆଇ ତାର ବୁଲାନ୍ତୁ କିମ୍ବା ମଞ୍ଚା କରି ଜଗିବା ପାଇଁ ପରାମର୍ଶ ଦେଇଥିଲେ।

ଚାଷୀ ହେଉଛନ୍ତି ଦେଶର ମେରୁଦଣ୍ଡ ସଦୃଶ। ମେରୁଦଣ୍ଡ ଭାଙ୍ଗିଗଲେ ମଣିଷ ଅକାମି ହୋଇଯାଏ। ଚାଷୀ ବୁଡ଼ିଲେ ଚାଷ ବୁଡ଼ିଯାଏ। କନିମୁଳ ପଂଚାୟତ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶ୍ରୀଚରଣ ମହାନ୍ତିଙ୍କ ସୁପୁତ୍ର ଅଶୋକ କୁମାର ମହାନ୍ତିଙ୍କ ଅଭିଯୋଗ କ୍ରମେ ବନ ବିଭାଗ ତଥା ପ୍ରଶାସନ ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ଚାଷୀମାନଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ପ୍ରାପ୍ୟ ନ ପାଇ ଧାରଣାରେ ବସିଲେ ଆଶାକର୍ମୀ



**ଫୁଲନଖରା, ୬।୧୧ (ସଂଚାର ବ୍ୟୁରୋ) :** କଟକ ସଦର ଥାନା ଅନ୍ତର୍ଗତ ସିଏମସି ୫୯ ନମ୍ବର ୱାର୍ଡରେ ଥିବା ବମ୍ପକୁଦ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ କାର୍ଯ୍ୟ କରୁଥିବା ୩୩ ଜଣ ଆଶା କର୍ମୀ ସେମାନଙ୍କ ଦୁଇ ମାସର ପ୍ରାପ୍ୟ ପାଇନଥିବାରୁ ଏହାର ପ୍ରତିବାଦରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଦୀର୍ଘ ୨୦୧୬ ମସିହାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିନରେ ସିଏମସି ୪ ଗୋଟି ଓ୍ୱାର୍ଡର ଆଶା କର୍ମୀ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖିନ ହୋଇଆସୁଛନ୍ତି । ବମ୍ପକୁଦ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଟି ପିପି ମୋଡରେ କାର୍ଯ୍ୟ କରୁଥିବାରୁ ସେମାନଙ୍କ କଥା ରାଜ୍ୟ ସରକାର କିମ୍ବା ଏନଜିଓ ସଂସ୍ଥା ଠିକ୍ ଭାବେ ଦୃଷ୍ଟି ଦେଉନାହାନ୍ତି ବୋଲି ଧାରଣାରେ ବସିଥିବା ଆଶା କର୍ମୀ ମାନେ ଅଭିଯୋଗ କରିଛନ୍ତି। ଏହି ଖବରପାଇ କଟକ ସଦର ଥାନା ପୋଲିସ ଏବଂ ୫୮ ନମ୍ବର ୱାର୍ଡ କର୍ପୋରେଟର ଜହ୍ନାର୍ଦ୍ଦନ ପରିଡ଼ା ଆଶା କର୍ମୀମାନଙ୍କୁ ଭେଟି ଆଲୋଚନା କରିବା ସହିତ ଏହି ସମ୍ପର୍କରେ କିଭଳି ସମାଧାନ ହୋଇପାରିବ ସେନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ

**ନୀଳଗିରି, ୬।୧୧ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ଓଡିଶା ସରକାରଙ୍କ ଜଙ୍ଗଲ, ପରିବଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରାଳୟ ତରଫରୁ ପରିବେଶ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ତଥା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ଜନ ପ୍ରେରଣା କରିଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କୃତ କରାଯାଇଥାଏ। ସେହିପରି ଏବର୍ଷ ବୁଧବାର ବନ ସଂରକ୍ଷକ ଏବଂ କାର୍ଯ୍ୟ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ବାଲେଶ୍ୱରରେ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତିର ସୁରକ୍ଷା ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ ବିବିଧ ଜନହିତକର କାର୍ଯ୍ୟ ସମ୍ପାଦନ କରୁଥିବା ବିଭିନ୍ନ ସରକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାର ଅର୍ପଣ କରାଯାଇଛି।

ଏହି ଉତ୍ସବରେ ନୀଳଗିରି ବ୍ଲକ ନିମନ୍ତେ ନୀଳଗିରି ସହର ଉପଖଣ୍ଡରେ ଗଢି ଉଠିଥିବା ଡିଭାଇନ ଚାରିଟେବୁଲ ଟ୍ରଷ୍ଟ, ନୀଳଗିରିକୁ ଏହି ମର୍ଯ୍ୟାଦା ଜନକ ପ୍ରକୃତି ମିତ୍ର ପୁରସ୍କାର - ୨୦୨୪ ପ୍ରଦାନ କରାଯାଇଛି। ବନ ସଂରକ୍ଷକ କାର୍ଯ୍ୟ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ ଡିଭାଇନ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସୁଶାନ୍ତ କୁମାର ମହାପାତ୍ର ଙ୍କୁ ବାଲେଶ୍ୱର ବନ ସଂରକ୍ଷକ ଯୋଜନା ଅଧିକାରୀ କାନ୍ଦନ ସିଂହ, ବନାଞ୍ଚଳ ରେଞ୍ଜର ଜଗନ୍ନାଥ ପରିଡା ଓ ସୁନିତା ମାଝି ତଥା କବି ଓ ସମାଜସେବୀ ଅଭୟ ଦାସବି ଅତିଥି ମାନଙ୍କ



ଉପସ୍ଥିତିରେ ମାନପତ୍ର ଓ ଅର୍ଥରାଶି ସମ୍ବର୍ଦ୍ଧିତ ହୋଇ ସମଗ୍ର ନୀଳଗିରି ରେ ଏକ ଗୌରବ ବିମଣ୍ଡିତ ସମ୍ମାନ ପ୍ରାପ୍ତ ହୋଇଛନ୍ତି। ଚଳିତ ବର୍ଷ ଚଷାଖଣ୍ଡ ଗ୍ରାମପଞ୍ଚାୟତ ଟଣକା ଗ୍ରାମରେ, ମଲ୍ୟାଣୀ, କୁସୁମିଆ, ତଥା ୨୫୦ ଗୃହରେ ବୃକ୍ଷ ରୋପଣ କରିବା ସହିତ ନୀଳଗିରିରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିପାରିଛି। ଯୁବକ ଯୁବତୀ ମାନଙ୍କୁ ଉତ୍ସାହିତ କରି, "ରକ୍ତଦାନ ମହତ୍ ଦାନ" ନାରାରେ ରକ୍ତ ସଂଗ୍ରହ କରି ବହୁ ଗରିବ, ଅସହାୟ ଲୋକମାନଙ୍କର ଜରୁରୀ କାଳୀନ ସମୟରେ ରକ୍ତ ଯୋଗାଇଦେବାରେ ସହାୟକ କରିଛି। ରଥଯାତ୍ରା ହେଉ କିମ୍ବା ବିଭିନ୍ନ ପର୍ବ ପର୍ବାଣୀ ହେଉ ବିଭିନ୍ନ ସମୟରେ ରାସ୍ତା ସଫେଇ, ସ୍ୱାସ୍ଥ୍ୟ ସେବା, ଶୃଙ୍ଖଳା ରକ୍ଷା କରିବା ଇତ୍ୟାଦି କାର୍ଯ୍ୟକ୍ରମ କରି ଲୋକମାନଙ୍କ ନିକଟରେ ପ୍ରିୟର ପାତ୍ର ହୋଇପାରିଛି।



## ସର୍ବେଶ୍ୱରଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

**ନାଉଗାଁ, ୬।୧୧ (ସଂଚାର ବ୍ୟୁରୋ) :** ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ନାଉଗାଁ ବ୍ଲକ ନିମନ୍ତେ ନାଉଗାଁ ପଞ୍ଚାୟତ ମହିଁଷାମୁଣ୍ଡା ଗ୍ରାମର ସର୍ବେଶ୍ୱର ମହାରଣାଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଜଗତସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମହାରଣା ଏହି ସମ୍ମାନ ଗ୍ରହଣ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ଶ୍ରୀ ମହାରଣାଙ୍କୁ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥିଭାବେ ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ଡା.ଜୟକୃଷ୍ଣ ପାଣିଗ୍ରାହୀ, ପୌରପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଦୀପକ ମିଶ୍ର, ନରେନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ସାହୁ, ପ୍ରାଚୀ ପଟ୍ଟନାୟକ, ସୁମିତ୍ରା ମଲ୍ଲିକ, ପ୍ରଗତୀ ଜେନା, ଅମୂଲ୍ୟ ମିଶ୍ର, ମନିଷା ମିଶ୍ର ପ୍ରମୁଖ ପରିଚାଳନା କରୁଥିଲେ।

## ତାରାତାରିଣୀ ମନ୍ଦିରରୁ ଲୁଟ୍, ପୋଲିସ୍ ତଦନ୍ତ ଜାରି
### ଲୁଟିନେଲେ ମୁକୁଟ, ମୁଖା, ରୁପା ଛତା ଓ ଅନ୍ୟାନ୍ୟ ଅଳଙ୍କାର

**ବ୍ରହ୍ମପୁର, ୬।୧୧ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାଆ ତାରାତାରିଣୀଙ୍କ ମନ୍ଦିରରୁ ବଡଧରଣର ଲୁଟ୍ ହୋଇଛି। ମଙ୍ଗଳବାର ରାତିରେ ମନ୍ଦିରରେ ପଶି ରୂପା ମୁଖା ସହ ଏକାଧିକ ମୁକୁଟ ଓ ବିଭିନ୍ନ ମୂଲ୍ୟବାନ ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏଥିରେ ଏକାଧିକ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ବୁଧବାର ସକାଳେ ଏନେଇ ଜଣା ପଡିବା ପରେ ସେବାୟତ ଓ ମନ୍ଦିର ପରିଚାଳନା କମିଟିର ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ, ମନ୍ଦିରରେ ବ୍ୟବହାର ହେଉଥିବା ଦୁଇଟି ମୁଖା



ସହିତ ଗୋଟିଏ ରୂପାର ଛତା, ତିନୋଟି ମୁକୁଟ, ପୂଜା ଓ ବିଭିନ୍ନ ନୀତିକାନ୍ତିରେ ବ୍ୟବହୃତ ହେଉଥିବା ଏକାଧିକ ଦୁର୍ମୂଲ୍ୟ ଅଳଙ୍କାର ଚୋରି ହୋଇଛି । କେବଳ ଅଳଙ୍କାର ନୁହେଁ ବରଂ ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ରହିଥିବା ହୁଣ୍ଡି (ଦାନପାତ୍ର) ଭାଙ୍ଗି ନେଇଯିବା ପାଇଁ ଉଦ୍ୟମ ମଧ୍ୟ କରିଛନ୍ତି। ହୁଣ୍ଡିର ପ୍ରଥମ ତାଲାକୁ ଭାଙ୍ଗି ଦେଇଥିବା ବେଳେ ଭିତର ତାଲାକୁ ଭାଙ୍ଗି ନପାରି ଛାଡି ପଳାଇଛନ୍ତି ଦୁର୍ବୃତ୍ତ । ପ୍ରତିଦିନ ଭଳି ମଙ୍ଗଳବାର ରାତିରେ ମଧ୍ୟ ମା'ଙ୍କର ନିର୍ଦ୍ଧାରିତ ନୀତି ଶେଷ କରାଯାଇ ପହଡ ପଡିଥିଲା। ବୁଧବାର ସକାଳେ ମନ୍ଦିରର ପୂଜକ ପହଡ ଖୋଲିବା ପରେ ଏଭଳି ଦୃଶ୍ୟ ଦେଖିଥିଲେ । ପରେ ମନ୍ଦିର ପରିସରରୁ ଏହି ସବୁ ସାମଗ୍ରୀ ଚୋରି ହୋଇଥିବା ଜଣାପଡିଥିଲା । ମନ୍ଦିରର ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ପହଞ୍ଚି ଚୋରି ସାମଗ୍ରୀର ଅନୁଧ୍ୟାନ କରିବା ପରେ ପୋଲିସକୁ ସୂଚନା ଦେଇଥିଲେ । ସ୍ଥାନୀୟ ପୁରୁଷୋତ୍ତମପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ମାଆ-ଝିଅଙ୍କୁ ଅସଦାଚରଣ ମାମଲା ୩ ଭାଇଙ୍କୁ ୪ ବର୍ଷ ଜେଲ୍

**ବ୍ରହ୍ମପୁର, ୬।୧୧ (ସଂଚାର ବ୍ୟୁରୋ) :** ଆସିକା ଥାନା ଅଞ୍ଚଳରେ ଜଣୈକା ନାବାଳିକା ଓ ତାଙ୍କ ମାଆଙ୍କୁ ଅସଦାଚରଣ ସହ ହତ୍ୟା ଧମକ ଦେବା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ବିଚାରପତି ଗଣେଶ୍ୱର ପତି ଏହି ମାମଲାର ଶୁଣାଣି କରି ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାରେ ସଂପୃକ୍ତ ୩ ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ଆସିକା ଥାନା ଅଞ୍ଚଳର ତ୍ରିଲୋଚନ ବାରିକ (୪୨) ଏବଂ ତାଙ୍କ ଦୁଇ ସାନଭାଇ ସନ୍ତୋଷ କୁମାର ବାରିକ (୪୦) ଓ ପୂର୍ଣ୍ଣଚନ୍ଦ୍ର ବାରିକ (୩୮) । ସନ୍ତୋଷ ଓ ପୂର୍ଣ୍ଣଙ୍କୁ ୪ବର୍ଷ ଜେଲଦଣ୍ଡ ସହ ୧୫, ୫୦୦ଟଙ୍କା ଜରିମାନା ଦେବାକୁ ଆଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ୩ମାସ ୧୦ଦିନ ଜେଲଦଣ୍ଡ ଶୁଣାଇଛନ୍ତି କୋର୍ଟ। ସେହିପରି ତ୍ରିଲୋଚନକୁ ୪ବର୍ଷ ଜେଲ ସହ ୩୦,୫୦୦ଟଙ୍କା ଜରିମାନା ଦେବାକୁ ଆଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ୬ମାସ ୧୦ଦିନ ଜେଲଦଣ୍ଡ ଭୋଗିବେ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଥିବା ଜଣାପଡିଛି। ପୀଡ଼ିତା ଓ ତାଙ୍କ ମାଆଙ୍କୁ ଆଦାୟ ଜରିମାନାର ଶତକଡା ୫୦ପ୍ରତିଶତ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ସେହିଭଳି ଉଭୟଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଡିଏଲ୍ଏସ୍ଏଙ୍କୁ ନିର୍ଦ୍ଦେଶ ହୋଇଥିବା ଉକ୍ତ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ମୋହନ ସିଂଘାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୭ ମସିହା ମାର୍ଚ୍ଚ ୨୮ ତାରିଖରେ ନାବାଳିକା ଓ ତାଙ୍କ ମାଆଙ୍କୁ ଅସଦାଚରଣ ହୋଇଥିବା ଆସିକା ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ଜଣକ ଗାଁ ପୋଖରୀରୁ ଗାଧେଇବାକୁ ଯାଇ ଘରକୁ ଫେରିଥିଲେ। ତେବେ ସେ ଘରକୁ ଆସିବା ପୂର୍ବରୁ ତାଙ୍କ ଘର ଭିତରେ ତ୍ରିଲୋଚନ ଲୁଚିଥିଲା। ଏବଂ ନାବାଳିକା ଜଣକ ଘରକୁ ପ୍ରବେଶ କରିବା ପରେ ତାଙ୍କୁ ତ୍ରିଲୋଚନ ତାଙ୍କୁ ଧରିବା ସହ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା।

# କାକଟପୁର ଓ ଅସ୍ତରଙ୍ଗରେ ମନରେଗା ଛାନଭିନ୍

**କାକଟପୁର/ଅସ୍ତରଙ୍ଗ, ୬।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ବ୍ଲକ ଓ ଅସ୍ତରଙ୍ଗ ବ୍ଲକରେ ମନରେଗା ଦୁର୍ନୀତିକୁ ନେଇ କେନ୍ଦ୍ରୀୟ ଟିମ୍ ଛାନଭିନ୍ ତଦନ୍ତ କରିଛି। ବୁଧବାର ପୂର୍ବାହ୍ନରେ କାକଟପୁର ବ୍ଲକରେ ଦୁଇ ଜଣିଆ କେନ୍ଦ୍ରୀୟ ଟିମ୍ ମୁଖ୍ୟ ବିପିନି ବାଙ୍ଗର ଓ ଜିଲ୍ଲା ସାମାଜିକ ସମୀକ୍ଷକ ରାଜକିଶୋର ପରିଡା ପହଂଚି ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କ ସହ ବିଭିନ୍ନ ମନରେଗା କାମ ଆଲୋଚନା କରି କାଗଜ ପତ୍ର ଯାଞ୍ଚ ପରେ କେନ୍ଦ୍ରୀୟ ଟିମ୍ ଅଧିକାରୀ ମନରେଗା ଦୁର୍ନୀତି ସମ୍ପର୍କ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଡାକି ମନରେଗା ଦୁର୍ନୀତି ସମ୍ପର୍କରେ ବୁଝିଥିଲେ।

କାକଟପୁର ପଂଚାୟତରେ ମନରେଗା ଟଙ୍କାକୁ ଠିକ ସେ ବିନିଯୋଗ ନ ହୋଇ ହଡପ ହୋଇଛି ବୋଲି ଅଭିଯୋଗ, ୫ବର୍ଷ ହେବ ମା' ମନୀଷା ଦେବୀ ମହିଳା ମହାସଂଘ ନାଁରେ ବିଭିନ୍ନ ଉପାୟରେ ଅର୍ଥ ହଡପ ହୋଇଛି। ପରିମଳ ନାଁରେ ମହିଳା ମହାସଂଘ ବାରମ୍ବାର ବିଲ ହୋଇଛି କିନ୍ତୁ ସ୍ୱଚ୍ଛ ସହ କୌଣସି ସୌନ୍ଦର୍ଯ୍ୟକରଣ ହୋଇନି। କାହିଁକି ଏକ ମହିଳା ସଙ୍ଘକୁ ବାରମ୍ବାର ଦିଆଯାଇଛି ବୋଲି କାକଟପୁର ବାସିନ୍ଦା ରୂପରଞ୍ଜନ ସାହୁ କେନ୍ଦ୍ରୀୟ ଟିମ୍‌କୁ ଅଭିଯୋଗ କରିଥିଲେ। ପରେ ବିଭାଗୀୟ ଅଧିକାରୀ କାକଟପୁର ବ୍ଲକର କାକଟପୁର, ଓଥକା, କୁଣ୍ଢେଇ ଓ ସୁହାଣପୁର ପଂଚାୟତରେ ହୋଇଥିବା ମନରେଗା କାର୍ଯ୍ୟ ଯାଞ୍ଚ କରିଥିଲେ। ସେହିପରି ଅସ୍ତରଙ୍ଗ ବ୍ଲକରେ ମନରେଗା କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ପାଇଁ ଆସିଥିବା କେନ୍ଦ୍ରୀୟ ଦଳ ଗୋଟିଏ ପରେ ଗୋଟିଏ ପଂଚାୟତରେ ଛାନଭିନ୍ ତଦନ୍ତ କରିଛି। ପରିମଳ, ମନରେଗା ଯୋଜନାରେ ହୋଇଥିବା ବୃକ୍ଷରୋପଣ ଠାରୁ ଆରମ୍ଭ କରି ମାଟି କାମରେ ସବୁଥିରେ ବ୍ୟାପକ ଦୁର୍ନୀତି ହୋଇଥିବା କେନ୍ଦ୍ରୀୟ ଦଳ ପ୍ରମାଣ ପାଇଛି ବୋଲି ଯାହା ଜଣାପଡୁଛି।

ବୁଧବାର ଦିନ ପୂର୍ବାହ୍ନ ରେ ଅସ୍ତରଙ୍ଗ ବ୍ଲକକାର୍ଯ୍ୟାଳୟ ରେ ୨ ଜଣିଆ କେନ୍ଦ୍ରୀୟ ଟିମ୍ ମଧ୍ୟରେ ମନରେଗା କେନ୍ଦ୍ରୀୟ ପରାମର୍ଶ ସମୀକ୍ଷା ଅଧିକାରୀ ଶାନ୍ତା ବୋଷ ଓ ଜିଲ୍ଲା ସାମାଜିକ ସମୀକ୍ଷକ ସହଯୋଗୀ ମିହିର କୁମାର



- ମିଛ ଭିତରୁ ସତ ଖୋଜୁଛି କେନ୍ଦ୍ରୀୟ ଟିମ୍
- ଯୋଜନାର ସୁଫଳ ନେଇ ଚାଲିଛି ତନାଘନା
- ଦୁର୍ନୀତିର ଚେର ଖୋଜୁଛି କେନ୍ଦ୍ରୀୟ ଟିମ୍

ଜେନା ବ୍ଲକ କାର୍ଯ୍ୟାଳୟ ରେ ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରାଙ୍କ ସହ ବିଭିନ୍ନ ମନରେଗା କାମ ବିଷୟରେ ଆଲୋଚନା କରିବା ପରେ ବିଭିନ୍ନ ପଂଚାୟତର କାଗଜପତ୍ର ଯାଞ୍ଚ କରିଛନ୍ତି। ତଦନ୍ତ ସମୟରେ ଅନେକ ଅନିୟମିତତା ସାମ୍ନାକୁ ଆସିଛି ବୋଲି ଯାହାକି ଚର୍ଚ୍ଚା ହେଉଛି। କେଉଁଠି ମଷ୍ଟର ରୋଲରେ ଜଣକ ନାଁରେ ଅନ୍ୟ ଜଣକ ଆକାଉଣ୍ଟକୁ ଟଙ୍କା ପଠାଇ ଲୁଟ ହୋଇଛି, ତ ଆଉ କେଉଁଠି ବନୀକରଣ ନାଁରେ ମିଥ୍ୟା ବିଲ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି ବୋଲି ଚର୍ଚ୍ଚା। ଯାହାକୁ ନେଇ କାଗଜ ପତ୍ର ଯାଞ୍ଚ ପରେ କେନ୍ଦ୍ରୀୟ ଟିମ୍ ଅସ୍ତରଙ୍ଗ ବ୍ଲକର ବରାଙ୍ଗ, ଆଳସାହି, ପାଟସୁନ୍ଦରପୁର, ଆଳଙ୍ଗପୁର, ଅସ୍ତରଙ୍ଗ ସମେତ ବିଭିନ୍ନ ସ୍ଥାନ ବୁଲି ରାସ୍ତା, ଖେଳପଡିଆ,ଅମୃତ ସରୋବର (ପୋଖରୀ) କାର୍ଯ୍ୟ ବୁଲି କେନ୍ଦ୍ରୀୟ ଟିମ୍ ଯାଞ୍ଚ କରିଥିଲେ । ଅଭିଯୋଗ ଅନୁଧ୍ୟାନ ସରିବା ପରେ କେନ୍ଦ୍ର ସରକାରଙ୍କୁ ଦୁର୍ନୀତି ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବେ କେନ୍ଦ୍ରୀୟ ଟିମ୍। ପଂଚାୟତ କେନ୍ଦ୍ରୀୟ ଟିମ୍‌ର ଛାନଭିନ୍ କରିବା ଦେଖି ଛାନିଆ ହୋଇଯାଇଛନ୍ତି ଦୁର୍ନୀତି ଗ୍ରସ୍ତ ଅଧିକାରୀ, ଠିକାଦାର ଓ କୁଜିନେତା।

ମନରେଗା କାମର ତଥ୍ୟ ୱେବସାଇଟି ରେ ଉପଲବ୍ଧ ହେଉଥିବାରୁ ଅସାଧୁ ବ୍ୟକ୍ତି ଯେତେବାଟ ଓଗାଳିଲେ ବି ତାହା ଫୁଟି ବାହାରୁଛି। ତଦନ୍ତ ରିପୋର୍ଟ ପ୍ରଦାନ ପରେ କିଭଳି କାର୍ଯ୍ୟନୁଷ୍ଠାନ ହେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।ଗ୍ରାମୀଣ ଆର୍ଥିକ ଅନଗ୍ରସର ଶ୍ରମିକ ମାନଙ୍କୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦେବା ଲକ୍ଷରେ ଏହା କାମ କରାଯାଇଥିଲା। ତେବେ ଅସତ ଉପାୟରେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମାନଙ୍କ ନାମରେ ଏହି କାମ କରାଯାଇଥିବା ଦର୍ଶାଇ ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ଅର୍ଥ ହେରଫେର ହୋଇଥିବା ଚର୍ଚ୍ଚା ହେଉଛି। ଏହା ଦ୍ୱାରା ଗରିବ ଖଟିଖିଆ ଦିନ ମଜୁରିଆ ପାଇଁ ଆସିଥିବା ସରକାରୀ ଅର୍ଥକୁ ତୋଷରପାତ କରାଯାଇଥିବାରୁ ସେମାନେ ଉକ୍ତ ଯୋଜନା ସୁଫଳ ପାଇପାରୁନାହାନ୍ତି।

ସଂଚାର THE SANCHAR

## ଧାନ କିଣା ପାଇଁ ବଡ ଆୟୋଜନ

- ସୋହେଲାରେ ହେବ ଭବ୍ୟ ସମାବେଶ
- ମୁଖ୍ୟମନ୍ତ୍ରୀଙ୍କ ସହ ରହିବ ପୂରା କ୍ୟାବିନେଟ

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ନଭେମ୍ବର ତୃତୀୟ ସପ୍ତାହରେ ଆରମ୍ଭ ହେବ ଧାନ କିଣା ପ୍ରକ୍ରିୟା। ନିର୍ବାଚନ ବେଳେ ଚାଷୀଙ୍କୁ ଦେଇଥିବା ଏମଏସପି ଗ୍ୟାରେଣ୍ଟି ପୂରଣ କରିବାକୁ ଯାଉଛନ୍ତି ସରକାର । ଧାନ କିଣାର ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଆସିବ ଏମଏସପି ଓ ଇନପୁଟ୍ ସବସିଡି ଅର୍ଥାତ୍ ୩୧ ଶହ ଟଙ୍କା। ଏଥିପାଇଁ ବରଗଡ଼ ଜିଲ୍ଲା ସୋହେଲାରେ ବିରାଟ ଆୟୋଜନ



କରିବାକୁ ପ୍ରସ୍ତୁତ ହେଉଛନ୍ତି ମୋହନ ସରକାର । ପ୍ରାୟ ଲକ୍ଷେ ଚାଷୀଙ୍କୁ ଏକାଠି କରି ଇନପୁଟ ସବସିଡି ବାଣ୍ଟିବେ । ନିଜେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କ୍ୟାବିନେଟ୍ ମନ୍ତ୍ରୀ ସାମିଲ୍ ହେବେ। ସୁଭଦ୍ରା ଯୋଜନା ଭଳି ପ୍ରଥମେ ଆକାଉଣ୍ଟକୁ ଯିବ ଏମଏସପି ୨୩ ଶହ ଟଙ୍କା । ତାର ଠିକ୍ ୫ ମିନିଟ୍ ପରେ ଅତିରିକ୍ତ ୮୦୦ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଛଡ଼ାଯିବ । ଖାଲି ପଶ୍ଚିମ ଓଡ଼ିଶା ନୁହେଁ, ପ୍ରତି ଜିଲ୍ଲାରେ ଚାଷୀ ସମାବେଶ କରିବେ ସରକାର। ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ସମାବେଶରେ ଯୋଗ ଦେବେ। ଏଥର ଧାନ କିଣାରେ ସ୍ୱଚ୍ଛତା ସହିତ ଦଲାଲଙ୍କ ଉପରେ ରହିଛି ସରକାରଙ୍କ ନଜର । ଆଉ କିଛି ଦିନ ପରେ ଖୋଲିବାକୁ ଯାଉଛି ମଣ୍ଡି । ଏଥିପାଇଁ ପ୍ରଶାସନିକ ସ୍ତରରେ କରାଯାଉଛି ସମସ୍ତ ବ୍ୟବସ୍ଥା। ମଣ୍ଡି ଜଗିବାକୁ ଅଫିସରଙ୍କୁ ଦିଆଯାଇଛି ଦାୟିତ୍ୱ । ଚଳିତବର୍ଷ ଖରିଫରେ ୮୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଡିସେମ୍ବର ୧୫ରେ ଓସିଏସ୍ ପ୍ରିଲିମ୍

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ସିଭିଲ ସର୍ଭିସେସ (ପ୍ରିଲିମିନାରୀ) ପରୀକ୍ଷା-୨୦୨୩ ପାଇଁ ଆଜି ତାରିଖ ଘୋଷଣା କରିଛି ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି)। ଆସନ୍ତା ଡିସେମ୍ବର ୧୫ ତାରିଖ (ରବିବାର)ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ପାଇଁ ସଂପୂର୍ଣ୍ଣ ସୂଚୀ ପରବର୍ତ୍ତୀ ସମୟରେ ପ୍ରକାଶ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ଜାରି ନୋଟିସରେ କୁହାଯାଇଛି। ଏହି ପରୀକ୍ଷା ସଂପର୍କିତ ଅନ୍ୟ କିଛି ସୂଚନା ଆସିଲେ, ତାକୁ ଓପିଏସ୍‌ସିର ୱେବସାଇଟ୍ http://opsc.gov.inରେ ଅପ୍‌ଲୋଡ୍ କରାଯିବ ବୋଲି ବୁଧବାର ଜାରି ନୋଟିସ୍‌ରେ ଦର୍ଶାଯାଇଛି। ପ୍ରାର୍ଥୀମାନେ ନିୟମିତ ବ୍ୟବଧାନରେ ଓପିଏସ୍‌ସିର ୱେବସାଇଟକୁ ଯାଇ ଏହି ପରୀକ୍ଷା ସଂପର୍କିତ୍ ଅପ୍‌ଡେଟେଡ୍ ସୂଚନା ପାଇପାରିବେ ବୋଲି ନୋଟିସରେ କୁହାଯାଇଛି।

### ସେବାୟତଙ୍କୁ ଆକ୍ରମଣ

## ଆଉଜଣେ ସସ୍‌ପେଣ୍ଡ

**ପୁରୀ,୬ା୧୧ (ସଂଚାର ବ୍ୟୁରୋ):** ବରିଷ୍ଠ ସେବାୟତ ତଥା ଶ୍ରୀମନ୍ଦିର ସୁପରଭାଇଜର ବଣ୍ଟି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଆକ୍ରମଣ ମାମଲାରେ ସଂପୃକ୍ତ ଆଉ ଜଣେ ସେବାୟତଙ୍କୁ ନିଲମ୍ବନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ତାଙ୍କ ନାଁ ଅମ୍ରିତାଂଶୁ ସାମନ୍ତରା। ଶ୍ରୀମନ୍ଦିର ଆନନ୍ଦ ବଜାରରେ ବେଆଇନ ଭାବେ ରାବିଡ଼ି ବିକ୍ରିକୁ ବିରୋଧ କରିବାରୁ ବଣ୍ଟି ରାମଚନ୍ଦ୍ର ପ୍ରତିହାରୀଙ୍କୁ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଅମ୍ରିତାଂଶୁ ଓରଫ ଜୁଟି ସମ୍ପୃକ୍ତ ଥିବା ନେଇ ପୁରୀ ପୁଲିସ ସୂଚନା ଦେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତାଙ୍କୁ ନିଲମ୍ବନ କରାଯିବା ସହ ଶ୍ରୀମନ୍ଦିର ଭିତରେ ପ୍ରବେଶକୁ ମଧ୍ୟ ବାରଣ କରାଯାଇଛି।

ଏହି ଘଟଣା ଗତମାସରେ ପନ୍ତିବଡ଼ୁ ସେବକ ଚନ୍ଦନ ସାମନ୍ତରାଙ୍କୁ ନିଲମ୍ବନ କରିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଶ୍ରୀମନ୍ଦିର ପରିସର କିମ୍ବା ଶ୍ରୀମନ୍ଦିର ରୋଷରେ ତାଙ୍କ ପ୍ରବେଶ ଉପରେ ବି ନିଷିଦ୍ଧାଦେଶ ଜାରି କରାଯାଇଛି।

ବାଂଲାଦେଶରେ ଶାସନ କ୍ଷମତା ପରିବର୍ତ୍ତନ ପରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଢ଼ ନିନ୍ଦା କରିଥିଲେ ଡୋନାଲ୍ଡ ଟ୍ରମ୍ପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଟ୍ରମ୍ପଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି । ପୂର୍ବରୁ ବଡ଼ କାର୍ଯ୍ୟକ୍ରମରେ ଦୁଇ ନେତା ନଜରରେ ଆସିଛନ୍ତି। ୨୦୧୯ରେ ଟେକ୍ସାସରେ 'ହାଉଡି ମୋଦି' ରାଲିରେ ଦୁଇ ନେତା ଏକାଠି ନଜରକୁ ଆସିଥିଲେ । ଟ୍ରମ୍ପ ପ୍ରାୟ ୫୦ ହଜାର ଲୋକଙ୍କ ସମ୍ମାରେ ନରେନ୍ଦ୍ର ମୋଦିଙ୍କୁ ପାଛୋଟି ନେଇଥିଲେ । ଆମେରିକାରେ କୌଣସି ବିଦେଶୀ ନେତାଙ୍କର ଏପର୍ଯ୍ୟନ୍ତ ଏହା ସବୁଠାରୁ ବଡ଼ ସଭା ଥିଲା। ଏହାବ୍ୟତୀତ ଭାବି ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପତ୍ନୀ ଉଷା ହେଉଛନ୍ତି ଭାରତୀୟ ବଂଶୋଦ୍ଭବ। ସେ ପ୍ରଚାରରେ ଟ୍ରମ୍ପଙ୍କୁ ସହାୟତା କରିଥିଲେ। ଭାରତୀୟ ବଂଶୋଦ୍ଭବ ନିକି ହାଲିଙ୍କ ସହ ଟ୍ରମ୍ପଙ୍କ ଭଲ ସଂପର୍କ ରହିଛି। ଏହାବ୍ୟତୀତ ଭାରତୀୟ ମୂଳ ରିପବ୍ଲିକାନ୍ ନେତା ତଥା ଶିଳ୍ପପତି ବିବେକ ରାମସ୍ୱାମୀ ମଧ୍ୟ ଟ୍ରମ୍ପଙ୍କ ଟିମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରନ୍ତି । ବିବେକ ରାମସ୍ୱାମୀ କ୍ରମାଗତ ଭାବେ ଟ୍ରମ୍ପଙ୍କ ପାଇଁ ପ୍ରଚାର କରୁଥିଲେ । ଏଥିରୁ ଟ୍ରମ୍ପଙ୍କ ଦ୍ୱିତୀୟ ପାଳିରେ ଭାରତ ଲାଭବାନ ହୋଇପାରେ।

# 'ପିଏମ୍ ବିଦ୍ୟାଲକ୍ଷ୍ମୀ'କୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି

- ଉପକୃତ ହେବେ ୨୨ ଲକ୍ଷ ବିଦ୍ୟାର୍ଥୀ
- ବ୍ୟୟ ହେବ ୩,୬୦୦ କୋଟି
- ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ
- ବିନା ବନ୍ଧକରେ ଏବଂ ଗ୍ୟାରେଣ୍ଟିରେ ମାଗଣା ଶିକ୍ଷା ଋଣ ; ଉଚ୍ଚଶିକ୍ଷାରେ ଅଧିକ ସୁବିଧା ପ୍ରଦାନ କରିବ
- ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଇବା ଦିଗରେ ଆଉ ଏକ ଠୋସ୍ ପଦକ୍ଷେପ

**ନୂଆଦିଲ୍ଲୀ/ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୩,୬୦୦ କୋଟି ଟଙ୍କା ବ୍ୟୟରେ ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁର ମିଳିଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଏହି ଯୋଜନାକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଏ ସମ୍ପର୍କରେ ଟ୍ୱିଟ୍ କରିଛନ୍ତି ଯେ ଭାରତର ପ୍ରତିଭାବାନ ଯୁବକ ଯୁବତୀମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ସାର୍ବଜନୀନ ଉଚ୍ଚଶିକ୍ଷା ଉପଲବ୍ଧି କରାଇବା ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି। ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହେବ ଏବଂ ଆମ ଯୁବଶକ୍ତି ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସକ୍ଷମ



VIDYA LAKSHMI Fulfilling Educational Aspirations

ହେବେ। ପିଏମ୍ ବିଦ୍ୟାଲକ୍ଷ୍ମୀ ଅଧୀନରେ ବିନା ବନ୍ଧକରେ ଏବଂ ଗ୍ୟାରେଣ୍ଟର ମାଗଣା ଶିକ୍ଷା ଋଣ ଉଚ୍ଚଶିକ୍ଷାର ସୁବିଧାକୁ ଅଧିକରୁ ଅଧିକ ଉପଲବ୍ଧ କରାଇବ। ବାର୍ଷିକ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାରିବାରିକ ଆୟ ଥିବା ଛାତ୍ରଛାତ୍ରୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ଉପରେ ୩% ସୁଧ ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ପାଇଁ ଭାରତ ସରକାର ୭୫% କ୍ରେଡିଟ୍ ଗ୍ୟାରେଣ୍ଟି ପ୍ରଦାନ କରିବେ, ଯାହା ବ୍ୟାଙ୍କଗୁଡ଼ିକୁ ସେମାନଙ୍କ ନେଟ୍‌ୱର୍କ ବିସ୍ତାର କରିବାରେ ସାହାଯ୍ୟ କରିବ। ସ୍ୱଚ୍ଛ, ପାରଦର୍ଶୀ, ବିଦ୍ୟାର୍ଥୀ ସହଯୋଗୀ ଏବଂ ଡିଜିଟାଲ ଆପ୍ଲିକେସନ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ବ୍ୟାଙ୍କ୍ ଦ୍ୱାରା ଶିକ୍ଷା ଋଣ ପ୍ରଦାନ କରାଯିବ । ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଂ ଫ୍ରେମୱାର୍କ (ଏନଆଇଆରଏଫ) ଆଧାରରେ ଦେଶର ଶ୍ରେଷ୍ଠ ୮୬୦ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଅଧୀନରେ ଶିକ୍ଷା ଋଣ ପ୍ରଦାନ କରାଯିବ। ଯେଉଁଥିରେ ପ୍ରତିବର୍ଷ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହେବେ । ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରାଇବା ଦିଗରେ ଆଉ ଏକ ଠୋସ୍ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

## ୨୦୨୭ରେ ଗଢ଼ିବ ମେଟ୍ରୋ

### ପ୍ରତି ୧୦ ମିନିଟରେ ଚାଲିବ ଟ୍ରେନ

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ୨୦୨୭ ସୁଦ୍ଧା ସରିବ ମେଟ୍ରୋ ପ୍ରକଳ୍ପ କାମ ସରିବ। ଭୁବନେଶ୍ୱରରେ ପ୍ରତି ୧୦ ମିନିଟ୍ ବ୍ୟବଧାନରେ ଗଡ଼ିବ ମେଟ୍ରୋ। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ।ମେଟ୍ରୋ ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି, ଭୂମିଠାରୁ ୧୩ ମିଟର ଉପରେ ଚାଲିବ ମେଟ୍ରୋ ଟ୍ରେନ୍। ତେବେ ରାଜମହଲ, ଜୟଦେବ ବିହାର ଓଭରବ୍ରିଜ ତଥା ବାରଙ୍ଗ ରେଲୱେ ଲାଇନ୍ ଉପରେ ଏହାର ଉଚ୍ଚତା ଅଧିକ ରହିବ। ପ୍ରତି ୧୦ ମିନିଟ ବ୍ୟବଧାନରେ ଚାଲିବ ମେଟ୍ରୋ। ସେଥିପାଇଁ ୩କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ୍ କିଣିବାକୁ ଯୋଜନା ହୋଇଛି ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ କହିଛନ୍ତି। ବିଭିନ୍ନ ସ୍ଥାନରୁ ୫୦-୬୦ ମିଟର ତଳୁ ମାଟି ନେଇ ଦିଲ୍ଲୀ ଓ କଟକ ଲାବୋରେଟରୀରେ କରାଯାଉଛି ମାଟି ପରୀକ୍ଷା। ୨ ମାସ ମଧ୍ୟରେ ମାଟି ପରୀକ୍ଷା ସରିବ। ସେହିପରି ସଡ଼କ ଯାତ୍ରୀଙ୍କ ଯାତାୟାତ ସୁବିଧା ଲାଗି ଶିଶୁ ଭବନ ଛକଠାରୁ ରଘୁନାଥପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ଚାଲିଛି। ୨ ମାସ ମଧ୍ୟରେ କାମ ସରିବ। ମାଟି ପରୀକ୍ଷା ରିପୋର୍ଟ ସରିବା ପରେ ଆରମ୍ଭ ହେବ ଫାଉଣ୍ଡେସନ ଡିଜାଇନ। ମେଟ୍ରୋ ପ୍ରକଳ୍ପ ଲାଗି ଘାଟିକିଆଠାରେ କାଷ୍ଟିଂ ୟାର୍ଡ ତିଆରି ଚାଲିଛି। ଏଠାରେ ମେଟ୍ରୋ ରେଳ ଲାଇନ୍ ପାଇଁ ତିଆରି ହେବ କାଷ୍ଟିଂ ଉପକରଣ। ସେହିପରି ତ୍ରିଶୁଳିଆ ଫୁଲପୋଖରୀ ରତାଗଡ଼ଠାରେ ମେଣ୍ଟେନାନ୍ସ ଡିପୋ ତିଆରି କାମ ମଧ୍ୟ ଚାଲୁ ରହିଛି ।

## ଇଡ୍‌କୋ ଜୁନିୟର ମ୍ୟାନେଜରଙ୍କ ବିପୁଳ ସମ୍ପତ୍ତି ଠାବ

### ରିମୋଟ୍‌ରେ ଖୋଲୁଥିଲା ବାବୁଙ୍କ ଘର

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ଇଡ୍‌କୋ ଜୁନିୟର ମ୍ୟାନେଜର ବିଜୟ ଉଦୟସିଂହଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରି ଜବତ କରିଛି ବିପୁଳ ସମ୍ପତ୍ତି। କବାଟ, ଝରକା, ଆଲମିରାରେ ସବୁଆଡ଼େ ଲାଗିଛି ଡିଜିଟାଲ୍ ଲକର୍। ପ୍ରଚୁର ଟଙ୍କା ଖର୍ଚ୍ଚ କରି ୭ହଜାର ବର୍ଗଫୁଟରେ ୩ ମହଲା ଘର କରିଥିବା ବେଳେ ଏହାର ଦାମ୍ ପ୍ରାୟ ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହି ଘରେ ୩୨ ଫ୍ୟାନ୍ ଓ ୧୨ ଏସି ଲାଗିଛି। ଗେଟରେ ଲାଗିଛି ସେନ୍ସର।



ମିଳିଥିବା ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୁନିୟର ମ୍ୟାନେଜର ବିଜୟଙ୍କ ଘର ସମେତ ୬ଟି ସ୍ଥାନରେ ବୁଧବାର ସକାଳେ ଏକକାଳୀନ ରେଡ୍ କରାଯାଇଥିଲା। ଭୁବନେଶ୍ୱର ଆର୍ଯ୍ୟ ବିହାରରେ ୪ ମହଲା କୋଠା ରହିଛି,ଏହାର ଦାମ୍ ପ୍ରାୟ ୧୦ କୋଟିରୁ ଅଧିକ ହେବ। ସେହିଭଳି ପୁରୀରେ ଗୋଟିଏ ଫ୍ଲାଟ, ଭୁବନେଶ୍ୱର ଓ ଖୋର୍ଦ୍ଧାରେ ୩ଟି ଘର ରହିଛି। ୩୩ ଲକ୍ଷର ବ୍ୟାଙ୍କ ଜମା ସହ ସାଢ଼େ ୪ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି। ଜଙ୍କିଆରେ ଥିବା କ୍ରସର ୟୁନିଟ ଓ ଭୁବନେଶ୍ୱର ସାମନ୍ତରାପୁର ସମ୍ପର୍କୀୟଙ୍କ ଘରେ ମଧ୍ୟ ରେଡ୍ ହୋଇଛି। ରେଡ୍‌ରେ ୨ ଜଣ ଡିଏସପି, ୪ ଇନ୍ସପେକ୍ଟର, ୩ ଏଏସଆଇଙ୍କ ସମେତ ୧୧ ଅଧିକାରୀ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଗତ କିଛି ମାସ ହେଲାଣି ରାଜ୍ୟରେ ଭିଜିଲାନ୍ସ ବିଭାଗ ଆକ୍ସନ ମୁଡକୁ ଆସିଥିବା ବେଳେ ଲାଞ୍ଚୁଆ ବାବୁଙ୍କ ମନରେ ଛନକା ପଶିଛି। କେତେବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିବେ ଭାବି ପ୍ରମାଦ ଗଣୁଛନ୍ତି। ଏଥିସହ ବେଆଇନ ଭାବେ ଠୁଳ କରିଥିବା ସମ୍ପତ୍ତି ଲୁଚାଇବାକୁ ବି ଜାଗା ପାଉ ନାହାନ୍ତି। ଗତ ୪ ମାସରେ ଭିଜିଲାନ୍ସ ବିଭାଗ ପକ୍ଷରୁ ହୋଇଥିବା ଚଢ଼ାଉରେ ୭ ଇଞ୍ଜିନିୟରଙ୍କ ଘରୁ ପୁଳା ପୁଳା ପ୍ଲଟ ଓ କେଜି କେଜି ସୁନା ଜବତ ହୋଇଛି।

## ଇଞ୍ଜିନିୟରିଂ କଲେଜ୍‌ରେ ରାଗିଂ

- ଜୁନିୟରଙ୍କୁ ପିଟି ଲହୁଲୁହାଣ
- ୫ ଛାତ୍ର ସସ୍‌ପେଣ୍ଡ

**କେନ୍ଦୁଝର, ୬ା୧୧(ସଂଚାର ବ୍ୟୁରୋ):** କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜ୍‌ରେ ଭୟଙ୍କର ରାଗିଂ। ରାତି ଅଧରେ ଜଣେ ଜୁନିୟର ଛାତ୍ରଙ୍କୁ ଠେଙ୍ଗା ଓ ରଡରେ ନିର୍ଘୃମ ପିଟିଛନ୍ତି ସିନିୟର ଛାତ୍ର। ଗୁରୁତର ଅବସ୍ଥାରେ ଜୁନିୟର ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୀଡ଼ିତ ଛାତ୍ର ଦ୍ୱିତୀୟ ବର୍ଷର ମାଇନିଂ ଛାତ୍ର ବିଶ୍ୱଜିତ ବେହେରା। ତାଙ୍କୁ ୫ ସିନିୟର ଛାତ୍ର ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ଏହି ଛାତ୍ରମାନଙ୍କୁ ବର୍ଷେ ପାଇଁ କଲେଜରୁ ନିଲମ୍ବିତ କରାଯାଇଛି। ଏହି ଛାତ୍ରମାନଙ୍କୁ କଲେଜ କର୍ତ୍ତୃପକ୍ଷ ଆଣି ଥାନା ଜିମା ଦେଇଛନ୍ତି।



ବିଶ୍ୱଜିତଙ୍କ ଅଭିଯୋଗ ଅନୁଯାୟୀ, ଗତ ରାତି ପ୍ରାୟ ୨ .୩୦ରେ ତୃତୀୟ ବର୍ଷର ୫ ଜଣ ଛାତ୍ର କବାଟ ବାଡ଼େଇଥିଲେ। ନ ଖୋଲିବାରୁ ସେମାନେ କବାଟ ଭାଙ୍ଗି ଭିତରେ ପଶି ରଡ୍ ଓ ଠେଙ୍ଗାରେ ପ୍ରବଳ ମାଡ଼ ମାରିଥିଲେ। ଛାଡ଼ିଦେବାକୁ ବିଶ୍ୱଜିତ ଗୁହାରି କରିଥିଲେ ବି ସେମାନେ ତରଳି ନ ଥିଲେ। ୱାର୍ଡେନ ଘଟଣାସ୍ଥଳରେ ପହଞ୍ଚି ସିନିୟର ପିଲାଙ୍କୁ ସେଠାରୁ ତଡ଼ିବା ସହ ବିଶ୍ୱଜିତଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ହାତ, ଗୋଡ ଓ ପିଠିରେ ଭୀଷଣ ଆଘାତ ଲାଗିଛି। ପରିବାର ଲୋକେ ମେଡିକାଲରେ ପହଞ୍ଚି ପୁଅର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଥାନାରେ ଅଭିଯୋଗ କରିଛନ୍ତି। ପ୍ରିନ୍ସପାଲ ସରୋଜ କୁମାର ଷଡଙ୍ଗୀ ଖବର ପାଇ ମେଡ଼ିକାଲରେ ପହଞ୍ଚି ବିଶ୍ୱଜିତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। କଲେଜର ଆଣ୍ଟି ରାଗିଂ ସେଲ୍ ମିଟିଂ ଡକାଯାଇ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ହୋଇଥିଲା।

## ପଦ୍ମ ଧରିଲେ ସୁନନ୍ଦା



- ବିଜେପିରେ ମିଶିବାକୁ ନେତାଙ୍କ ଆବେଦନ ଲମ୍ବା ଅଛି: ମନମୋହନ
- ୨୦୨୯ ବେଳକୁ ବିଜେଡ଼ି ଦଳ ଆଉ ନଥିବ: ରବିନାରାୟଣ

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ବିଜେପିରେ ମିଶିଲେ ବରୀ ପୂର୍ବତନ ବିଧାୟିକା ସୁନନ୍ଦା ଦାସ । ଗତ ୩୦ରେ ସେ ବିଜେଡି ଛାଡିଥିଲେ। ଏହାସହ ଜଗତସିଂହପୁର, ଭଦ୍ରକ, ନୟାଗଡ, ସାନଖେମୁଣ୍ଡି, କଟକ ଓ ଯାଜପୁର ଜିଲ୍ଲାର ବ୍ଲକ ଓ ପଞ୍ଚାୟତ ସ୍ତରର ନେତା ବିଜେପିରେ ସାମିଲ ହୋଇଛନ୍ତି । ସୁନନ୍ଦାଙ୍କ ସହ ଏକାଧିକ ସରପଞ୍ଚ ଓ ସମିତି ସଭ୍ୟ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି କଟକ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଧର୍ମେଶ ନାୟକ ଓ ତାଙ୍କ ସମର୍ଥକ ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି । ଭଦ୍ରକ ବାସୁଦେବପୁର ଯୁବ ବିଜେଡି ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ଅସିତ ଦାସଙ୍କ ସମେତ ଏକାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ନିର୍ବାଚନ ବେଳେ ଦଳ ଛାଡିଥିବା ସାନଖେମୁଣ୍ଡିର ଉତ୍ତମ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନେକ କର୍ମୀ ବିଜେପିରେ ମିଶିଛନ୍ତି। ନୟାଗଡ଼ ଭାପୁରର ଯୁବ ନେତା ବିଭୂତି ପଟ୍ଟନାୟକ ତାଙ୍କ ଶହ ଶହ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି । ଜଗତସିଂହପୁର ବାଲିକୁଦା ଏରସମାର ବିଜେଡି ନେତା ଅକ୍ଷୟ ଲେଙ୍କା ଏବଂ ତପନ ଗୋଚ୍ଛାୟତଙ୍କ ନେତୃତ୍ୱରେ ଶହ ଶହ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ସାଂସଦ ରବି ନାରାୟଣ ବେହେରା କହିଛନ୍ତି, ରାଜ୍ୟରେ ବିଜେଡି ଶୂନ ହୋଇଯିବ । ୨୦୨୯ ନିର୍ବାଚନ ବେଳକୁ ବିଜେଡି ଏକ ଦଳ ହୋଇ ନ ଥିବ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିଜେପିରେ ମିଶିବାକୁ ବିଜେଡି ନେତାଙ୍କ ଆବେଦନ ଲମ୍ବା ଅଛି, ସମସ୍ତଙ୍କ ସହିତ କଥାବାର୍ତ୍ତା ଚାଲିଛି। ସ୍ଥାନୀୟ ନେତାଙ୍କ ସହିତ ଆଲୋଚନା ପରେ ଦଳରେ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିର ହେବ।

### ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ବାଚସ୍ପତି

## ଗଣତନ୍ତ୍ରରେ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ଜରୁରୀ

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ବାଚସ୍ପତି ସୁରମା ପାଢ଼ୀ ବିଦେଶ ଗସ୍ତ ଅବସରରେ ବୁଧବାର ଅଷ୍ଟ୍ରେଲିଆର ସିଡ୍‌ନିଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀରେ ଯୋଗଦେଇଛନ୍ତି। ଏହିଅବସରେ 'ସଂସଦୀୟ କାର୍ଯ୍ୟପଦ୍ଧତି ଓ କାର୍ଯ୍ୟଧାରାରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ, ସୁଯୋଗ ଓ ଆହ୍ୱାନ' ଶୀର୍ଷକ କର୍ମଶାଳାରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସମୟରେ ଆମକୁ ଏହାର ସକାରାତ୍ମକ ଓ ନ କାରାତ୍ମକ ଦିଗ ପ୍ରତି ସଚେତନ ରହି କାର୍ଯ୍ୟ କରିବାକୁ ପଡ଼ିବ । ଯଦିଓ ଦୁନିଆ ଏବେ ନୂତନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇ ପାରମ୍ପରିକ କାର୍ଯ୍ୟପଦ୍ଧତି ଓ ଧାରାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି, ତେବେ ମଧ୍ୟ ସଂସଦୀୟ କାର୍ଯ୍ୟାଧାରାରେ ଜନମତର ପ୍ରାଧାନ୍ୟ ରହିଛି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆମକୁ ସର୍ବଦା ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ।

ଏହି ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀ ସିଡ୍‌ନିଠାରେ ନଭେମ୍ବର ୩ରୁ ଆରମ୍ଭ ହୋଇଛି ଓ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟ ଗୋଷ୍ଠୀ ସଂଘର ବିଭିନ୍ନ ଦେଶର ପ୍ରତିନିଧିମାନେ ଅଂଶଗ୍ରହଣ କରୁଛନ୍ତି। 'ବ୍ୟବସ୍ଥାପକ ସଭାର ସମର୍ଥନ ଓ ସହଯୋଗରେ କିପରି ତୃତୀୟଲିଙ୍ଗୀ, କିନ୍ନର ଓ ଟ୍ରାନ୍ସଜେଣ୍ଡରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ପାରିବ'। ଏ ସମ୍ପର୍କରେ ବାଚସ୍ପତି ଦ୍ୱିତୀୟାର୍ଦ୍ଧରେ ତାଙ୍କର ମତ ରଖି କହିଲେ ଯେ ଗଣତାନ୍ତ୍ରିକ ପଦ୍ଧତିରେ ଆମର ସମ୍ବିଧାନ ସମସ୍ତଙ୍କୁ ବଞ୍ଚିବାର ସମାନ ଅଧିକାର ଦେଇଛି । ତେବେ ସ୍ଥଳବିଶେଷରେ ଏଲ୍‌ଜିବିଟିଙ୍କ କ୍ଷେତ୍ରରେ ସାମାଜିକ



ଭେଦଭାବ ପରିଲକ୍ଷିତ ହୋଇଥାଏ। ଏହାର ପରିସମାପ୍ତି ପାଇଁ ସମସ୍ତେ ଆଗେଇ ଆସିବା ଉଚିତ । ପ୍ରାଥମିକ ଅବସ୍ଥାରୁ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଆତ୍ମନିର୍ଭରଶୀଳତା ଓ ସଶକ୍ତୀକରଣ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ। କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ।

### ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ୨୩ତମ ସାଧାରଣ ଅଧିବେଶନ

# ଖୁବ୍‌ଶୀଘ୍ର 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

**ଭୁବନେଶ୍ୱର,୬ା୧୧ (ସଂଚାର ବ୍ୟୁରୋ):** ଆମର ଅଧିକାଂଶ ଚାଷୀ କ୍ଷୁଦ୍ର, ମଧ୍ୟମ ଅଥବା ଭୂମିହୀନ ବର୍ଗର। ରୋଜଗାର ବୃଦ୍ଧି ପାଇଁ କୃଷକମାନଙ୍କ ଆର୍ଥିକ ସ୍ୱଚ୍ଛଳତା ନିମିତ୍ତ ପଶୁ ପାଳନ ସବୁଠାରୁ ପ୍ରକୃଷ୍ଟ ମାଧ୍ୟମ। କୃଷି କାର୍ଯ୍ୟ ସହିତ ଗାଇ, ଛେଳି, ମେଣ୍ଢା ଓ ମାଛ ଚାଷ ଆଦି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ୨୩ତମ ସାଧାରଣ ଅଧିବେଶନ ଅବସରରେ କହିଛନ୍ତି।





### ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରନ୍ତୁ ପ୍ରାଣୀଧନ ଅଧିକାରୀ ଓ କର୍ମଚାରୀ

ଜୟଦେବ ଭବନରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀଧନ ନିରୀକ୍ଷକ ଓ ବିଭାଗୀୟ ଅନ୍ୟ କର୍ମଚାରୀ ମାନେ ନିରନ୍ତର ଭାବେ ପ୍ରାଣୀ ସେବା ଯୋଗାଇଥାନ୍ତି। ପ୍ରାଣୀ ପାଳନ ମନୁଷ୍ୟ ସମାଜର ସବୁଠାରୁ ପୁରାତନ ଜୀବିକା। ଯଦି ଯୁବ ସମାଜ କୃଷି ଓ ପଶୁ ପାଳନ କ୍ଷେତ୍ରକୁ ବ୍ୟାପକ ଭାବେ ଆସିବେ ଏବଂ ଏହାକୁ ନିଜର ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କରିବେ ତେବେ କୃଷି ଓ କୃଷକଙ୍କ ଆର୍ଥିକ ସ୍ଥିତିରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରି କହିଥିଲେ, ଆପଣମାନେ ବୃତ୍ତିକୁ ଏକ ସାଧାରଣ ଚାକିରି ବୋଲି ଭାବନ୍ତୁ ନାହିଁ। ଆପଣମାନଙ୍କ ଜ୍ଞାନ ଯେପରି ଲୋକଙ୍କ ଉପକାରରେ ଆସିବ, ସେମାନେ ଯେପରି ପଶୁ ପାଳନ ବୃତ୍ତିକୁ ଏକ ଲାଭଜନକ ତଥା ସମ୍ମାନଜନକ ବୃତ୍ତି ଭାବେ ଗ୍ରହଣ କରିବେ ସେଥିପାଇଁ ଉଦ୍ୟମ କରନ୍ତୁ। ଆମ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହେଲେ ସାଧାରଣ ଲୋକ ଓ ଯୁବବର୍ଗ ଏ କ୍ଷେତ୍ର ପ୍ରତି ଅଧିକ ଆକର୍ଷିତ ହେବେ।

ପ୍ରାଣୀ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷ ବଜେଟ୍‌ରେ ୬୯୭ କୋଟି ଟଙ୍କା ରଖାଯାଇଛି ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଏବଂ ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଆରମ୍ଭ କରାଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣ ମାନେ ଡବଲ ଇଞ୍ଜିନ ସରକାର ଦେଇଛନ୍ତି। ଆମକୁ ମଧ୍ୟ ଡବଲ ସ୍ପିଡ୍‌ରେ ବିକାଶ ଘଟାଇବାକୁ ହେବ। ଏଥିପାଇଁ ଆପଣମାନଙ୍କ ସହଯୋଗ ଆବଶ୍ୟକ।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ବୋଧନ ଦେଇ କହିଥିଲେ, କୃଷି ପରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ରାଜ୍ୟର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ପାଇଁ ଆସନ୍ତୁ ଆମେ ସମସ୍ତେ ମିଳି ମିଶି କାମ କରିବା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୪ଜଣ ସଫଳ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମ୍ମାନିତ କରିଥିଲେ। ବିଧାୟକ ତଥା ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶାରଦା ପ୍ରସାଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ ବିବରଣୀ ପାଠ କରିଥିଲେ ଏବଂ ସଭାପତି ଉପେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଚେରି ଫାଟର ହେବ ସ୍ଥାୟୀ ସମାଧାନ

**ପୁରୀ, ୬ା୧୧ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ମେଘନାଦ ପାଚେରୀରୁ ପାଣି ଗଳିବା ସମସ୍ୟାର ସ୍ଥାୟୀ ସମାଧାନ କରାଯିବ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ମିଳିତ ଭାବେ ଏହି ସମସ୍ୟାର ସମାଧାନ କରିବେ। ଏନେଇ ପ୍ରାରମ୍ଭିକ ଆଲୋଚନା ସରିଛି। କାର୍ତ୍ତିକ ମାସ ପରେ ଏଏସଆଇ ତାର କାମ ଆରମ୍ଭ କରିବ। ମେଘନାଦ ପାଚେରୀରେ ହୋଇଥିବା ଫାଟ ମରାମତି କାମ ଏଏସଆଇ ଦ୍ୱାରା କରାଯିବ। ସେହିପରି ଶ୍ରୀମନ୍ଦିର ଭିତରୁ ଆସୁଥିବା ନଳାର ମରାମତି ଓ ସଂପ୍ରସାରଣ କାମ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନକ ଡକ୍ଟର ଅରବିନ୍ଦ ପାଢ଼ୀ ଆଜି ଏହି ସୂଚନା ଦେଇଛନ୍ତି।



ଶ୍ରୀମନ୍ଦିରର ସୁରକ୍ଷାକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ଡ୍ରେନ ପାଣିରୁ ହେଉଥିବା ଫାଟର ମରାମତି ପାଇଁ ପ୍ରଥମେ ମନ୍ଦିର ଭିତରୁ ବାହରକୁ ଆସିଥିବା ଡ୍ରେନଗୁଡିକର ମରାମତି କରାଯିବ। ଏହି କାମ ଶ୍ରୀମନ୍ଦିର ପ୍ରଶାସନର ପୂର୍ତ୍ତ ବିଭାଗ ଦ୍ୱାରା ଆରମ୍ଭ ହୋଇସାରିଛି। ଶ୍ରୀମନ୍ଦିର ଭିତରୁ ଆସୁଥିବା ନାଳଗୁଡିକ ବାହାରେ ଏକ ବଡ ଡ୍ରେନ ସହ ମିଶିଛି। ଏହି ବଡ ଡ୍ରେନ ପାଇଁ ପୂର୍ବରୁ ଥରେ ଟେଣ୍ଡର ହୋଇଥିଲା। କିନ୍ତୁ କେହି ଟେଣ୍ଡରରେ ଭାଗ ନେଇନଥିଲେ। ଏବେ ପୁଣି ଥରେ ଟେଣ୍ଡର ଆହ୍ୱାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଡ୍ରେନ ପାଣି ଲିକ ଯୋଗୁ ହେଉଥିବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା କରାଯାଇଛି।

ପୂର୍ବରୁ ପେଜ ନଳା ପାଣିକୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ଜରିଆରେ ପୁନଃ ବ୍ୟବହାର କରାଯାଉଛି। ଡ୍ରେନ ପାଣିର ମଧ୍ୟ ଟ୍ରିଟମେଣ୍ଟ କରିବା ନେଇ କୌଣସି ପଦକ୍ଷେପ ନିଆଯିବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ବୈଷୟିକ ଟିମ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର



# ବେଦାନ୍ତ ପରିସରରେ ସୁରକ୍ଷା ପ୍ରଶିକ୍ଷଣ ଅଭିଯାନ

**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ବେଦାନ୍ତ ଆଲୁମିନିୟମର ଓଡ଼ିଶାସ୍ଥିତ ଲାଞ୍ଜିଗଡ଼ ୟୁନିଟ୍ ପରିସର ଓ କାର୍ଯ୍ୟ ପରିସର ବାହାର ସୁରକ୍ଷା ଅଭ୍ୟାସକୁ ବୃଦ୍ଧି କରିବା ଲାଗି ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏପରିକି ଉକ୍ତ କାର୍ଯ୍ୟକ୍ରମର ଅଂଶ ଭାବେ କମ୍ପାନୀ ପକ୍ଷରୁ ଏକ ପ୍ରଶିକ୍ଷଣ ଅଭିଯାନର ଆୟୋଜନ କରାଯାଇଥିଲାବେଳେ ପ୍ଲାଣ୍ଟ ପରିସରରେ ନିରାପତ୍ତା ପାରାମିଟର୍ସଗୁଡ଼ିକ ପରିଚାଳନା ଲାଗି ମକ୍ ଡ୍ରିଲ୍, ତାଲିମ ଅଧିବେଶନ ଓ ସପଫ୍ଲୋର ପ୍ରଦର୍ଶନ ଉପରେ ଆବଶ୍ୟକ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିଲେ, ନିରାପତ୍ତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ଲାଗି ଆମେ ସର୍ବଦା ପ୍ରୟାସ କରିଆସିଛୁ। ଏପରିକି ଆଚରଣବିଦ୍ଧ ତାଲିମ ଓ ଅସୁରକ୍ଷିତ ସ୍ଥାନରେ କାର୍ଯ୍ୟ ଅଭ୍ୟାସ ପାଇଁ ଆବଶ୍ୟକ ନିରାପତ୍ତା ଅବଲମ୍ବନ ଆଭିମୁଖ୍ୟ ଜରିଆରେ ଏକ ସୁରକ୍ଷା ସଂସ୍କୃତି ବଜାୟ ରଖିବା ଆମର ଦାୟିତ୍ୱ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ପ୍ରତି ୬ମାସରେ ଅନୁଷ୍ଠିତ ପର୍ଯ୍ୟାୟ ମକ୍ ଡ୍ରିଲ୍ ଅଧିବେଶନ, ଜରୁରିକାଳୀନ ପ୍ରତିକ୍ରିୟା, ପ୍ରୋଟୋକଲକୁ ଦୃଢ଼ କରିବା ଲାଗି କମ୍ପାନୀ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

# ଟ୍ରମ୍ପ ଆସିଲେ, ପୁଞ୍ଜି ବଜାରରେ ହରିୟାଲି

## ଷ୍ଟକ୍ ମାର୍କେଟରେ ପଡ଼ିଲା ପ୍ରଭାବ



**ନୂଆଦିଲ୍ଲୀ,୬।୧୧:** ଆମେରିକାରେ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ୪ ବର୍ଷ ପରେ ପୁଣି ଥରେ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି ଡୋନାଲ୍ଡ ଟ୍ରମ୍ପ । କମଳା ହାରିସ୍‌ଙ୍କୁ ହରାଇ ବିଜୟଲାଭ କରିଛନ୍ତି ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ । ଆଜି ପ୍ରାରମ୍ଭରୁ ହିଁ କମଳା ହାରିସ୍‌ଙ୍କୁ ପଛରେ ପକାଇ ଆଗୁଆ ରହିଥିଲେ ଟ୍ରମ୍ପ । ଯାହାର ପ୍ରଭାବ ବିଶ୍ୱ ବଜାର ଉପରେ ଦେଖିବାକୁ ମିଳିଥିଲା । କେବଳ ଗ୍ଲୋବାଲ ମାର୍କେଟ ନୁହେଁ ବରଂ ଭାରତୀୟ ଷ୍ଟକ୍ ମାର୍କେଟରେ ମଧ୍ୟ ଆଜି ଉତ୍ସାହ ଦେଖିବାକୁ ମିଳିଛି। ଗ୍ଲୋବାଲ ବ୍ରୋକରେଜ୍ ଫାର୍ମ ଆଶା ରଖିଛି ଯେ ଟ୍ରମ୍ପଙ୍କ ବିଜୟ ସେୟାର ବଜାର ଉପରେ ସକରାତ୍ମକ ପ୍ରଭାବ ପକାଇବ । ବ୍ରୋକରେଜ୍ ରିପୋର୍ଟରେ ଦର୍ଶାଯାଇଥିବା ଆକଳନଗୁଡ଼ିକର ପ୍ରଭାବ, ଭରତୀୟ ଷ୍ଟକ୍ ମାର୍କେଟରେ ଦେଖିବାକୁ ମିଳିଛି । ବୁଧବାର ଦିନ ଆମେରିକାରେ ନିର୍ବାଚନ ଫଳାଫଳ ମଧ୍ୟରେ ଷ୍ଟକ ମାର୍କେଟରେ ଉତ୍ସାହ ଭରିଛି । ଆଜି ବିଏସ୍‌ଇ ସେନ୍ସେକ୍ସ ୭୯,୭୭୧.୮୨ ରେ ଖୋଲିଛି, ଯାହା ଗତକାଲିଠାରୁ ୨୯୫ ପଏଣ୍ଟ ବୃଦ୍ଧି ପାଇଛି। ଯେଉଁଠାରେ ଏନ୍‌ଏସ୍‌ସି ନିଫ୍ଟି ୨୪,୩୦୮.୭୫ ସ୍ତରରେ ଖୋଲିଛି । ଷ୍ଟକ୍ ମାର୍କେଟରେ ଏହି ଗତି ଏବେ ବି ଜାରି ରହିଛି ଏବଂ ଖବର ଲେଖିହେବା ପର୍ଯ୍ୟନ୍ତ, ଅର୍ଥାତ ଦିନ ୧.୩୦ ସୁଦ୍ଧା ସେନସେକ୍ସ ୮୧୦ ପଏଣ୍ଟ ବଢ଼ିବା ସହ ୮୦,୨୮୭ ଟ୍ରେଡ୍ କରୁଛି । ଏହା ବ୍ୟତୀତ ନିଫ୍ଟି ୨୪୫ ପଏଣ୍ଟ ବଢ଼ିବା ସହ ୨୪,୪୫୯ ପଏଣ୍ଟରେ ଟ୍ରେଡ୍ କରୁଛି । ସୂଚନା ଅନୁସାରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେଲେ ଡୋନାଲ୍ଡ ଟ୍ରମ୍ପ । ଆମେରିକୀୟ ମିଡିଆ ନେଟୱର୍କର ପ୍ରାରମ୍ଭିକ ଫଳାଫଳ ଅନୁସାରେ ପୂର୍ବତନ ରାଷ୍ଟ୍ରପତି ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ଆଗରେ ରହିଥିଲେ । ତାଙ୍କୁ ୨୪୬ଟି ଇଲେକ୍ଟୋରାଲ୍ ଭୋଟ୍ ମିଳିଛି । ସେପଟେ ଡେମୋକ୍ରାଟିକ ପ୍ରାର୍ଥୀ କମଳା ହାରିସଙ୍କୁ ୨୧୦ ଇଲେକ୍ଟୋରାଲ ଭୋଟ୍ ମିଳିଥିବା ଜଣାପଡିଛି । ଆମେରିକାରେ ମୋଟ ୫୦ ରାଜ୍ୟ । ମୋଟ୍ ଇଲେକ୍ଟୋରାଲ୍ କଲେଜ ୫୩୮ । ବହୁମତ ପାଇଁ ଆବଶ୍ୟକ ୨୭୦ରୁ ଅଧିକ । ତେବେ ଆମେରିକାରେ ଖେଳ ବିଗାଡ଼ି ଥିଲେ ୭ ସ୍ୱିଙ୍ଗ ଷ୍ଟେଟ୍ । ଏହି ୭ ସ୍ୱିଙ୍ଗ ଷ୍ଟେଟର ମୋଟ୍ ସିଟ୍ ସଂଖ୍ୟା ହେଉଛି ୯୩ । ଫଳ ପ୍ରକାଶ ପରେ ଜାନୁଆରୀ ୨୦ ତାରିଖରେ ଶପଥ ନେବେ ନୂଆ ରାଷ୍ଟ୍ରପତି ।

# ପ୍ରିପେଡ଼ ରିଚାର୍ଜ ପ୍ଲାନ ଶସ୍ତା କଲା ଭିଆଇ



**ନୂଆଦିଲ୍ଲୀ,୬।୧୧:** ଭୋଡାଫୋନ୍ ଆଇଡିଆ ଏହାର ରିଚାର୍ଜ ପ୍ଲାନର ମୂଲ୍ୟ ପୁଣି ଥରେ ହ୍ରାସ କରିଛନ୍ତି। ବାସ୍ତବରେ, ଭୋଡାଫୋନ୍-ଆଇଡିଆ ବା ଭିଆଇ ଏହାର ଉପଭୋକ୍ତାଙ୍କୁ ୭୧୯ ଟଙ୍କା ମୂଲ୍ୟର ପ୍ରିପେଡ୍ ପ୍ଲାନ ପ୍ରଦାନ କରୁଥିଲା। ଜୁଲାଇରେ ମୂଲ୍ୟ ବୃଦ୍ଧି ପରେ କମ୍ପାନୀ ଏହି ରିଚାର୍ଜ ଯୋଜନାକୁ ମହଙ୍ଗା କରିଦେଇଥିଲା। ବାସ୍ତବରେ, ଜୁଲାଇ ମାସରୁ ଜିଓ ଏବଂ ଏୟାରଟେଲ ସହିତ ଭିଆଇ ମଧ୍ୟ ସେମାନଙ୍କ ପ୍ରିପେଡ୍ ରିଚାର୍ଜ ପ୍ଲାନଗୁଡ଼ିକର ମୂଲ୍ୟ ବୃଦ୍ଧି କରିଥିଲେ। ଏଥି ସହିତ, ଏହି କମ୍ପାନୀ ଏହାର ୭୧୯ ଟଙ୍କା ପ୍ରିପେଡ୍ ଯୋଜନାର ମୂଲ୍ୟକୁ ୮୫୯ ଟଙ୍କାକୁ ବୃଦ୍ଧି କରିଥିଲା। ବର୍ତ୍ତମାନ ଭିଆଇ ୭୧୯ ଟଙ୍କା ପୁରୁଣା ମୂଲ୍ୟରେ ପୁନର୍ବାର ଏହି ଯୋଜନା ଆରମ୍ଭ କରିଛି। ଭିଆଇର ଏହି ପ୍ଲାନ ବିଷୟରେ କହିବାକୁ ଗଲେ ଏଥିରେ ବ୍ୟବହାରକାରୀମାନେ ଅସୀମିତ କଲିଂର ସୁବିଧା ପାଇବା ସହିତ ପ୍ରତିଦିନ ୧ ଜିବି ଡାଟା ଏବଂ ୧୦୦ ଏସଏମଏସ ପଠାଇବାର ସୁବିଧା ପାଇପାରିବେ। ଭିଆଇର ଏହି ପ୍ରିପେଡ୍ ରିଚାର୍ଜ ଯୋଜନା ଏକ ଦୀର୍ଘ ବୈଧତା ସହିତ ଆସିଥାଏ, ତେଣୁ ଏହି ପ୍ଲାନ ସହିତ ଉପଭୋକ୍ତାମାନେ ୭୨ ଦିନର ବୈଧତା ପାଆନ୍ତି। ଏହି ପ୍ଲାନ ସହିତ, ଉପଭୋକ୍ତାମାନେ ସମୁଦାୟ ୭୨ ଜିବି ଡାଟା ପାଆନ୍ତି ଏବଂ ଏହି ପ୍ଲାନ ପାଇଁ ଉପଭୋକ୍ତାମାନଙ୍କୁ ହାରାହାରି ୯.୯୮ ଟଙ୍କା ଅର୍ଥାତ୍ ପ୍ରତିଦିନ ପ୍ରାୟ ୧୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ମୂଲ୍ୟ ସୀମା ମଧ୍ୟରେ ରିଲାଏନ୍ସ ଜିଓ କମ୍ପାନୀର ପ୍ରିପେଡ୍ ରିଚାର୍ଜ ପ୍ଲାନ ୭୯୯ ଟଙ୍କାରେ ଉପଲବ୍ଧ। ଏହି ପ୍ଲାନ ସହିତ, ଉପଭୋକ୍ତାମାନେ ପ୍ରତିଦିନ ୧.୫ ଜିବି ଡାଟା, ଅସୀମିତ ଭଏସ୍ କଲିଂ ଏବଂ ପ୍ରତିଦିନ ୧୦୦ ଏସଏମଏସ ସୁବିଧା ପାଇପାରିବେ। ଏହି ଯୋଜନାର ବୈଧତା ୮୪ ଦିନ ଏବଂ ସେହି ଅନୁଯାୟୀ ଉପଭୋକ୍ତାମାନେ ସମୁଦାୟ ୧୨୬ ଜିବି ଡାଟା ପାଆନ୍ତି। ଏହି ପ୍ଲାନ ସହିତ, ଉପଭୋକ୍ତାମାନେ ଜିଓ ଆପ୍ସ, ଜିଓ ସିନେମା ଓ ଜିଓ କ୍ଲାଉଡ଼ ଭଳି ଅନ୍ୟ କେତେକ ସେବାଗୁଡିକର ଲାଭ ମଧ୍ୟ ପାଇଥାନ୍ତି।

## ୨୮କୁ ଖସି ଆସିବ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସଂଖ୍ୟା

**ନୂଆଦିଲ୍ଲୀ,୬।୧୧:** ଦେଶରେ ୪୩ ବ୍ୟାଙ୍କ ସଂଖ୍ୟା ୨୮କୁ ଖସି ଆସିବ । କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ୍ ଉପରେ ଏବେ ସରକାରଙ୍କ ନଜର । ସାରା ଦେଶରେ ରହିଛି ୪୩ ବ୍ୟାଙ୍କ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ ମିଶ୍ରଣ ଦ୍ୱାରା ଏହି ସଂଖ୍ୟା ୨୮କୁ ଖସିବା ନେଇ ଯୋଜନା ରହିଛି। ଏହା ଦ୍ୱାରା ବ୍ୟାଙ୍କ ଗୁଡିକର ପରିଚାଳନା ଖର୍ଚ୍ଚ କମିବା ସହିତ ପୁଞ୍ଜି ବୃଦ୍ଧିରେ ସହାୟକ ହେବ । ରୟଟର୍ସର ଏକ ରିପୋର୍ଟ ମୁତାବକ, ସରକାର ଏହାକୁ ନେଇ ଏକ ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି । ଏଥିରେ ଗ୍ରାମୀଣ ବ୍ୟାଙ୍କ ଗୁଡିକର ମିଶ୍ରଣ ନେଇ ପ୍ରସ୍ତାବ ରହିଛି। ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷି ଶ୍ରମିକ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରିଥାନ୍ତି। ମାତ୍ର ପୁଞ୍ଜି ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାଙ୍କ ଗୁଡିକ ଏତେଟା ଉନ୍ନତ ସ୍ଥିତିରେ ନାହାନ୍ତି । ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଏହି ବ୍ୟାଙ୍କ ଗୁଡିକରେ ମୋଟ୍ ୬.୬ ଲକ୍ଷ କୋଟି ଟଙ୍କାର ଜମା ରହିଛି । ସେହିଭଳି ଅଗ୍ରୀମ ସ୍ତର ରହିଛି ୪.୭ ଲକ୍ଷ କୋଟି । ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରସ୍ତାବିତ ମିଶ୍ରଣ ପରେ ରାଜ୍ୟ ପିଛା ମାତ୍ର ଗୋଟିଏ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ରହିଯିବ । ତେବେ ଏହି ପ୍ରସ୍ତାବ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟର ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଆସେଟ୍ ଦୃଷ୍ଟିକୋଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅର୍ଦ୍ଧାଧିକ ଅଂଶ ହାସଲ କରିଛନ୍ତି । ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ସ୍ଥିତି ଦୃଢ଼ କରିବା ସହ ପୁଞ୍ଜି ସ୍ୱଚ୍ଛଳତା ବୃଦ୍ଧି ଦିଗରେ ସରକାର କାମ କରୁଛନ୍ତି ।

## ଆଇପିଏଲ ୨୦୨୫ ପାଇଁ ସାଉଦି ଆରବରେ ହେବ ନିଲାମୀ




**ନୂଆଦିଲ୍ଲୀ,୬।୧୧:** ଆଇପିଏଲ ୨୦୨୫ ନିଲାମୀ ତାରିଖ ଘୋଷଣା କରିଛି ବିସିସିଆଇ। ନଭେମ୍ବର ୨୪ ଓ ୨୫ରେ ସାଉଦୀ ଆରବର ଜେଦ୍ଦାରେ ଖେଳାଳିଙ୍କର ନିଲାମୀ କରାଯିବ। ନିଲାମୀ ପାଇଁ ମୋଟ ୧୫୭୪ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୧୬୫ ଜଣ ଭାରତୀୟ ଓ ୪୦୯ ଜଣ ବିଦେଶୀ ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରେ ୩୨୦ କ୍ୟାପଡ ଏବଂ ୧୨୨୪ ଅନକ୍ୟାପଡ ଖେଳାଳି ରହିଛନ୍ତି। ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ ଷ୍ଟୋକ୍ସଙ୍କ ନାଁ ନିଲାମୀ ତାଲିକାରେ ନାହିଁ। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିବା ଇଂଲଣ୍ଡର ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ପ୍ରଥମଥର ପାଇଁ ଆଇପିଏଲ ନିଲାମୀରେ ନିଜକୁ ସାମିଲ କରିଛନ୍ତି। ତାଙ୍କ ବେସ୍ ପ୍ରାଇସ ୧.୨୫ କୋଟି ଟଙ୍କା ରହିଛି। ନିଜ ନିଜ ଫ୍ରାଞ୍ଚାଇଜ ତରଫରୁ ରିଲିଜ ହୋଇଥିବା ୩ ପୂର୍ବତନ ଅଧିନାୟକ ଋଷଭ ପନ୍ତ, କେଏଲ ରାହୁଲ ଓ ଶ୍ରେୟସ ଆୟର ମଧ୍ୟ ଅକ୍ସନରେ ସାମିଲ ହେବେ। ସେମାନଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କା ଲେଖାଏ ରହିଛି। ସେହିପରି ରାଜସ୍ଥାନ ରିଲିଜ କରିଥିବା ଦୁଇ ସ୍ପିନର ରବି ଅଶ୍ୱିନ ଓ ଯୁଜି ଚହଲ ମଧ୍ୟ ୨ କୋଟି ଟଙ୍କାର ବେସ୍ ପ୍ରାଇସ ବ୍ରାକେଟରେ ରହିଛନ୍ତି। ୨ କୋଟି ବେସ୍ ପ୍ରାଇସ ମଧ୍ୟରେ ଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ଖଲୀଲ ଅହମଦ, ଦୀପକ ଚହର, ଭେଙ୍କଟେଶ ଆୟର, ଆବେଶ ଖାନ, ଈଶାନ କିଶନ, ମୁକେଶ କୁମାର, ଭୁବନେଶ୍ୱର କୁମାର, ପ୍ରସିଦ୍ଧ କ୍ରିଷ୍ଣା, ଟି ନଟରାଜନ, ଦେବଦତ୍ତ ପାଡିକ୍କଲ, କୃନାଲ ପାଣ୍ଡ୍ୟା, ହର୍ଷଲ ପଟେଲ, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଉମେଶ ଯାଦବ। ଏହା ପୂର୍ବରୁ ସମସ୍ତ ୧୦ଟି ଫ୍ରାଞ୍ଚାଇଜ୍ ନିଜର ରିଟେନ ଖେଳାଳିଙ୍କର ଲିଷ୍ଟ ଜାରି କରିଥିଲେ। ୧୦ଟି ଫ୍ରାଞ୍ଚାଇଜ ପାଖରେ ୨୦୪ଟି ସ୍ଲଟ ପାଇଁ ଖର୍ଚ୍ଚ କରିବାକୁ ୬୪୧.୫ କୋଟି ଟଙ୍କା ହେବ। ଏହି ସ୍ଲଟ ମଧ୍ୟରୁ ୭୦ଟି ବିଦେଶୀ ଖେଳାଳିଙ୍କ ପାଇଁ ନିର୍ଦ୍ଧାରିତ ହୋଇଛି। ବର୍ତ୍ତମାନ ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜ ପକ୍ଷରୁ ୪୬ ଜଣ ଖେଳାଳିଙ୍କୁ ରିଟେନ କରାଯାଇଥିବା ବେଳେ ତା'ର ମୋଟ ଖର୍ଚ୍ଚ ୫୫୮.୫ କୋଟି ରହିଛି।

## ଟୋଷ୍ଟମାଷ୍ଟର୍ସ ଇଣ୍ଟରନ୍ୟାସନାଲର ଶତବାର୍ଷିକୀ ଉତ୍ସବ

**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ଏକ ଅଣଲାଭକାରୀ ସଂସ୍ଥା ଟୋଷ୍ଟମାଷ୍ଟର୍ସ ଇଣ୍ଟରନ୍ୟାସନାଲ ପକ୍ଷରୁ ଭୁବନେଶ୍ୱରଠାରେ ଅବସ୍ଥିତ ଏକ୍ସଆଇଏମବି ଠାରେ ଏହାର ଶତବାର୍ଷିକୀ ଅବସରରେ ଏକ ମେଗା ଇଭେଣ୍ଟ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଏହାର ୩ଟି କ୍ଲବ ଯଥା ଟୋଷ୍ଟମାଷ୍ଟର୍ସ କମ୍ୟୁନିଟି କ୍ଲବ ଭୁବନେଶ୍ୱର, ଟାଟା ଷ୍ଟିଲ ଓଡ଼ିଶା ଟୋଷ୍ଟମାଷ୍ଟର୍ସ କ୍ଲବ, ଏବଂ ଟିସିଏସ୍ ମୈତ୍ରୀ ଭୁବନେଶ୍ୱର ଟୋଷ୍ଟମାଷ୍ଟର୍ସ କ୍ଲବର ସଦସ୍ୟମାନେ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତା ଯଥା ମଜାକିଆ ଭାଷଣ ଏବଂ ମୂଲ୍ୟାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

# ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ୍ ନେଟ୍‌ୱର୍କ

**ମୁମ୍ବାଇ,୬।୧୧:** ଦେଶର ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟୱର୍କ ଭାବେ ପରିଗଣିତ ହୋଇଛି। ଏପରିକି ଡାଟା ଟ୍ରାଫିକ୍ ଦୃଷ୍ଟିରୁ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟୱର୍କ ହୋଇ ରହିଛି। ୨୦୨୪ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ବ୍ୟବହୃତ ହୋଇଥିବା ଡାଟା ଅନୁଯାୟୀ ଏହି ସଫଳତା ହାସଲ କରିଛି, ଏପରିକି ୨୦୨୪ ବର୍ଷର ପ୍ରଥମ ତିନୋଟି ତ୍ରୈମାସର ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଚାଇନା କମ୍ପାନୀ ମୋବାଇଲ୍‌ଠାରୁ କ୍ରମାଗତ ଭାବେ ଆଗରେ ରହିଛି। ଅପରପକ୍ଷରେ ବିଶ୍ୱ ଦୂରସଞ୍ଚାର କ୍ଷେତ୍ରର ଅନୁଶୀଳନକାରୀ କମ୍ପାନୀ ଟେଫିସିଏଣ୍ଟର ସୂଚନା ଅନୁଯାୟୀ ଜିଓ ଏବଂ ଚାଇନା ମୋବାଇଲ୍ ପରେ ଅନ୍ୟ ଏକ ଚାଇନା କମ୍ପାନୀ ଚାଇନା ଟେଲିକମ୍ ଡାଟା ଟ୍ରାଫିକରେ ତୃତୀୟ ସ୍ଥାନରେ ଥିବାବେଳେ ଭାରତୀୟ ଟେଲିକମ କମ୍ପାନୀ ଏୟାରଟେଲ ଚତୁର୍ଥ ସ୍ଥାନରେ ରହିଛି। ଏପରିକି ଭାରତୀୟ ମୋବାଇଲ କମ୍ପାନୀ ଭୋଡା-ଆଇଡିଆ ମଧ୍ୟ ଏହି ସୂଚୀର ଷଷ୍ଠ ସ୍ଥାନରେ ସାମିଲ ହୋଇଛନ୍ତି। ସେହିଭଳି ଟେଫିସିଏଣ୍ଟ ତା'ର ସୋସିଆଲ ମିଡିଆ ପ୍ଲାଟଫର୍ମ (ଟୁଇଟ)ରେ ଉଲ୍ଲେଖ କରିଛି, ଚାଇନା କମ୍ପାନୀ ଚାଇନା ମୋବାଇଲ୍ ସମ୍ଭବତଃ ନିଜର ପ୍ରଭାବ ହରାଇଛି। ଏପରିକି ଚାଇନା ମୋବାଇଲରେ ବାର୍ଷିକ ଅଭିବୃଦ୍ଧି ମାତ୍ର ୨% ହୋଇଥିବାବେଳେ ଜିଓ ଏବଂ ଚାଇନା ଟେଲିକମରେ ପ୍ରାୟ ୨୪% ଏବଂ ଏୟାରଟେଲରେ ୨୩% ଅଭିବୃଦ୍ଧି ଘଟିଛି।




## ଟାଟା କର୍ଭକୁ ଟକ୍କର ଦେବ ମହିନ୍ଦ୍ରାର ନୂଆ ଇଲେକ୍ଟ୍ରିକ୍ ଏସ୍‌ୟୁଭି

**ନୂଆଦିଲ୍ଲୀ,୬।୧୧:** କାର ନିର୍ମାତା ମହିନ୍ଦ୍ରା ଦୁଇଟି ନୂଆ ଇଲେକ୍ଟ୍ରିକ ଏସୟୁଭି ସହିତ ଏଣ୍ଟ୍ରି କରିବା ପାଇଁ ପ୍ରସ୍ତୁତ ହେଉଛି। ଉଭୟ ଗାଡ଼ି କମ୍ପାନୀ ଦ୍ୱାରା ବିଭିନ୍ନ ସେଗମେଣ୍ଟରେ ଲଞ୍ଚ କରାଯିବ। ଯେଉଁଥିପାଇଁ କମ୍ପାନୀ ଦ୍ୱାରା ଏକ ଟିଜର ମଧ୍ୟ ଜାରି କରାଯାଇଛି। ଲଞ୍ଚ ହେବାକୁ ଯାଇଥିବା ଦୁଇଟି କାରର ନାମ ହେଉଛି- ବିଇ-୬ଇ ଏବଂ ଏକଇଭି-୯ଇ। ଆପଣ ଏହି ଉଭୟ ଏସୟୁଭି ରେ ଦମଦାର ଫିଚର୍ସ ପାଇବାକୁ ଯାଉଛନ୍ତି, ଯେଉଁଥିରେ ଏଲଇଡି ଲାଇଟ୍, ପାନୋରାମିକ୍ ସନରୁଫ୍, ଏରୋ ଷ୍ଟାଇଲ୍ ଆଲଏ ହ୍ୱିଲ୍ ଭଳି ଭିଚର୍ସ ମିଳିବ। ବିଇ-୬ଇ ଏବଂ ଏକଇଭି-୯ଇ ଇଲେକ୍ଟ୍ରିକ୍ ଏସୟୁଭି ଗୁଡିକ ଇନଗ୍ଲୋ ପ୍ଲାଟଫର୍ମରେ ତିଆରି ହୋଇଛି। ଏଥିରେ ବ୍ୟାଟେରିର ପୋଜିସନ୍କୁ ନେଇ ବିଶେଷ ଯତ୍ନ ନିଆଯାଇଛି ଏବଂ ଉଭୟ ଏସୟୁଭିରେ ବଡ ବୁଟସ୍ପେସ ଦିଆଯାଇପାରିବ। ଏହା ସହିତ କୁହାଯାଏ, ଯେ ଉଭୟରେ ଡୁଆଲ୍ ଇଲେକ୍ଟ୍ରିକ୍ ମୋଟର ରହିବ। ୨୬ ନଭେମ୍ବର ୨୦୨୪ରେ ଚେନ୍ନାଇରେ ଆୟୋଜିତ ହେବାକୁ ଥିବା 'ଅନଲିମିଟେଡ୍ ଇଣ୍ଡିଆ' ଇଭେଣ୍ଟରେ ଉଭୟ ଇଲେକ୍ଟ୍ରିକ୍ ଏସୟୁଭିରେ ସେମାନଙ୍କ ୱାର୍ଲଡ ପ୍ରିମିୟର ସମୟରେ ଲଞ୍ଚ ହେବ। ମହିନ୍ଦ୍ରା ବିଇ-୬ଇକୁ ଲଞ୍ଚ କରିବାକୁ ଯାଉଛି। ଏହାର ସିଧାସଳଖ ମୁକାବିଲା ଟାଟା କର୍ଭ, ଓ୍ୱିଣ୍ଡସର, ଜେଡଏସ ଇଭି ସହିତ ହେବ। ବର୍ତ୍ତମାନ ସୁଦ୍ଧା, କମ୍ପାନୀର ପୋର୍ଟଫୋଲିଓରେ କେବଳ ଗୋଟିଏ ଇଲେକ୍ଟ୍ରିକ୍ ଏସୟୁଭି ଅଛି। ମହିନ୍ଦ୍ରା ଏକ୍ସୟୁଭି-୪୦୦ ବ୍ୟତୀତ ଏହି ଉଭୟ ଏସୟୁଭି ଖୁବ ଶୀଘ୍ର ଅଫର କରାଯିବ।

# ଟିପି ଓଡ଼ିଶା ଡିସକମ୍ ପକ୍ଷରୁ ଫଟୋଗ୍ରାଫି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ

**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ଗତବର୍ଷର ପ୍ରତିଯୋଗିତାର ଉଲ୍ଲେଖନୀୟ ସଫଳତା ପରେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସକମଗୁଡ଼ିକ ପକ୍ଷରୁ ବହୁ ଚର୍ଚ୍ଚିତ ଫଟୋଗ୍ରାଫି ପ୍ରତିଯୋଗିତା 'ଓ ମାଇଁ ବିଉଟିଫୁଲ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ ଘୋଷଣା କରାଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟ'ରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ, ପ୍ରାକୃତିକ ଓ ସ୍ଥାପତ୍ୟ ଐତିହ୍ୟ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର ଅବିଶ୍ୱସନୀୟ ସୌନ୍ଦର୍ଯ୍ୟ ଓ ପରମ୍ପରାକୁ ଚିତ୍ରଣ କରିବା ପାଇଁ ସବୁ ବର୍ଗର ଫଟୋଗ୍ରାଫରଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ପ୍ରତିଯୋଗିତା ଓଡ଼ିଶାର ସମସ୍ତ ଲୋକଙ୍କ ପାଇଁ ଖୋଲା ରହିଛି। ଅଂଶଗ୍ରହଣକାରୀମାନେ ନିମ୍ନରେ ଦିଆଯାଇଥିବା ଲିଙ୍କରେ ସେମାନଙ୍କ ଫଟୋ ଅପଲୋଡ୍ କରିପାରିବେ କିମ୍ବା ଏକ ସଂକ୍ଷିପ୍ତ ବିବରଣୀ ଏବଂ ସେମାନଙ୍କର ବ୍ୟକ୍ତିଗତ ବିବରଣୀ ସହିତ ଇମେଲ୍ ମାଧ୍ୟମରେ ସେମାନଙ୍କର ଆବେଦନ ଦାଖଲ କରିପାରିବେ। ୨୦୨୪ ନଭେମ୍ବର ୧୩, ବୁଧବାର ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ରାଶି ଦିଆଯିବ ଏବଂ ଟିପି ଓଡ଼ିଶା କ୍ୟାଲେଣ୍ଡର ୨୦୨୫ ରେ ସେମାନଙ୍କୁ ସ୍ଥାନ ପାଇବା ସୁଯୋଗ ମିଳିବ। କଭର ଫଟୋଗ୍ରାଫକୁ ସ୍ୱତନ୍ତ୍ର ମାନ୍ୟତା ମିଳିବା ସହିତ ଏହା ଫଟୋଗ୍ରାଫରମାନଙ୍କୁ ସେମାନଙ୍କ କାର୍ଯ୍ୟକୁ ଦର୍ଶକଙ୍କ ନିକଟରେ ପ୍ରଦର୍ଶନ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ପଦକ୍ଷେପ ମାଧ୍ୟମରେ ଟାଟା ପାୱାର ରାଜ୍ୟର ପ୍ରାକୃତିକ ଓ ସାଂସ୍କୃତିକ ସୌନ୍ଦର୍ଯ୍ୟକୁ ଲୋକଲୋଚନକୁ ଆଣିବା ସହ ସ୍ଥାନୀୟ ସମୁଦାୟକୁ ଏହାର ଆଖପାଖ ଅଞ୍ଚଳରେ ଗର୍ବ କରିବା ପାଇଁ ଉତ୍ସାହିତ କରିବା ତଥା ଓଡ଼ିଶାର ଅନନ୍ୟ ସୌନ୍ଦର୍ଯ୍ୟକୁ ନିଜ କଳାତ୍ମକ ଦୃଷ୍ଟିକୋଣରୁ ପ୍ରଦର୍ଶିତ କରିବାକୁ ଲକ୍ଷ୍ୟ ରଖିଛି। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ବିଚାରକ ମଣ୍ଡଳୀ ଅବେଦନଗୁଡ଼ିକର ମୂଲ୍ୟାଙ୍କନ କରିବେ। ଆବେଦନକାରୀମାନଙ୍କୁ ସେମାନଙ୍କ କଳାତ୍ମକ ଅବଦାନ ପାଇଁ ସେମାନଙ୍କୁ ସମ୍ମାନିତ କରିବା ଏବଂ ପ୍ରଶଂସା କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ ସମାରୋହରେ ବିଜେତାଙ୍କ ନାମ ଘୋଷଣା କରାଯିବ। ଓଡ଼ିଶାର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟର ନିରନ୍ତର ବିକାଶ, ସାମୂହିକ ଯୋଗଦାନ ଏବଂ ପ୍ରୋତ୍ସାହନ ଦିଗରେ ଟାଟା ପାୱାରର ପ୍ରତିଶ୍ରୁତିବଦ୍ଧତାର ଏକ ଅଂଶ ହେଉଛି 'ଓ ମାଇଁ ବିଉଟିଫୁଲ ଓଡ଼ିଶା ୨.୦' ଫଟୋଗ୍ରାଫି ପ୍ରତିଯୋଗିତା। ଏଥିରେ ଯୋଗଦାନ କରିବା ପାଇଁ ଫଟୋଗ୍ରାଫରମାନଙ୍କୁ ନିମନ୍ତ୍ରଣ କରି ଟାଟା ପାୱାର ରାଜ୍ୟର ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ଅର୍ଥନୀତିକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି। ଦ୍ରୁତ ପର୍ଯ୍ୟଟନ ଅଭିବୃଦ୍ଧି ପାଇଁ ଜଣାଶୁଣା ଓଡ଼ିଶା, ବିଶ୍ୱ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଲାଗିଛି ଏବଂ ଏହି ପ୍ରତିଯୋଗିତା ଏହାର ଆକର୍ଷଣକୁ ଆହୁରି ବଢ଼ାଇବାକୁ ଚାହୁଁଛି।




## ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ମାଇଲଖୁଣ୍ଟ




**ନୂଆଦିଲ୍ଲୀ,୬।୧୧:** ପ୍ରତି ବର୍ଷ ଭଳି ଚଳିତ ବର୍ଷ ପାର୍ବଣ ଋତୁରେ ମଧ୍ୟ ହିରୋ ମୋଟୋକର୍ପ ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଚଳିତ ବର୍ଷ ନବରାତ୍ରିରୁ ଆରମ୍ଭ ହୋଇଥିବା ଏହି ପାର୍ବଣ ସ୍ୱତନ୍ତ୍ର ବିକ୍ରୟରେ ହିରୋ ମୋଟକର୍ପ ନୂତନ ରେକର୍ଡ ସହ ସଦ୍ୟତମ ଅଦ୍ୟାବଧି ରହିଥିବା ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ସଫଳତା ଲାଭ କରିଛି। ଉଲ୍ଲେଖଯୋଗ୍ୟ, ପାର୍ବଣ ବିକ୍ରୟରେ କମ୍ପାନୀ ୧୫.୯୮ ଲକ୍ଷ (୧.୬ ମିଲିୟନ) ରୁ ଅଧିକ ୟୁନିଟ୍ ଗାଡ଼ି ବିକ୍ରୟ ହାସଲ କରିଛି। ଏପରିକି ଗତ ବର୍ଷର ଉତ୍ସବ ଋତୁକାଳୀନ ବିକ୍ରୟ ତୁଳନାରେ ଚଳିତ ବର୍ଷର ବିକ୍ରୟ ପରିମାଣ ପ୍ରାୟ ୧୩% ଅଧିକ ବୋଲି କୁହାଯାଉଛି। ୨୦୨୩-୨୪ ପାର୍ବଣ ବିକ୍ରୟ ଏବଂ ୨୦୨୪-୨୫ ପାର୍ବଣ ବିକ୍ର ଅଭିବୃଦ୍ଧିର ଏକ ଦୃଷ୍ଟି ଆକର୍ଷଣକାରୀ ପଞ୍ଜିକୃତର ରେକର୍ଡ କମ୍ପାନୀ ହାସଲ କରିଛି। ସେହିଭଳି ହିରୋ ମୋଟୋକର୍ପ ଉପତ୍ୱାଦନର ଏହି ବିଶାଳ ଚାହିଦା ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ପରିଲକ୍ଷିତ ହୋଇଛି। ଏପରିକି ବ୍ରାଣ୍ଡ୍‌ର ୧୨୫ସିସି ମୋଟରସାଇକେଲ ବିଭାଗରେ ୧୨୫ଆର ଏକ୍ସଷ୍ଟ୍ରିମ ସହିତ ଏହା ଏକ ପ୍ରମୁଖ ବୃଦ୍ଧିର ବାହକ ହୋଇଥିଲାବେଳେ ୧୦୦ସିସି ବିଭାଗ ମଧ୍ୟ କମ୍ପାନୀର ବିକ୍ରୟ କାର୍ଯ୍ୟକଳାପକୁ ଅତି ଦୃଢ଼ ସକାରାମକ୍ ଭାବେ ଉପସ୍ଥାପିତ କରିପାରିଛି। ଏହି ସମୟ ମଧ୍ୟରେ ହିରୋ ମୋଟୋକର୍ପର ଇଲେକ୍ଟ୍ରିକ୍ ଯାନ ଭିଡ଼ା ପ୍ରାୟ ୧୧,୬୦୦ ୟୁନିଟ୍ ଖୁଚୁରା ବିକ୍ରୟର ସଫଳତା ସହ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପିତ କରିଛି। ଗ୍ରାମାଞ୍ଚଳର ବିକ୍ରୟ ସହରାଞ୍ଚଳ ବିକ୍ରୟର ସମକକ୍ଷ ହୋଇଛି, ଯାହା ଏହି ପାର୍ବଣଋତୁର ଅଧାରୁ ଅଧିକ ସମୟରେ ପରିଲକ୍ଷିତ ହୋଇଛି।

# ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଚାଲିବ କାର




**ନୂଆଦିଲ୍ଲୀ,୬।୧୧:** ଖୁବଶୀଘ୍ର ଆସିବ ଏଆଇ ବେସ୍ଡ କାର। ହୋଣ୍ଡା ଆଣୁଛି ଏଭଳି ଏକ ନୂଆ ଇଲେକ୍ଟ୍ରିକ କାର। ଏହାର ଡିଜାଇନ୍ ଏତେ ସୁନ୍ଦର ହୋଇଛି ଯେ ଆପଣଙ୍କ ଆଖି ଲାଖି ହୋଇ ରହିଯିବ। ହୋଣ୍ଡା କମ୍ପାନୀ ଏଭଳି ଭିନ୍ନ ଡିଜାଇନ୍ ର କାର ଆଣିବାକୁ ପ୍ରସ୍ତୁତ ହେଉଛି, ଯାହାକୁ ଦେଖିବା ପରେ ଲୋକମାନେ ଏହି କାର ନ କିଣି ରହି ପାରିବେନି। ହୋଣ୍ଡା ଏହି କାରର କନସେପ୍ଟ ମଡେଲର ଝଲକ ରିଭିଲ କରିସାରିଛି। ହୋଣ୍ଡା ଏହାର ୟୁଟ୍ୟୁବ୍ ଚ୍ୟାନେଲରେ କହିଛି ଯେ ସାଧାରଣତଃ ଇଲେକ୍ଟ୍ରିକ କାରଗୁଡିକ ବହୁତ ମୋଟା ଏବଂ ଭାରୀ ହୋଇଥାଏ କିନ୍ତୁ ଆମେ ଏଭଳି କାର ଆଣିବାକୁ ଯାଉଛୁ ଯାହା ବହୁତ ହାଲୁକା ହେବ। ହୋଣ୍ଡା ଏହାର ବ୍ରାଣ୍ଡର ଏକ ଭିଡିଓ ମଧ୍ୟ ସେୟାର କରିଛି। ଏହି ଭିଡିଓରେ ଅଟୋମେକର୍ କହିଛନ୍ତି ଯେ ଆମେ ଇଲେକ୍ଟ୍ରିକ୍ କାର୍ ତିଆରି କରିବାରେ ତିନୋଟି ଜିନିଷ ଉପରେ ଧ୍ୟାନ ଦେଇଛୁ - ପତଳା, ହାଲୁକା ଏବଂ ବୁଦ୍ଧିମତା। କମ୍ପାନୀ ଏହି ଇଲେକ୍ଟ୍ରିକ କାରର ନାଁ ହୋଣ୍ଡା-ଓ ରଖିଛି। ହୋଣ୍ଡା ଚଳିତ ବର୍ଷ ଆରମ୍ଭରେ ଏକ ଇଭେଣ୍ଟରେ ଏହି ଇଭିର କନସେପ୍ଟ ମଡେଲ୍ ଉପସ୍ଥାପନ କରିଥିଲା। ଏହି ଇଭେଣ୍ଟରେ ହୋଣ୍ଡାର ଦୁଇଟି ମଡେଲ ଯଥା ଏକ ସ୍ୟାଲୁନ୍ (ସେଡାନ୍) ଏବଂ ଏକ ସ୍ପେସ୍-ହବ୍ (ଏସୟୁଭି) ସୋକେସ କରାଯାଇଥିଲା। ହୋଣ୍ଡାର ନୂଆ ଇଲେକ୍ଟ୍ରିକ କାରର ଡିଜାଇନ୍ ଫ୍ୟୁଚରିଷ୍ଟିକ ହେବାକୁ ଯାଉଛି। କାହିଁକି ନା ହୋଣ୍ଡା ଏହି କାରରେ ଏଆଇ ବ୍ୟବହାର କରିବ। ହୋଣ୍ଡାର ଏହି ଇଭି ଲାଟେଷ୍ଟ ଫିଚର ଏବଂ ପରଫରମାନ୍ସ ସହିତ ଆସିବ। ସେଫଟି ପାଇଁ ଏହି ଗାଡିରେ ଆଡାସ ଫିଚର ଯୋଡ଼ା ଯିବ। ଡ୍ରାଇଭ ବେଳେ ଏହି କାର ଭଲ ଫିଲ ଦେବ। ହୋଣ୍ଡାର ଏହି ଇଲେକ୍ଟ୍ରିକ୍ କାରର ଡିଜାଇନ୍ ଏତେ ବଢ଼ିଆ ରହିଛି ଯେ ଏହା ଗ୍ରାହକଙ୍କୁ ନିଶ୍ଚିତ ପସନ୍ଦ ଆସିବ। ଏହି କାରର ଡିଜାଇନ୍ ଫ୍ରଣ୍ଟରୁ ଗୋଟିଏ କର୍ଭରେ ଆରମ୍ଭ ହୋଇ ବ୍ୟାକ ପର୍ଯ୍ୟନ୍ତ ରହିବ। କାରର ଲୁକକୁ ଖାସ କରିବା ପାଇଁ ସାଇଡ ୱିଣ୍ଡୋରେ ସିଙ୍ଗଲ ଗ୍ଲାସ୍ ପ୍ୟାନେଲ୍ ଲଗାଯାଇଛି। ହୋଣ୍ଡା ୨୦୨୬ ମସିହାରେ ଗ୍ଲୋବାଲ ମାର୍କେଟରେ ଏହାର ନୂଆ ଇଭି ସିରିଜ୍ ଲଞ୍ଚ କରିବ। ହୋଣ୍ଡା-ଓ ସିରିଜ୍ ପ୍ରଥମେ ଉତ୍ତର ଆମେରିକାର ମାର୍କେଟରେ ଲଞ୍ଚ ହେବ। ହୋଣ୍ଡା କାରରେ ଦିଆଯାଇଥିବା ନୂଆ ଏଚ୍-ଚିହ୍ନରୁ ଜଣା ପଡୁଛି ଯେ ଅଟୋମେକର୍ ଦୁନିଆକୁ ଏକ ନୂଆ ଜେନେରେସନର ଇଭି ଦେବାକୁ ପ୍ରସ୍ତୁତ ହେଉଛି। ଏହି ଲାଟେଷ୍ଟ କାରରେ ଲୋକମାନେ ବସିବା ପାଇଁ ଭଲ ସ୍ପେସ ରହିବ ଏବଂ ଗାଡି ଚଳାଇବା ପାଇଁ ବହୁତ ଟେକ୍ନୋଲୋଜି ରହିବ ବୋଲି କୁହାଯାଉଛି।

## ବୀମା କ୍ଷେତ୍ରକୁ ଏଫ୍‌ଡିଆଇ ବୃଦ୍ଧି ଲାଗି ସଂସଦର ଶୀତ ଅଧିବେଶନରେ ଆସିବ କମ୍ପୋଜିଟ ଲାଇସେନ୍ସ ବିଲ୍

**ନୂଆଦିଲ୍ଲୀ ୬।୧୧:** କେନ୍ଦ୍ର ସରକାର ସଂସଦର ଆଗାମୀ ଶୀତକାଳୀନ ଅଧିବେଶନରେ ବୀମା ଆଇନରେ ସଂଶୋଧନ ଲାଗି ଏକ ବିଧେୟକ ଉପସ୍ଥାପନ କରିପାରନ୍ତି, ଯାହା ଦ୍ୱାରା ଏହି କ୍ଷେତ୍ରକୁ ଅଧିକ ଉଦାର କରାଯାଇ ପାରିବ। ସୂତ୍ର ଅନୁସାରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫଡିଆଇ) ସୀମାକୁ ବର୍ତ୍ତମାନର ୭୪ ପ୍ରତିଶତରୁ ବଢାଇ ୧୦୦ ପ୍ରତିଶତ କରିବା ଓ ଜୀବନ ତଥା ଅଣଜୀବନ ବୀମା ଲାଗି କମ୍ପୋଜିଟ ଲାଇସେନସିଂ ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା କରାଯାଉଛି। ଦେଶରେ ବୀମା କ୍ଷେତ୍ର ସମ୍ପ୍ରସାରଣ ନିମନ୍ତେ ଅନ୍ୟ ପରିବର୍ତ୍ତନରେ ମାଇକ୍ରୋ ବୀମା କମ୍ପାନୀଙ୍କ ଲାଗି ପୁଞ୍ଜି ଆବଶ୍ୟକତାକୁ କମ କରାଯାଇ ପାରେ। କମ୍ପୋଜିଟ ଲାଇସେନ୍ସ ଲାଗି ଯଦିଓ ନ୍ୟୁନତମ ପୁଞ୍ଜି ସୀମା ଜୀବନ ଓ ଅଣ ଜୀବନ ବୀମା ଲାଗି ପୃଥକ ପୃଥକ, ତେବେ ଲାଇସେନ୍ସ ତୁଳନାରେ ଅଧିକ ହୋଇପାରେ। ଜନୈକ ଅଧିକାରୀଙ୍କ ଅନୁସାରେ ବୀମା ସଂଶୋଧନ ବିଧେୟକ ଉପରେ ଏବେ କାମ ଚାଲିଛି। ଏହାକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯାଇ ପାରେ। ଭାରତରେ ବୀମା କ୍ଷେତ୍ର ୨୦୨୧ରେ ମାତ୍ର ୪.୨ ପ୍ରତିଶତ ରହିଛି ଯାହା ସାରା ବିଶ୍ୱରେ ଏହା ୭ ପ୍ରତିଶତ । ଏହା ଛଡା ଭାରତୀୟ ବୀମା କ୍ଷେତ୍ର କେବଳ ଜୀବନ ବୀମା ଉପରେ ଗୁରୁତ୍ୱ ଦେଉଛି ଏଣୁ ଏହାର ଅଂଶିଦାରୀ ପାଖାପାଖି ୭୬ ପ୍ରତିଶତ ରହୁଛି। ଏଥିରେ ବୈଶ୍ୱିକ ସ୍ତରରେ ଜୀବନ ବୀମା ପ୍ରିମିୟମରେ ଜୀବନ ବୀମା ବ୍ୟବସାୟର ଅଂଶ ୨୦୨୧ରେ ୪୩.୭ ପ୍ରତିଶତ ଥିଲା। ଏହି ସମୟରେ ଅଣ ଜୀବନ ବୀମା ପ୍ରିମିୟମର ଭାଗିଦାରୀ ୫୬.୩ ପ୍ରତିଶତ ରହିଛି। ଅଧିକାରୀ କହିଛନ୍ତି ଯେ ଏକ ଜୀବନ୍ତ ବୀମା କ୍ଷେତ୍ର ବଜାରର ସ୍ଥିରତାକୁ ପ୍ରୋତ୍ସାହନ ଦେଇଥାଏ ଓ ଆର୍ଥିକ ଝଟକାକୁ ସହନ କରିଥାଏ, ଦୀର୍ଘ କାଳୀକ ପୁଞ୍ଜି ଉପଲବ୍ଧ କରାଇ ଥାଏ ଓ ରୋଜଗାର ସୃଷ୍ଟି କରେ ଏହାକୁ ନଜରରେ ରଖି ସରକାର ଏହି କ୍ଷେତ୍ରରେ ଏଫଡିଆଇ ସୀମାକୁ ୭୪ ପ୍ରତିଶତରୁ ବୃଦ୍ଧି କରି ୧୦୦ ପ୍ରତିଶତ କରିବାକୁ ବିଚାର କରୁଛନ୍ତି।

# ସୁରକ୍ଷା ବାଡ଼ ନ ଥିବାରୁ ବିପଦ ସଂକୁଳ ଅବସ୍ଥାରେ ଭୁଦୋବର ସ୍କୁଲ

**ସୁବର୍ଣ୍ଣପୁର,୬।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ଉଲୁଣ୍ଡା ବ୍ଲକ ମହଦା ଗ୍ରାମପଞ୍ଚାୟତ ର ଭୁଦୋବର ଗ୍ରାମରେ ଥିବା ପ୍ରାଇମେରୀ ସ୍କୁଲ ଏବେ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥା ରେ ରହିଛି। ସୋନପୁର ରେଢ଼ାଖୋଲ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ଏହି ସ୍କୁଲ ସାମ୍ନାରେ ପ୍ରତିଦିନ ଜିଲ୍ଲା ପ୍ରଶାସନର ଅଧିକାରୀ, ମନ୍ତ୍ରୀ,ଯନ୍ତ୍ରୀ ମାନେ ଯାତାୟାତ କରୁଥିଲେ ମଧ୍ୟ କାହା ନଜରରେ ଏହା ଆସୁନାହିଁ। ସ୍କୁଲ ପରିସର ଭିତରେ ୨ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ଦ୍ୱାରା ଉକ୍ତ ପରିସରକୁ ପ୍ରତିଦିନ ୬୦ରୁ ଅଧିକ କୋମଳମତି ଛାତ୍ରଛାତ୍ରୀ ଙ୍କ ଗତାଗତ ରହିଛି ହେଲେ ରାସ୍ତାକଡରେ ଥିବା ଏହି ସ୍କୁଲରେ ସୁରକ୍ଷା ବାଡ଼ ନଥିବା ହେତୁ ସ୍କୁଲ ର ଛାତ୍ର ଛାତ୍ରୀମାନେ ଯିବାଆସିବା ସମୟରେ ସ୍କୁଲ ର ଶିକ୍ଷୟିତ୍ରୀ ଦୁଇଜଣ ମଧ୍ୟ ପିଲାଙ୍କୁ ରାସ୍ତା ପାର୍ କରାଇବାରେ



ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି।ଏ ସବୁର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ସମୟରେ ସେ ଅଞ୍ଚଳର ଅଧିବାସୀ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ସମୟରେ ଉଚ୍ଚକର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅତ୍ୟନ୍ତ କ୍ଷୋଭ ର ସହ କହିଛନ୍ତି ଗ୍ରାମବାସୀ। ତେଣେ ସ୍କୁଲରେ ପ୍ରାଚୀର ନଥିବା ହେତୁ ସଂଧ୍ୟା ହେଲେ ସ୍କୁଲ ବାରଂଡାରେ ଅସାମାଜିକ ଯୁବକ ଙ୍କ ଆଡ୍ଡା ହେବାସହ ମଦ୍ୟପାନର ଆସର ଜମୁଛି। ଏପରିକି ସକାଳୁ ସେଠାରେ ପଡିଥିବା ମଦ ପାଉଚ ଜରି, ମଦବୋତଲ ଖାଲିପାଣିବୋତଲ ସବୁ ପଡ଼ିଥିବା ଦେଖି କୋମଳ ମତି ଛାତ୍ରଛାତ୍ରୀ ମାନଙ୍କ ମନସ୍ତାତ୍ତ୍ୱିକ ରେ ଏକ ଖରାପ ପ୍ରଭାବ ପଡୁଥିବା ଦେଖାଯାଉଛି ।

# ବାହାଘର ପୂର୍ବରୁ, ମିଳିଲା ଶବ



**ଭେଡେନ,୬।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାର ଭେଡେନ ବ୍ଲକର ସଂକ୍ରିଡା ପଞ୍ଚାୟତ ଅଧୀନ ସଂକ୍ରିଡା ଗ୍ରାମର ଉତ୍ତମରାଜ ପୁରୋହିତଙ୍କ ବଡ଼ ପୁଅ ସୃଜନ ସମ୍ବିତ ପୁରୋହିତ, ବୟସ ୨୮ ବର୍ଷ, ତାଙ୍କର ବିବାହ ନଭେମ୍ବର ୨୫ ତାରିଖରେ ହେବାକୁ ଥିଲା। ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ସେ ବାଲୁଗାଁରେ ଥିବା ଆଇସିଆଇସିଆଇ ବ୍ୟାଙ୍କରେ ଆସିଷ୍ଟାଣ୍ଟ ବ୍ରାଞ୍ଚ ପରିଚାଳକ ଭାବେ କାର୍ଯ୍ୟରତ ଥିଲେ ଏବଂ ବାଲୁଗାଁରେ ଥିବା ଭଡା ଘରେ ରବିବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ସୋମବାର ଦିନ ବ୍ୟାଙ୍କକୁ ଆସିନଥିବାରୁ ବ୍ୟାଙ୍କ କର୍ମଚାରୀମାନେ ତାଙ୍କର ଭଡା ଘରକୁ ଯାଇଥିଲେ, କିନ୍ତୁ ତାଙ୍କୁ ଡାକିବା ଚେଷ୍ଟା କଲେ ମଧ୍ୟ କୌଣସି ଉତ୍ତର ମିଳିଲାନି। ପରେ ପୋଲିସ ଆସି ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ବାଲୁଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲେ।ଏହି ଦୁଃଖଦ ଘଟଣା ଖବର ପାଇଁ ସଂକ୍ରିଡା ଗ୍ରାମରେ ଏକ ଶୋକର ଛାୟା ଖେଳିଯାଇଛି। ମୃତ ଶରୀର ଦର୍ଶନ ପାଇଁ ବହୁ ସଂଖ୍ୟକ ଆତ୍ମୀୟ, ମିତ୍ର ପରିଜନ, ଓ ସଂକ୍ରିଡା ଗ୍ରାମର ସମସ୍ତ ଲୋକ ସଂଖ୍ୟାରେ ଉପସ୍ଥିତ ଥିଲେ। ଗ୍ରାମରେ ମୃତ ଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ଦୂରଦୂରାନ୍ତରରୁ ବହୁ ଆତ୍ମୀୟ ଓ ପରିଚିତ ମଣିଷମାନେ ଆସିଥିଲେ। ପରେ ଶବାଧାରରେ ସମିଲ ହୋଇ ସଂକ୍ରିଡା ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ କରାଯାଇଥିଲା। ତାଙ୍କର ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ବାଲୁଗାଁ ପୋଲିସ କହିଛି। ଶେଷରେ ସ୍ୱର୍ଗତ ପୁରୋହିତଙ୍କ ସାନଭାଇ ଶୁଭେନ୍ଦୁ ଶେଖର ପୁରୋହିତ ମୁଖାଗ୍ନି ଦେଇଥିଲେ।

# ଗରିବଙ୍କୁ ଆବାସ ସାଜିଛି ଉପହାସ

## ବିଜେଡି ସରକାରର ନଗ୍ନ ନମୁନା

**କଳାହାଣ୍ଡି,୬।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ଗ୍ରାମର ନୀଳମଣି ନାଏକ ଙ୍କ ପୂର୍ବପୁରୁଷ ଥିଲେ ଦିନେ ଗାଁ ର ଗଉନ୍ତିଆ । ପାଖରେ ଥିଲା ଶହ ଶହ ହେକ୍ଟର ଜମି ଏବଂ ଅମାପ ସମ୍ପତ୍ତି । କିନ୍ତୁ ପରିସ୍ଥିତି ଏମିତି ହେଲା ତାଙ୍କ ଦାୟାଦ ଏବେ ବାଉଁଶ ବୁଦା ତଳେ ଖରା, ବର୍ଷା ଓ ଶୀତ କୁ ସାଥି କରି ଦୁଃଖର ସହିତ ଜୀଓ୍ୱନ ବିତାଉଛନ୍ତି । ପାଖରେ ନା ଅଛି ଜାଗା,ନା ଅଛି ଘର, ଏବଂ ନା ଅଛି ପରିବାର । ନୀଳମଣି ଓ ତାଙ୍କ ସ୍ତ୍ରୀ ସିନା ନାଏକ ଏବଂ ଗୋଟିଏ ଝିଅକୁ ନେଇ ଏକ ହସର ଖୁସିର ସଂସାର ଥିଲା । ହେଲେ ଦିନେ ଏହି ପରିବାର ଉପରେ ଦୁଃଖର ପାହାଡ଼ ଝଡି ପଡିଲା । ସ୍ତ୍ରୀ ସିନା ନାଏକ ପାଗଳି ହୋଇଗଲେ । ଜମିବାଡ଼ି ଘର ଦ୍ୱାର କିଛି ନଥିବାରୁ ଗ୍ରାମର ଜଣେ ବଦାନ୍ୟ ବ୍ୟକ୍ତି ନୀଳମଣି କୁ ଘର ନିର୍ମାଣ ପାଇଁ କିଛି ଜାଗା ଦେଇଥିଲେ । ସେଠାରେ ସେ ରହିବା ପାଇଁ ଘର ଖଣ୍ଡେ ନିର୍ମାଣ କରିଥିଲା ,ହେଲେ ବର୍ଷା ପବନରେ ଘର ମଧ୍ୟ ଭାଙ୍ଗି ଗଲା । ନୀଳମଣି



ଝିଅକୁ ବାହା ଦେବା ପାଇଁ ସମ୍ବଳନ ଥିବା ବେଳେ ଲୋକେ ଝିଅ ବାହା କରାଇଦେଲେ । ବର୍ତ୍ତମାନ ଏହି ପରିବାର କୁ ଆହା କରିବାକୁ କେହି ନ ଥିବା ବେଳେ ସାହା ହେବା ପାଇଁ ମଧ୍ୟ କେହି ନାହାନ୍ତି। ବିଗତ ୭ ବର୍ଷ ହେଲା ଏକ ବାଉଁଶବୁଦା ତଳେ ଜରିପାଳ କୁ ଟାଙ୍ଗି ରହୁଛନ୍ତି । କାଳେ କେଉଁଆଡ଼େ ସେ ଚାଲିଯିବ ଭାବି ପାଗଳ ସ୍ତ୍ରୀକୁ ରାତିଦିନ ଜଗି ବସିଛନ୍ତି । ଦୟା କରି ଲୋକେ ଦେଲେ ଖାଆନ୍ତି ନ ହେଲେ ଉପାସରେ ମଧ୍ୟ ଦିନ କାଟନ୍ତି ।ନୀଳମଣି ନାଏକ ଅତ୍ୟନ୍ତ ଗରିବ ହୋଇଥିବା ବେଳେ ବୟସ ମଧ୍ୟ ୬୫କୁ ଛୁଇଁଲାଣି । ଆଜି ପର୍ଯ୍ୟନ୍ତ ଭତ୍ତା ପାଇଁ ଯୋଗ୍ୟ ବିବେଚିତ ହୋଇ ପାରୁନାହାନ୍ତି । ଘର ଭାଙ୍ଗି ଯାଇଥିବାରୁ ବାଉଁଶ ବୁଦା ତଳେ ଜୀଓ୍ୱନ କୁ ବାଜି ଲଗାଇ ସେଠାରେ ରହୁଛନ୍ତି । ଖରା,ବର୍ଷା, ଶୀତ କୁ ସାଙ୍ଗ କରି ଜୀଓ୍ୱନ କୁ ଅତି ବାହିତ କରୁଛନ୍ତି ।ନୀଳମଣି ରହୁଥିବା ଜାଗା ଦେଇ ଅନେକ ନେତା, ମନ୍ତ୍ରୀ, ସରପଞ୍ଚ ଯିବା ଆସିବା କରନ୍ତି, ହେଲେ କାହାରି ମଧ୍ୟ ନୀଳମଣିଙ୍କ ଉପରେ ଦୃଷ୍ଟି ପଡେ ନାହିଁ । ନୀଳମଣି ମଧ୍ୟ ଘର ଓ ଖଣ୍ଡିଏ ଭତ୍ତା ପାଇଁ ସରପଞ୍ଚ ଠାରୁ ଆରମ୍ଭ କରି ବିଡ଼ିଓ ପର୍ଯ୍ୟନ୍ତ ଜଣାଇଛନ୍ତି ହେଲେ କେହି ମଧ୍ୟ ତାଙ୍କ କଥା କୁ କର୍ଣ୍ଣପାତ କରିନାହାନ୍ତି । ୨୪ ବର୍ଷ ର ବିଜେଡି ସରକାର କଥା କଥା କେ ଗରିବର ସାଥି ବୋଲି ଡିଣ୍ଡିମ ପିଟୁଥିଲେ, ହେଲେ ବିଜେଡି ସରକାର ଶାସନ ସମୟରେ ଅନେକ ଗରିବ ପରିବାରଙ୍କୁ ଉପହାସ କରାଯାଉଥିବା ନେଇ ନୀଳମଣି ଏକ ନଗ୍ନ ନମୁନା ଦେଖା ଯାଉଛି । ସତରେ ନୀଳମଣି କେତେ ବର୍ଷ ନିଜର ପାଗଳି ସ୍ତ୍ରୀ କୁ ବାଉଁଶ ବୁଦା ତଳେ ଜଗି ବସିଥିବା ନା ସରକାରୀ ସୁବିଧା ଯୋଗାଇ ଦିଆଯିବ ତାହା ଦେଖିବାକୁ ବାକି ରହିଲା ।

# ମା'ବରୁଣେଇ ମନ୍ଦିରରେ ନାମ ସଂକୀର୍ତ୍ତନ

**ବାଲିଅନ୍ତା,୬।୧୧(ସଂଚାର ବ୍ୟୁରୋ):** ଜୟଦେବ ଗ୍ରାମ ପଂଚାୟତ ରେ ଶ୍ରୀ ଶ୍ରୀ ଜୟଦେବ ନାମ ସଂକ୍ରିତନ ମଣ୍ଡଳୀ ଦ୍ୱାରା ଆୟୋଜିତ କରାଯାଇଥିଲା ନାମ ସଂକ୍ରିତନ କାର୍ଯ୍ୟକ୍ରମ ଏହା ଜୟଦେବ ପୀଠ କେନ୍ଦୁବିଲ୍ୱ ରୁ ଆରମ୍ଭ ହୋଇଥିଲା ଏବଂ ଗ୍ରାମ ପରିକ୍ରମା କରି ମା ବରୁଣେଇ ମନ୍ଦିର ରେ ନାମ ସଂକ୍ରିତନ ପରିବେଷଣ କରିଥିଲେ କାକରୁଦ୍ରପୁର ମା ମଙ୍ଗଳା ସଂକ୍ରିତନ ମଣ୍ଡଳୀ ଏଂବ ଝିଣ୍ଟି ସଂକ୍ରିତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମ କୁ ମହାସଂଘ ର ଗୁରୁ ଶ୍ରୀଯୁକ୍ତ ନରେନ୍ଦ୍ର ପଟ୍ଟସାହାଣୀ ଏଂବ ଗୁରୁ ସର୍ବେଶ୍ୱର ପ୍ରଧାନ ଯୋଗ ଦେଇ କବି ଜୟଦେବ ଏଂବ ଏଂବ ମହାପ୍ରଭୁ ଜଗନ୍ନାଥ ଙ୍କ କଥା ବସ୍ତୁ ଏଂବ ଶ୍ରୀ ଚୈତନ୍ୟ ଙ୍କ ବିଷୟରେ ସଂକ୍ରିତନ ରେ କଳାକାର ମାନେ ପରିବେଷଣ କରିଥିଲେ ଏହା କୁ ଜୋନ ସଭାପତି ସୁବାସ ଚନ୍ଦ୍ର ପରିଡା ଏଂବ ସମ୍ପାଦକ ବେଣୁଧର ସ୍ୱାଇଁ ମୁଖ୍ୟ ସଂକ୍ରିତନ ପ୍ରଓ୍ୱକ୍ତା ବେଣୁଧର ସ୍ୱାଇଁ ଏଂବ କମିଟି ସଭ୍ୟ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ରୋଗୀଙ୍କୁ ଦେଖି ଚିହିଙ୍କି ଉଠିଲେ ଡାକ୍ତର

**ବୌଦ୍ଧ,୬।୧୧(ସଂଚାର ବ୍ୟୁରୋ):** ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ବୋଲି କୁହାଯାଏ । ଦେହ ଖରାପ ହେଲେ ରୋଗୀକୁ ଧରି ପରିବାର ଲୋକେ ମେଡିକାଲ ଧାଇଁ ଆସିଥାନ୍ତି। ଡାକ୍ତରଙ୍କ ଚିକିତ୍ସା ଦ୍ୱାରା ରୋଗୀଟି ଭଲ ହୋଇଯିବ ବୋଲି ସେମାନେ ଆଶା ରଖିଥାନ୍ତି। ମାତ୍ର ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି ଏହାର ଓଲଟା ଚିତ୍ର। ରାତି ଅଧରେ ଜଣେ ଅସୁସ୍ଥ ବୃଦ୍ଧଙ୍କୁ ଧରି ଆସିଥିବା ପରିବାର ଲୋକଙ୍କ ଉପରେ ବର୍ଷିଛନ୍ତି ଡାକ୍ତର ଶୁଭମ୍ ଚୌଧୁରୀ । ଚିକିତ୍ସା କରିବେ କ'ଣ ତାଙ୍କ ପ୍ରେସକ୍ରିପସନ୍ ଚିରି ମାରିବାକୁ ଉଦ୍ୟକ୍ତ ହୋଇଥିଲେ ଡାକ୍ତର। ଏଥିସହ




ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାକୁ ବି ସେ ପଛାଇ ନ ଥିବା ରୋଗୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରେସକିପସନ୍ ଚିରିଥିବା ଅଭିଯୋଗକୁ ଡାକ୍ତର ସ୍ୱୀକାର କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ବୌଦ୍ଧ ବଗିଚାସାହିର ୬୦ବର୍ଷ ବୟସ୍କ ସନ୍ତୋଷ ପଟ୍ଟନାୟକଙ୍କର ଦେହ ଅସୁସ୍ଥ ହେବାରୁ ୩ ଦିନ ତଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବାରୁ ସେ ଘରକୁ ଫେରିଥିଲେ। ମାତ୍ର ଗତକାଲି ରାତି ୧୧ଟାରେ ପୁଣିଥରେ ତାଙ୍କ ଦେହ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା। ରୋଗୀଙ୍କ ପରିବାର ସଦସ୍ୟ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପୂର୍ବ ପ୍ରେସକିପସନ୍ ଦେଖାଇ ତାଙ୍କର ବ୍ଲଡ ପ୍ରେସର ଚେକ୍ କରି ଚିକିତ୍ସା କରିବାକୁ ଅନୁରୋଧ କରିଥିଲେ।

# ଶ୍ୟାମା କାଳୀପୂଜା ମହୋତ୍ସବ ଉଦ୍‌ଯାପିତ

**ଭେଡେନ,୬।୧୧(ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ଅନ୍ତର୍ଗତ ଭେଡେନ ଗ୍ରାମପଂଚାୟତ ସ୍ଥିତ ଜାମଡୋଲଗ୍ରାମରେ ଅନୁଷ୍ଠିତ ହେଉଥିବା ୪୮ତମ ମାଁ ଶ୍ୟାମା କାଳୀପୂଜା ମହୋତ୍ସବ ଅବସରରେ ୫ଦିନ ଧରି ଅନୁଷ୍ଠିତ ହେଉଥିବା ମହିଷାସୁର ରାଜ କାର୍ଯ୍ୟକ୍ରମ ମହିଷାସୁର ବଧ ସହ ଉଦଯାପିତ ହୋଇଯାଇଛି। ହେଲେ ଯୁଦ୍ଧକ୍ଷେତ୍ରରେ ମାଁ ଦୁର୍ଗାଙ୍କ ହସ୍ତରେ ମହିଷାସୁର ମୃତ୍ୟୁ ବରଣ ହୋଇଛି। ଉଦଯାପନି ସମାରୋହରରେ ମୁଖ୍ୟଅତିଥି ଭାବରେ ଅତାବିରା ନିର୍ବାଚନ ମଣ୍ଡଳୀ ର ବିଧାୟକ ଯୋଗଦାନ କରିଥିବେଳେ ସମ୍ମାନିତ ପ୍ରମୁଖ ଅତିଥିଭାବରେ ଯୋଗଦାନ କରିଥିଲେ। ରାଜଦରବାର ମଞ୍ଚ ପରିଚାଳନା ଯାୟୁସ ଦଳେଇ କରିଥିବା ବେଳେ କମିଟିର ସଭାପତି ଉମାକାନ୍ତ ଭୋଇ,ଉପସଭାପତି ନିଳାଞ୍ଚଳ ମେହେର,ଠାକୁର ଦଳେଇ,ପିଣ୍ଟୁ ପାତ୍ର, ଅମିତ ପଣ୍ଡା, ରବୀନ୍ଦ୍ର ସାହୁ,ଘାସିରାମ କର୍ମୀ,ରବୀନ୍ଦ୍ର ପଧାନ, ତରଣୀ ସେନ ମେହେର,ସୁରେଶ ମେହେର,ଶମ୍ଭୁ ପଧାନ,ବିଶାଳ ଅଗ୍ରୱାଲ, କରୁଣାକର ମେହେର,ରାଜୁ ମେହେର,ସରୋଜ ପାତ୍ର, ଦୀପକ କୀର୍ତ୍ତି, ଥବିର ପାତ୍ର ଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିବା ବେଳେ ସେପଟେ ମାଁ ଶ୍ୟାମାକାଳୀ ପୂଜା ମଣ୍ଡପରେ ପଣ୍ଡିତ ସମୀର ରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ହୋମ ,ଯଜ୍ଞ ସହ ଚଣ୍ଡୀପାଠ ଅନୁଷ୍ଠିତ ହେବା ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ମହା ଆଳତି କାର୍ଯ୍ୟକ୍ରମରରେ ଅଂଚଳର ଶତାଧିକ ଭକ୍ତ ମାଁ ଦର୍ଶନ କରିବାପାଇଁ ପୂଜା ମଣ୍ଡପ ସମାଗମନ ହୋଇଥିଲା।

# ଜଙ୍ଗଲରେ ଅଟକିଛନ୍ତି ୬୬ ହାତୀ

**ବୈଶିଙ୍ଗା,୬।୧୧(ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ଅଧୀନରେ ଥିବା ୫୩ ଟିକିଆ ଝାଡଖଣ୍ଡୀ ହାତୀପଲ ବୁଧବାର ରାତି ସୁଦ୍ଧା ବେତନଟୀ ବ୍ଲକ ଅଧୀନ ଭାଲୁବସା, ଫୁଲଝରି, ନଡପୁର ଜଙ୍ଗଲରେ ଅଟକି ରହିଥିବାର ଦେଖାଯାଇଛି । ପ୍ରତ୍ୟେକ ଦିନ ରାତ୍ରୀ ସମୟରେ ଆଉ ଅଳ୍ପ ଦିନ ପରେ ଅମଳ ହେବାକୁ ଥିବା ଏକର ଏକର ଧାନ ଚାଷ କୁ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି । ସେହିପରି ବେତନଟୀ ରେଞ୍ଜ ବଡାମପୁର ସେକ୍ସନ ଅଧୀନର ବେଣାଶୁଳୀ , ଫାଲଝରି ଏବଂ କୁରାଡିକ ଜଙ୍ଗଲ ମଧ୍ୟରେ ୨ ଦନ୍ତା ଥିବା ବେଳେ କେସିପୁର ଜଙ୍ଗଲ ମଧ୍ୟରେ ୧୧ ଟି ହାତୀ ଅଟକି ରହିଥିବା ଜଣାଯାଇଛି । ବେତନଟୀ ସେକ୍ସନ ଏବଂ ବଡାମପୁର ସେକ୍ସନ ଅଧୀନରେ ଥିବା ମୋଟ ୬୬ଟି ହାତୀ ର ଗତିବିଧି ଉପରେ ବନବିଭାଗର ବେତନଟୀ ରେଞ୍ଜ ଅଧିକାରୀ ମନଓ୍ୱର ଖାଁ , ବେତନଟୀ ବନପାଳ ପ୍ରଶାନ୍ତ ସିଂ ସାମନ୍ତ ,ବଡାମପୁର ବନପାଳ ଦୀପକ କୁମାର ପାତ୍ର , ସମସ୍ତ ବନରକ୍ଷୀ ଏବଂ ଗଜସାଥୀ ମାନେ ସମ୍ପୂର୍ଣ୍ଣ ଭାବେ ନଜର ରଖି ଥିବାର ଦେଖିବାକୁ ମିଳିଛି ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ପୋଲିସଙ୍କ କାମକୁ ଲୋକଙ୍କ ପ୍ରଶଂସା



**ନୂଆପଡା,୬।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଅନେକ ଦିବ୍ୟାଙ୍ଗ, ଅନ୍ଧ, ମୁକ, ବଧିର, ଙ୍କ ଚେର୍ଟିଫିକେଟ ଓ ସଚେତନତା ପାଇଁ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସିନାପାଲି ଥାନା ପୋଲିସ ସବ ଇନିସ୍ପେକଟର ଅଶୋକ କୁମାର ପରିଡା ଙ୍କ ଦିବ୍ୟାଙ୍ଗ ପ୍ରତି କାର୍ଯ୍ୟକ୍ରମ ରେ ସହଯୋଗ କୁ ଆଜି ବିଭିନ୍ନ ମହଲରୁ ପ୍ରସଂଶା ର ଲୁହ ଦେଖିବାକୁ ମିଳିଥିଲା । ସେ ଜଣେ ଦକ୍ଷ ପୋଲିସ କର୍ମଚାରୀ ଅଟନ୍ତି ବୋଲି ଲୋକେ ମତ ପ୍ରକାଶ କରିଥିଲେ । ସେ ପ୍ରଥମେ ଯୋଙ୍କ ଥାନା ରେ ଥିଲେ ସେଥି ମଧ୍ୟ ତାଙ୍କ ର ଅନେକ ମହତ୍ୱ କାର୍ଯ୍ୟ କୁ ପ୍ରଶଂସା କରିଥିଲେ ବର୍ତ୍ତମାନ ଅଗଷ୍ଟ ମାସ ୨୦୨୪ ରେ ସିନାପାଲି ଥାନାରେ କାର୍ଯ୍ୟରତ ଅଛନ୍ତି ।

# ସାନ୍ତାଳୀଙ୍କର ନିଆରା ପରମ୍ପରା 'ସହରାୟ' ପର୍ବ



**ବୈଶିଙ୍ଗା,୬।୧୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ଭାନୁପୁର ଗ୍ରାମରେ ଏହି ନିଆରା "ସହରାୟ" ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରାପ୍ତ ସୂଚନା ମୁତାବକ ଏହି ପର୍ବଟି ସାନ୍ତାଳ ମାନଙ୍କର କାଳୀପୂଜା ଅମାବସ୍ୟାରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ରେ ଶେଷ ହୋଇଥାଏ। ଏହି ପର୍ବଟି ପାଞ୍ଚ ଦିନ ଧରି ଚାଲିଥିବା ବେଳେ ପ୍ରଥମ ଦିନରେ ଗ୍ରାମବାସୀଙ୍କ ସହିତ ଗ୍ରାମର ପୂଜକ(ନାଏକେ) ପଡିଆରେ ପୂଜାର୍ଚ୍ଚନା କରି ଗୋରୁ ଗାଈ ମାନଙ୍କୁ ଅଣ୍ଡା ମଡା କରିଥିଲେ । ଦ୍ୱିତୀୟ ଦିନରେ ସନ୍ଧ୍ୟା ସମୟରେ ସମସ୍ତ ଗୁହାଳକୁ ଯାଇ ଗୋରୁ ଗାଈଙ୍କୁ ସମୂହ ବନ୍ଦନା ଗୀତ ଗାଇ ବନ୍ଦାପନା କରାଯାଇଥିଲା। ତୃତୀୟ ଦିନରେ ଗ୍ରାମବାସୀ ମାନେ ସମସ୍ତଙ୍କ ଗୋଟିଏ ଗୋଟିଏ ଗୋରୁକୁ ସୁ-ସଜ୍ଜିତ କରି ପଡିଆରେ ବନ୍ଧା ଯାଇଥିଲା। ସମସ୍ତେ ନିଜ ନିଜ ଗୋରୁଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରି ଧୂମ୍‌ସା,ମାଦଳ ଓ ନାଗରା ବଜାଇ ନୃତ୍ୟ ଗୀତରେ ମସଗୁଲ ହୋଇଥିଲେ । ଏହି ବନ୍ଦାଣ ପର୍ବକୁ ଉପଭୋଗ କରିବା ପାଇଁ ଶତାଧିକ ଲୋକେ ସାଂସ୍କୃତିକ ବେଶ ପୋଷାକରେ ସାମିଲ୍ ମଧ୍ୟ ହୋଇଥିଲେ। ଏହି କାର୍ଯ୍ଯକ୍ରର୍ମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ରୂହ୍ୟା ହାଁସଦାଃ,ଅଜୟ ମୁର୍ମୁ, ଭାଗବତ ମୁର୍ମୁ, ଶିବାନ ବେଶ୍ରା,ସିଦ୍ଧେଶ୍ୱର ମୁର୍ମୁ,ମଙ୍ଗଳ ମୁର୍ମୁ, ବାଇଧର ଟୁଡୁ, ବିଷ୍ଣୁମ ଟୁଡୁ, ସର୍ବେଶ୍ୱର ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ଘରେ ଲାଗିଲା ନିଆଁ, ଜଳିଗଲେ ମାଆ, ଝିଅ

**ସମ୍ବଲପୁର,୬।୧୧(ସଂଚାର ବ୍ୟୁରୋ):** ଜିଲ୍ଲାର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ହାଟପଦାରେ ଘଟିଛି ଅଭାବନୀୟ ଘଟଣା। ନିଆଁରେ ପୋଡ଼ି ହୋଇ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି ବୃଦ୍ଧା ମା' ଓ ଝିଅ। ତେବେ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି, ନା ଏହା ପଛରେ କିଛି ଷଡଯନ୍ତ୍ର ଅଛି ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ୍। ମୃତା ମା'ଝିଅଦ୍ୱୟ ହେଲେ ୯୦ ବର୍ଷୀୟା ସ୍ନେହଲତା ଦୀକ୍ଷିତ ଓ ତାଙ୍କ ଝିଅ ୬୨ ବର୍ଷୀୟା ସୌରେନ୍ଦ୍ରି ଦୀକ୍ଷିତ । ଗତ ରାତିରେ ମା' ଝିଅ ହାଟପଦାସ୍ଥିତ ନିଜ ଘରର ଉପର ମହଲାରେ ଥିବା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। କେବଳ ଉପର ମହଲାରେ ହିଁ ନିଆଁ ଲାଗିଥିବା ବେଳେ ମା'ଝିଅ ତା' ଭିତରୁ ବାହାରି ନ ପାରି ଚିତ୍କାର କରିଥିଲେ। ଆଖପାଖ ଲୋକେ ଏହା ଶୁଣି ତୁରନ୍ତ ପୁଲିସ୍ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରି ମା'ଝିଅକୁ ଭିତରୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ଉଭୟ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ। ଉଭୟ ମା' ଝିଅ ରହୁଥିବା ବିଲ୍ଡିଂର ତଳ ମହଲା ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ବେଳେ ଉପର ମହଲାରେ କିପରି ନିଆଁ ଲାଗିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ବିଦ୍ୟୁତ୍ ସର୍ଟ ସର୍କିଟଜନିତ ଦୁର୍ଘଘଟଣା ନା



ଏହା ପଛରେ ଆଉ କିଛି ଷଡଯନ୍ତ୍ର ଅଛି ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ୍। ଏଥିସହ ଉଭୟଙ୍କ ପରିବାରରେ ଆଉ କିଏ କିଏ ସଦସ୍ୟ ଅଛନ୍ତି, ସେମାନେ କେଉଁଠି ଅଛନ୍ତି ଓ ମା' ଝିଅଙ୍କ ସହ ସେମାନଙ୍କ ସମ୍ପର୍କ କିପରି ଅଛି ତାହାର ବି ତଦନ୍ତ କରୁଛି ପୁଲିସ୍।

# ସୋନପୁର ସଦର ଥାନାରେ ଆଇଆଇସି ଭାବେ ଯୋଗ ଦେଲେ ରଞ୍ଜିତ କୁମାର ସାହୁ



**ସୁବର୍ଣ୍ଣପୁର,୬।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ସଦର ଥାନାର ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ ରଞ୍ଜିତ କୁମାର ସାହୁ ଯୋଗଦାନ କରିଛନ୍ତି। କିଛି ଦିନ ପାଇଁ କାର୍ଯ୍ୟରତ ଥିବା ଆଇଆଇସି ଭୋଜରାଜ ସାଙ୍କ ନିକଟରୁ ସେ ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ଏହା ପୂର୍ବରୁ ରାମପୁର ଓ ଲଛିପୁର ଥାନାର ଆଇଆଇସି ଭାବେ ଦକ୍ଷତା ର ସହ କାର୍ଯ୍ୟ କରିଥିଲେ। ଜିଲ୍ଲା ସଦର ମହକୁମାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବା ସହ ବେଆଇନ ନିଶା କାରବାର ବନ୍ଦ କରିବା ଓ ଆଗକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଧାରଣ ଜନତା ଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ନେଇ ସୂଚନା ଦେଇଛନ୍ତି ଶ୍ରୀ ସାହୁ। ଏଠାରେ କାର୍ଯ୍ୟରତ ଭାରପ୍ରାପ୍ତ ଆଇଆଇସି ସାଙ୍କୁ ଏବେ ଲଛିପୁର ଥାନା ଓ ଛୁଟିରେ ଥିବା ଆଇଆଇସି ମାହାଣା ଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ବାହାର ରାଜ୍ୟ ରୁ ଆସୁଥିବା ଶହ ଶହ ସଂଖ୍ୟାରେ ରିଫ୍ୟୁଜି ଙ୍କୁ ଚିହ୍ନଟ କରିବା ଓ ବିଭିନ୍ନ ଜାଗାରେ ତମ୍ବୁ ମାରି ରହୁଥିବା, ଖାଲି ପଡ଼ିଥିବା ଷ୍ଟଲ୍ ମାନଙ୍କ ରେ ରହୁଥିବା ଏଭଳି ଲୋକ ଙ୍କ ଦ୍ୱାରା ବଢୁଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ କୁ ନିୟନ୍ତ୍ରଣାଧୀନ କରିବା ଦିଗରେ ମଧ୍ୟ ଗୁରୁତ୍ୱ ଦେବାକୁ, ସହର ରେ କଡା କଡି ପେଟ୍ରୋଲିଂ କରିବାକୁ, ଟ୍ରାଫିକ ବ୍ୟବସ୍ଥା ର ସୁଧାର ଆଣି ଦୁର୍ଘଟଣା ରୋକିବାକୁ ଓଡ଼ିଶା ସାମ୍ବାଦିକ ସଂଘ ର ଏକ ପ୍ରତନିଧି ଦଳ ଶ୍ରୀ ସାହୁ ଙ୍କୁ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ସାହୁ ମଧ୍ୟ ସହର ରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ଅଧିକ ରୁ ଅଧିକ ଉଦ୍ୟମ ଜାରି ରଖିବି ବୋଲି ସାମ୍ବାଦିକ ଙ୍କୁ ସୂଚନା ଦେଇଛନ୍ତି।

# ବିର୍ସା ମୁଣ୍ଡାଙ୍କ ସ୍ମୃତିରେ ଚିତ୍ର କର୍ମଶାଳା




**ଭୁବନେଶ୍ୱର,୬।୧୧(ସଂଚାର ବ୍ୟୁରୋ):** ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ସମାରୋହ ପାଳନ ଉଦ୍ଦେଶ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସସିଏସଟିଆରଟିଆଇ) ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଚିତ୍ର କର୍ମଶାଳା ଉଦଯାପିତ ହୋଇଯାଇଛି । ଉଦଯାପନ ସମାରୋହରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ, ବିଭୁତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବ୍ରତ ମଲ୍ଲିକ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦଯାପନୀ ସମାରୋହରେ ସାମିଲ ହୋଇ ଶ୍ରୀଯୁକ୍ତ ସେଠୀ ନିଜର ଖୁସି ବ୍ୟକ୍ତ କରିବା ସହ ହଜିଯାଉଥିବା ବିପ୍ଳବୀମାନଙ୍କୁ ପୁଣି ଥରେ ମନେପକାଇବାର ଏହି ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ସେ କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିବା ଜନଜାତୀୟ ଗୌରବ ଦିବସ ଏବେ ସବୁ ରାଜ୍ୟର ରାଜଧାନୀ, ସଦରମହକୁମା ଓ ବ୍ଲକସ୍ତରରେ ଭବ୍ୟ ଭାବରେ ପାଳନ କରାଯିବ । ଏହା ହେବ ସେହି ମହାନ ଆତ୍ମା ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ସେ ଏହାମଧ୍ୟ କହିଥିଲେ ଯେ, ବିର୍ସା ମୁଣ୍ଡା ଥିଲେ ସତ୍ୟର ପୂଜାରୀ ଏବଂ ତାଙ୍କ ବିପ୍ଳବ 'ସତ୍ୟର ବିଜୟ'ର ନିଦର୍ଶନ। ଏହି ରାଜ୍ୟସ୍ତରୀୟ କର୍ମଶାଳାର ଆୟୋଜନ ଫଳରେ ରାଜ୍ୟ ସରକାରଙ୍କ ଦ୍ୱାରା ବିର୍ସା ମୁଣ୍ଡାଙ୍କୁ ସମ୍ମାନ ଜଣାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି।

# ମର୍ମନ୍ତୁଦ ସଡକ ଦୁର୍ଘଟଣା ୨ ମୃତ, ଜଣେ ଗୁରୁତର



**କୋଣାର୍କ,୬।୧୧(ସଂଚାର ବ୍ୟୁରୋ):** ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟେ ଏକଟା ସମୟରେ କୋଣାର୍କ-ପିପିଲି ରାସ୍ତାର ଜୁଣେଇ ବଜାର ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଦୁଇ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇ ଥିବା ସୂଚନା ମିଳିଛି । ମିଳିଥିବା ସୂଚନାନୁଯାୟୀ ତିନିଜଣ ଯୁବକ ବିଶ୍ୱଜିତ୍ ସାହୁ (୩୦), ପ୍ରଦୀପ୍ ବେହେରା(୨୭) ଓ ଡ୍ରାଇଭର ତପନ କୁମାର ସାହୁ(୨୭) ଏକ ମାରୁତି ସୁଇଫିଟ୍ କାର ଓଡି ୦୨ ବିଟି ୫୩୬୧ ଯୋଗେ କୋଣାର୍କ ଅଭିମୁଖେ ଦୃତ ଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇ ଜୁଣେଇ ବଜାର ନିକଟ ରାସ୍ତା ପାର୍ଶ୍ୱରେ ଥିବା ଆମ୍ବ ଗଛରେ ପିଟି ହୋଇଥିଲା । ଫଳରେ ପ୍ରଚଣ୍ଡ ଶବ୍ଦ କରି କାରଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନ ଘର କାନ୍ଥରେ ପିଟି ହୋଇ ଅଟକି ଯାଇଥିଲା । ବିଳମ୍ବିତ ରାତିରେ ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କାର ଡୋରକୁ କାଟି କାର ମଧ୍ୟରେ ଥିବା ତିନିଜଣଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲେ ଯେ ଘଟଣା ସ୍ଥଳରେ ବିଶ୍ୱଜିତ ଓ ପ୍ରଦୀପଙ୍କର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା ।